# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, July 25/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 240 | ମୂଲ୍ୟ ₹୭/-





**ସିନ୍ଧୁଙ୍କୁ ହରାଇଲେ ଉନ୍ନତି**

ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି ସିନ୍ଧୁଙ୍କୁ ହରାଇଦେଇଛନ୍ତି ସ୍ୱଳ୍ପ ବୟସ୍କା ଉନ୍ନତି ହୁଦା।

୧୪

୦୨

**'ଡକାୟତ' ଫିଲ୍ମ ଶୁଟିଂ ବେଳେ ମୃଣାଳ, ଅଦିଭି ଆହତ**

'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂ ସେଟ୍‌ରେ ଅଭିନେତ୍ରୀ ମୃଣାଳ ଠାକୁର ଓ ଅଭିନେତା ଅଦିଭି ସେଷ ଆହତ ହୋଇଥିବା ଜଣାପଡ଼ିଛି।






ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅନ୍ତର୍ଗତ ପେଣ୍ଡିଲି ଗ୍ରାମପଞ୍ଚାୟତର ପଞ୍ଚୁପାଣ୍ଡବ ଗ୍ରାମକୁ ସ୍ଥାୟୀ ରାସ୍ତା ନ ଥିବାରୁ ଗୁରୁବାର ଜଣେ ଗର୍ଭବତୀଙ୍କୁ ଗ୍ରାମବାସୀ ପାଣି ଭର୍ତ୍ତି ହୋଇଥିବା ନାଳ ପାରକରି ହସ୍ପିଟାଲକୁ ନେଉଛନ୍ତି। **(ଫଟୋ: ପ୍ରମୋଦ କୁମାର ପତି)**

# ସହମତି ବୟସ ୧୬ ହେଉ

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଆମିକସ୍ କ୍ୟୁରି

ନୂଆଦିଲ୍ଲୀ,୨୪।୭(ପି.ଟି.)

ଯୌନ ସମ୍ପର୍କ କ୍ଷେତ୍ରରେ ସହମତି ପାଇଁ ବୈଧାନିକ ବୟସସୀମା ୧୮ ବର୍ଷରୁ ୧୬ ବର୍ଷକୁ ହ୍ରାସ କରାଯାଉ ବୋଲି ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। 'ନିପୁନ୍ ସାକ୍ସେନା ବନାମ କେନ୍ଦ୍ର ସରକାର' ମାମଲାରେ ଜୟସିଂ ସର୍ବୋଚ୍ଚ ଅଦାଲତଙ୍କୁ ସହାୟତା କରୁଛନ୍ତି। ୧୬ରୁ ୧୮ ବର୍ଷ ବୟସ ବର୍ଗର କିଶୋର କିଶୋରୀ ଯୌନ ଅପରାଧରେ ସମ୍ପୃକ୍ତ ହେଉଥିବାବେଳେ ପୋକ୍‌ସୋ ଆଇନ, ୨୦୧୨ ଏବଂ ଆଇପିସିର ଦଫା ୩୭୫ ଅଧୀନରେ ଏହାର ଖୋଲାଖୋଲି ଅପରାଧୀକରଣକୁ ସେ ଚ୍ୟାଲେଞ୍ଜ କରିଛନ୍ତି। ବର୍ତ୍ତମାନର ପ୍ରଚଳିତ ଆଇନ କିଶୋର କିଶୋରୀଙ୍କ ସହମତି ଭିତ୍ତିରେ ରୋମାଣ୍ଟିକ୍ ସମ୍ପର୍କକୁ ଅପରାଧ ଶ୍ରେଣୀରେ ବର୍ଗୀକୃତ କରିବା ସହ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଜୟସିଂ ଆହୁରି କହିଛନ୍ତି, ଆଇନ ବ୍ୟବସ୍ଥାରେ କିଶୋର କିଶୋରୀଙ୍କ ମଧ୍ୟରେ ସହମତିରେ ସମ୍ପର୍କକୁ ଭୁଲ୍‌ବଶତଃ ଦୁର୍ବ୍ୟବହାର, ସେମାନଙ୍କ ସ୍ୱାୟତ୍ତତାକୁ ଅଣଦେଖା, ପରିପକ୍ୱତା ଏବଂ ସହମତି ଦେବାର କ୍ଷମତା ସହ ସମାନ ବିବେଚନା କରାଯାଇଛି। ୨୦୧୩ର ଆପରାଧିକ ଆଇନ (ସଂଶୋଧନ) ଅଧିନିୟମ ଅଣାଯିବା ପର୍ଯ୍ୟନ୍ତ ୭୦ ବର୍ଷ ଧରି ସହମତି ବୟସ ୧୬ ବର୍ଷ ରହିଥିଲା। ଏହାକୁ ୧୮ ବର୍ଷକୁ ବଢ଼ାଯିବା ପଛରେ ଯଥାର୍ଥ ଦର୍ଶାଇବାର କୌଣସି ବାସ୍ତବ କାରଣ କିମ୍ବା ପ୍ରୟୋଗାତ୍ମକ ତଥ୍ୟ ନାହିଁ। ଜଷ୍ଟିସ୍ ବର୍ମା କମିଟି ସହମତି ବୟସ ୧୬ ବର୍ଷ ରଖିବା ପାଇଁ ସୁପାରିସ୍ କରିଥିବାବେଳେ ବିନା ବିତର୍କରେ ଏହାକୁ ୧୮ ବର୍ଷକୁ ବଢ଼ାଯିବା ଦ୍ୱାରା ଏହା କମିଟି ସୁପାରିସ୍ ବିରୋଧରେ ଯାଇଛି। ଆମିକସ୍ କ୍ୟୁରି କହିଛନ୍ତି, ଆଜିକାଲି କିଶୋର କିଶୋରୀମାନେ ଶୀଘ୍ର ଯୌବନ ପ୍ରାପ୍ତ ହେଉଛନ୍ତି ଏବଂ ନିଜ ପସନ୍ଦରେ ପ୍ରେମ ଓ ଯୌନ ସମ୍ପର୍କ ରଖିବାକୁ ସମର୍ଥ। ଜାତୀୟ ପରିବାର ସ୍ୱାସ୍ଥ୍ୟ ☞ପୃଷ୍ଠା-୪

# ୧୨ ଜିଲାରେ ସ୍ଥାପନ ହେବ ୨୩ ଶିଳ୍ପ

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଶିଳ୍ପ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୮ତମ ଷ୍ଟେଟ୍ ଲେଭଲ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୪,୯୮୨.୬୬ କୋଟି ଟଙ୍କାର ୨୩ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ରାଜ୍ୟର ୧୨ ଜିଲାରେ ୧୧,୯୩୩ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ପୋଷାକ ଓ ଟେକ୍ସଟାଇଲ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଓ ପାନୀୟ, ରାସାୟନିକ, ଔଷଧ, ଶକ୍ତି ଓ ନବୀକରଣୀୟ ଶକ୍ତି, ଆଇଟି ଓ ଆଇଟିଇଏସ୍, ପର୍ଯ୍ୟଟନ ଏବଂ ଏରୋସ୍ପେସ ଓ ପ୍ରତିରକ୍ଷା ଭଳି କୌଶଳଗତ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି। ଓଡ଼ିଶାର ଟେକ୍ସଟାଇଲ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ କେପିଆର୍ ମିଲ ଲିମିଟେଡ୍ ଖୋର୍ଦ୍ଧାରେ ୩୫୦ କୋଟି ଟଙ୍କା ନିବେଶ କରିବା ସହ ବାର୍ଷିକ ୪୬.୮ ନିୟୁତ ପୋଷାକ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ବୃହତ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ୫ ହଜାର ନିଯୁକ୍ତି ସୃଷ୍ଟି କରିବ। ସେହିପରି ଷ୍ଟିଲ ଓ ଡାଉନଷ୍ଟ୍ରିମ ଶିଳ୍ପ କ୍ଷେତ୍ରରେ ବିଦ୍ୟା ମିନେରାଲ୍‌ସ ପ୍ରା.ଲି. ସୁନ୍ଦରଗଡ଼ରେ ୦.୨୧ ଏମ୍‌ଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବ। ଏଥିପାଇଁ ୬୨୦ କୋଟି ଟଙ୍କା ନିବେଶ ସହ ୫୨୫ ନିଯୁକ୍ତି ସୃଷ୍ଟି ହେବ। ଜାଟିଆ ଷ୍ଟିଲ ଲିମିଟେଡ୍ ୪୫୧.୯୦ କୋଟି ଟଙ୍କା ନିବେଶରେ ଯାଜପୁରରେ ଷ୍ଟିଲ୍ ଷ୍ଟ୍ରକ୍ଟର ୟୁନିଟ୍ ସ୍ଥାପନ କରିବ। ଏହାଦ୍ୱାରା ପ୍ରାୟ ୧୭୫ ଜଣ କର୍ମନିଯୁକ୍ତି ପାଇପାରିବେ। ଆମଷ୍ଟେଡ୍ ଷ୍ଟିଲ ଫାଉଣ୍ଡ୍ରିଜ, ମାଙ୍କାଶ ଏଣ୍ଟରପ୍ରାଇଜେସ୍ ଓ ☞ପୃଷ୍ଠା-୪

# ଏମ୍‌ଜିଏନ୍‌ଆର୍‌ଇଜିଏସ୍: ନକଲି ଜବ୍ କାର୍ଡରେ ଓଡ଼ିଶା ୨ୟ

**ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଗତ ଜବ୍ କାର୍ଡରେ ବ୍ୟାପକ ଜାଲିଆତି ହୋଇଆସୁଛି। ଏହା ମାଧ୍ୟମରେ ଶ୍ରମିକଙ୍କ ରୋଜଗାର ନିମନ୍ତେ ଉଦ୍ଦିଷ୍ଟ ବିପୁଳ ଅର୍ଥ ଆତ୍ମସାତ କରାଯାଉଛି। ୨୦୨୪-୨୫ ଆର୍ଥିକବର୍ଷରେ ନକଲି ଜବ୍ କାର୍ଡ ହାତେଇବାରେ ବିହାର ଦେଶରେ ଶୀର୍ଷ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟରେ ରହିଥିବା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏହି ବର୍ଷରେ ଓଡ଼ିଶାରେ ମୋଟ ୭,୫୬୬ ନକଲି ଜବ୍‌କାର୍ଡକୁ ରଦ୍ଦ କରାଯାଇଛି। ସୂଚନା ଦିଆଯାଇପାରେ ୨୦୦୬ ଫେବୃଆରୀ ୨ରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କୁ ବର୍ଷକୁ ୧୦୦ ଦିନର କର୍ମ ଯୋଗାଣ ନିଶ୍ଚିତ କରିବା ପାଇଁ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ହେଲେ ଅନେକ ଅନିୟମିତତା ଓ ଦୁର୍ନୀତି ମଧ୍ୟରେ ଏହା ଛନ୍ଦି ହୋଇ ଚାଲିଛି। ବିଶେଷକରି ଜବ୍‌କାର୍ଡ ପାଇଁ ଆଧାର କାର୍ଡ ଦାଖଲ କରିବାକୁ କୁହାଯାଉଛି। କିନ୍ତୁ ଏହା ସତ୍ତ୍ୱେ ନକଲି ଜବ୍‌କାର୍ଡକୁ ରୋକାଯାଇପାରୁନାହିଁ। ଏଥିରୁ ବୁଝିହେଉଛି ଏ କ୍ଷେତ୍ରରେ ଜାଲିଆଲି କାର୍ଯ୍ୟକୁ ରୋକିବାରେ ଆଧାର ବିଫଳ ହୋଇଛି।**

## ଜାଲିଆତି ରୋକିବାରେ 'ଆଧାର' ବିଫଳ

ଭୁବନେଶ୍ୱର,୨୪।୭(ରବିନାରାୟଣ ଜେନା)

ଓଡ଼ିଶାରେ ଦାଦନ ସମସ୍ୟାର ଅନ୍ତ ହେଉନାହିଁ। ଏଥିପାଇଁ କେବଳ ଯେ ଓଡ଼ିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ ତାହା ନୁହେଁ, ଅଧିକାଂଶ ସମୟରେ ସରକାରୀ କଳର ଅପବ୍ୟବହାର ଏଥିପାଇଁ ମୁଖ୍ୟତଃ ଦାୟୀ। ଏହାସହ ଆଧାରକାର୍ଡକୁ ମୂଳ ପରିଚୟପତ୍ର ଭାବେ ଗ୍ରହଣ କରାଯାଉଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ମେଶିନ କାମ କରୁଛି, ଶ୍ରମିକଙ୍କୁ କାମଧନ୍ଦା ମିଳୁ ନ ଥିବାରୁ ସେମାନେ ଜୀବନଜୀବିକା ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଠିକାଦାରମାନେ ସରକାରୀ କର୍ମଚାରୀମାନଙ୍କ ସହିତ ସଲାସୁତ୍ରରା କରି ସରକାରୀ କାର୍ଯ୍ୟକୁ କେତେବେଳେ ବିଭିନ୍ନ ଯନ୍ତ୍ରପାତି ଜରିଆରେ କରାଉଛନ୍ତି ତ ଆଉ କେତେବେଳେ ଫେକ୍ ଜବ୍‌କାର୍ଡଧାରୀ ସୃଷ୍ଟି କରି ରାଜକୋଷରୁ ବିପୁଳ ଅର୍ଥ ଲୁଟି ନେଉଛନ୍ତି। ଫଳରେ ଶ୍ରମିକ ପେଟ ଉପାସ ରହୁଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶ ଭଳି ଜନବହୁଳ ରାଜ୍ୟରେ ଫେକ୍ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ଅତି ନଗଣ୍ୟସ୍ତରରେ ରହିଥିବାବେଳେ ଓଡ଼ିଶାରେ ଏମାନଙ୍କ ହାର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଦ୍ୱିତୀୟ ସର୍ବାଧିକ ରହିଛି। ଫଳରେ ଓଡ଼ିଶା ଯେଉଁ ଦାଦନକୁ ସେହି ଦାଦନପ୍ରବଣ ରାଜ୍ୟ ରୂପେ ପରିଗଣିତ ହେଉଛି। ଏଭଳି ଏକ ନିଛକ ସତ୍ୟ ଆମେ କହୁନାହୁଁ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଲୋକ ସଭାରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାଯାଇଛି। ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇବା ଲକ୍ଷ୍ୟ ନେଇ ୨୦୦୬ ଫେବୃଆରୀରୁ ଚାଲିଥିବା ଏହି ଯୋଜନା ଆରମ୍ଭରୁ ଏପର୍ଯ୍ୟନ୍ତ ଫେକ୍ ଜବ୍‌କାର୍ଡଧାରୀଙ୍କ ରାଜୁତି ଚାଲି ଆସିଛି। ପ୍ରକୃତ ଶ୍ରମିକଙ୍କୁ କାମଧନ୍ଦା ମିଳୁ ନ ଥିବାରୁ ସେମାନେ ବାହାର ରାଜ୍ୟକୁ ପେଟପାଟଣା ପାଇଁ ଯିବାକୁ ବାଧ ହେଉଛନ୍ତି।

ଲୋକ ସଭାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶ୍ୱାନ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫେକ୍ ଜବକାର୍ଡ ସମ୍ପର୍କିତ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ୭ଲକ୍ଷ ୫୯ହଜାର ୪୬୨ ଫେକ୍ ଜବ୍‌କାର୍ଡ ଧରା ପଡ଼ିଥିଲା। ଏଥିରେ ଉତ୍ତରପ୍ରଦେଶରେ ସର୍ବାଧିକ ୨ଲକ୍ଷ ୯୯ହଜାର ୩୫୪ ଫେକ୍ ଜବକାର୍ଡ ଧରାପଡ଼ିଥିବାବେଳେ ଏହା ତଳକୁ ଓଡ଼ିଶା ଦ୍ୱିତୀୟ ସର୍ବାଧିକ ରହିଥିଲା। ରାଜ୍ୟରେ ଉକ୍ତ ବର୍ଷ ୧ଲକ୍ଷ ୧୪ହଜାର ୪୫୪ ଫେକ୍ ଜବ୍‌କାର୍ଡଧାରୀଙ୍କୁ ଯାଞ୍ଚ ବେଳେ ଧରାଯାଇଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ମୋଟ ଫେକ୍ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ହ୍ରାସ ପାଇ ୨ଲକ୍ଷ ୮୯ହଜାର ୬୨୬ରେ ପହଞ୍ଚିଥିଲା। ଉକ୍ତ ବର୍ଷ ସର୍ବାଧିକ ଉତ୍ତରପ୍ରଦେଶରେ ୧ଲକ୍ଷ ୪୭ହଜାର ୩୯୭ଟି ଫେକ୍ ଜବ୍‌କାର୍ଡ ଧରାଯାଇଥିବାବେଳେ ଓଡ଼ିଶା ତୃତୀୟସ୍ଥାନରେ (୨୨,୨୬୪) ରହିଥିଲା। ଦ୍ୱିତୀୟରେ ମଧ୍ୟପ୍ରଦେଶ ରହିଥିଲାବେଳେ ସେଠାରେ ୨୩,୦୨୯ ଫେକ୍ ଜବ୍‌କାର୍ଡ ଧରାପଡ଼ିଥିଲା। ହସ୍ତଗତ ଶେଷ ରିପୋର୍ଟ ଅନୁଯାୟୀ ୨୦୨୪-୨୫ରେ ଦେଶରେ ସମୁଦାୟ ୫୮ହଜାର ୮୨୬ଟି ଫେକ୍ ଜବ୍‌କାର୍ଡ ଜବତ ହୋଇଥିବାବେଳେ ସେଥିମଧ୍ୟରେ ବିହାରର ୮,୧୧୧ ଏବଂ ଓଡ଼ିଶାରେ ୭୫୬୬ ଫେକ୍ ଜବ୍‌କାର୍ଡଧାରୀ ଥିବା ଜଣାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ☞ପୃଷ୍ଠା-୪

# ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ



ଲଣ୍ଡନ୍‌ର ଚେକର୍ସ ଇଷ୍ଟେଟ୍‌ରେ ଗୁରୁବାର ଏଫ୍‌ଟିଏ ସ୍ୱାକ୍ଷର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ସହ କରମର୍ଦ୍ଦନ କରୁଛନ୍ତି। ନିକଟରେ ଉପସ୍ଥିତ ବ୍ରିଟେନ୍‌ର ବ୍ୟବସାୟ ଓ ବାଣିଜ୍ୟ ସଚିବ ଜୋନାଥନ୍ ରେନଲ୍ଡସ ଏବଂ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ।

ଲଣ୍ଡନ/ନୂଆଦିଲ୍ଲୀ,୨୪।୭(ପି.ଟି./ରଏଟର୍ସ)

ଭାରତ ଓ ବ୍ରିଟେନ୍ ମଧ୍ୟରେ ବହୁ ପ୍ରତୀକ୍ଷିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ଗୁରୁବାର ସ୍ୱାକ୍ଷର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବ୍ରିଟିଶ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ଉପସ୍ଥିତିରେ ଦୁଇ ଦେଶର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଜୋନାଥନ୍ ରେନଲ୍ଡସ ଏଥିରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ବାର୍ଷିକ ୩୪ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏତିକି ନୁହେଁ, ଭାରତରୁ ରପ୍ତାନି ହେଉଥିବା ୯୯% ଭାରତୀୟ ସାମଗ୍ରୀ ଉପରେ ବ୍ରିଟେନ୍ ଟାରିଫ୍ ହ୍ରାସ କରିବ ଏବଂ ୯୦% ଉତ୍ପାଦର ମୂଲ୍ୟକୁ ନିମ୍ନତର ସ୍ତରକୁ ଆଣିବ। ବ୍ରିଟିଶ୍ କମ୍ପାନୀଗୁଡ଼ିକୁ ମଧ୍ୟ ଭାରତକୁ ହ୍ୱିସ୍କି, କାର ଓ ଅନ୍ୟ ସାମଗ୍ରୀ ରପ୍ତାନି କରିବାରେ ଏଫ୍‌ଟିଏ ସହାୟକ ହେବ ବୋଲି ଆଶା କରାଯାଉଛି। ଆମେରିକା ରାଷ୍ଟ୍ରପତି ☞ପୃଷ୍ଠା-୪

# ଓଡ଼ିଆ ଭାଷାରେ +୨ ବିଜ୍ଞାନ ବହି

## ଲୋକାର୍ପଣ କଲେ ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୪।୭(ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷାରେ ପାଠ ପଢ଼ିବେ ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ର। ଏଥିପାଇଁ ସ୍ୱତନ୍ତ୍ର ଭାବେ ବହି ପ୍ରସ୍ତୁତ କରାଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଗୁରୁବାର ଯୁକ୍ତ୨ ନବାଗତ ବିଦ୍ୟାର୍ଥୀଙ୍କ ପ୍ରବେଶ ଓ ସ୍ୱାଗତ ସମାରୋହରେ ଏହି ବହିର ଲୋକାର୍ପଣ ସହ ବଣ୍ଟନର ଶୁଭାରମ୍ଭ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ମନ୍ତ୍ରୀ କହିଲେ, ପିଲାମାନେ ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହିତ ବିକଶିତ ଓଡ଼ିଶା ଗଠନ ପାଇଁ ଏବେଠାରୁ ଦୃଢ଼ ସଂକଳ୍ପ ନିଅନ୍ତୁ। ଆଗାମୀ ପଚାଶ ବର୍ଷ ପାଇଁ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଆ ମାଧ୍ୟମରେ ପାଠପଢ଼ା ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଓଡ଼ିଆ ମାଧ୍ୟମରେ ପଢୁଥିବା ୯୧ ଭାଗ ପିଲାଙ୍କୁ ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳର ସଦୁପଯୋଗ ପାଇଁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଅଣାଯିବ। ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବାରେ ସମଗ୍ର ଦେଶରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଫଳତା ପାଇଥିବା ବେଳେ ଓଡ଼ିଆ ଭାଷାରେ ଯୁକ୍ତ୨ ବିଜ୍ଞାନ ବହି ଲୋକାର୍ପଣ କରି ସଫଳତାର ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ନାରୀ ଶିକ୍ଷାର ଅନ୍ତୁଡ଼ିଶାଳ ରମାଦେବୀ ମାଧ୍ୟମିକ ବିଦ୍ୟାଳୟ ପ୍ରତି ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ୫୦ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ଯୁକ୍ତ୨ ବିଜ୍ଞାନ ବହି ବିତରଣ କରାଯିବା ସହ ଓଡ଼ିଆରେ ଏହି ପୁସ୍ତକ ରଚନା କରିଥିବା ୧୨ଜଣ ଲେଖକଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଥିବା ପ୍ରଚୁର ଖଣିଜ ସମ୍ପଦର ବିନିଯୋଗ ପାଇଁ ଶିକ୍ଷିତ ଓଡ଼ିଆଙ୍କ ଅଭାବ ଥିବାବେଳେ ଓଡ଼ିଆମାନେ ଚାକିରି ପାଇଁ ବାହାରକୁ ଯିବା ଦ୍ୱାରା ଓଡ଼ିଶାର ମୌଳିକ ବିକାଶରେ ବାଧା ସୃଷ୍ଟି ହେଉଛି। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଇଂଲିଶ୍‌କୁ ଗୁରୁତ୍ୱ ଦେଉଥିବାରୁ ଭାରତର ସାମ୍ବିଧାନିକ ଭାଷା ଅବହେଳା ହେଉଛି। ଏଭଳି ସ୍ଥିତିରେ ଅସମ୍ଭବ ମନେହେଉଥିବା ଯୁକ୍ତ୨ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ସରଳ ଓଡ଼ିଆ ଭାଷାରେ ଲେଖାଯାଇଛି। ଏଥିପାଇଁ ସେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ଜାତୀୟ ଶିକ୍ଷାନୀତି ଆଧାରରେ ଆଇଟିଆଇ, ଡିପ୍ଲୋମା ଆଦି ବୈଷୟିକ ଶିକ୍ଷା ଓଡ଼ିଆ ଭାଷାରେ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଥିଲେ।

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜଲକ୍ଷ୍ମୀ ସିଂହଙ୍କ ସଭାପତିତ୍ୱରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଉପସ୍ଥାପନ କରିଥିଲେ। ରାଉରକେଲା ଜାତୀୟ ପ୍ରଦୌଗିକୀ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଆ ଅଧ୍ୟୟନ ଓ ☞ପୃଷ୍ଠା-୪

# ରୁଷିଆରେ ବିମାନ ଦୁର୍ଘଟଣା: ୪୯ ମୃତ



ମସ୍କୋ,୨୪।୭

ରୁଷିଆର ଏକ ଯାତ୍ରୀବାହୀ ବିମାନ ଚାଇନା ସୀମାବର୍ତ୍ତୀ ଟିଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ସମସ୍ତ ୪୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ଛୋଟ ପିଲା ଅଛନ୍ତି। କମ୍ ଦୃଶ୍ୟମାନ ହେଉଥିବାରୁ ପାଇଲଟ୍ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କଲାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ପାଇଲଟଙ୍କ ତ୍ରୁଟି କିମ୍ବା ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଗତ ସୋମବାର ଏହି ଦୁର୍ଘଟଣା ଘଟିଥିବାବେଳେ ଗୁରୁବାର ଘଟଣା ସାମ୍ନାକୁ ଆସିଛି। ଉଦ୍ଧାରକାରୀ ଟିମ୍ ବିମାନର ଜଳିଯାଇଥିବା ଫ୍ୟୁଜ୍‌ଲେଗ୍‌ର ବିଭିନ୍ନ ଅଂଶକୁ ଠାବ କରିଛନ୍ତି।

ସ୍ଥାନୀୟ ଜରୁରୀ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସାଇବେରିଆର ଆଙ୍ଗାରା ଏୟାରଲାଇନ୍ସ ପରିଚାଳିତ ଆଣ୍ଟୋନୋଭ୍ ଏଏନ୍-୨୪ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବାବେଳେ ରାଡାରରେ ଅଦୃଶ୍ୟ ହୋଇଯାଇଥିଲା। ବିମାନଟି ସୋଭିଏତ୍ ଅମଳର ଏବଂ ପାଖାପାଖି ୫୦ ବର୍ଷର ପୁରୁଣା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ନିମନ୍ତେ ଘୋଷଣା କରିଛନ୍ତି।

**ଆଜିର ସମ୍ପାଦକୀୟ** ଖାଦ୍ୟାଭାବ ଓ ଦେଶାନ୍ତର

# ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିରର ବିକୃତୀକରଣ

ମେଲ୍‌ବର୍ନ,୨୪।୭(ପି.ଟି.)

ଅଷ୍ଟ୍ରେଲିଆର ମେଲ୍‌ବର୍ନଠାରେ ଥିବା ଗୋଟିଏ ହିନ୍ଦୁ ମନ୍ଦିର ଏବଂ ଦୁଇଟି ଏସୀୟ ରେଷ୍ଟୁରାଣ୍ଟରେ ବର୍ଣ୍ଣବୈଷମ୍ୟ ଭିତ୍ତିଚିତ୍ର କରାଯାଇ ସେଗୁଡ଼ିକୁ ବିକୃତ କରାଯାଇଛି। ଏହାକୁ ନେଇ ଅଷ୍ଟ୍ରେଲିଆରେ ଥିବା ହିନ୍ଦୁମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ସୋମବାର ସକାଳେ ମେଲ୍‌ବର୍ନର ଓ୍ୱାର୍ଡ଼ଷ୍ଟ ଡ୍ରାଇଭ୍‌ରେ ଥିବା ଶ୍ରୀ ସ୍ୱାମୀନାରାୟଣନ ମନ୍ଦିର କାନ୍ଥରେ ବର୍ଣ୍ଣବୈଷମ୍ୟ ଆଧାରିତ ଗାଳିଗୁଲଜ ନାଲି ରଙ୍ଗରେ ଲେଖାଯାଇଛି। ସେହିପରି ବୋରୋନିଆ ରୋଡ୍‌ରେ ଥିବା ୨ଟି ରେଷ୍ଟୁରାଣ୍ଟରେ ମଧ୍ୟ ଅନୁରୂପ ଲେଖାଯାଇଥିବା ସ୍ଥାନୀୟ ଓ୍ୱେବ୍ ପୋର୍ଟାଲରେ ଦେଖିବାକୁ ମିଳିଛି। ଆମ ସମାଜରେ ଘୃଣା ଆଧାରିତ ତଥା ବର୍ଣ୍ଣବୈଷମ୍ୟ ବ୍ୟବହାରର କୌଣସି ସ୍ଥାନ ନାହିଁ ବୋଲି ଭିକ୍ଟୋରିଆ ପୋଲିସ କହିଛି। ଅନ୍ୟପକ୍ଷରେ ଏହାର ଆମ ପରିଚୟ, ଉପାସନା କରିବା ଅଧିକାର ଏବଂ ଧର୍ମୀୟ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ଅଷ୍ଟ୍ରେଲିଆର ହିନ୍ଦୁ ପରିଷଦ ଅଧ୍ୟକ୍ଷ ମକରନ୍ଦ ଭଗଓ୍ୱତ କହିଛନ୍ତି।

## ଥାଇଲାଣ୍ଡ, କାମ୍ବୋଡିଆ ସୀମା ବିବାଦ

# ସେନା ସଂଘର୍ଷରେ ୧୧ ମୃତ

ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମାକୁ ନେଇ ରହିଆସିଥିବା ଦୀର୍ଘ ବିବାଦ ଗୁରୁବାର ନାଟକୀୟ ଭାବେ ପୁଣି ସଂଘର୍ଷର ରୂପ ନେଇଛି। କାମ୍ବୋଡିଆ ପ୍ରଥମେ ରକେଟ ମାଡ଼ କରିଥିବା ଅଭିଯୋଗ ଆଣି ଏହାର ସେନା ଶିବିରଗୁଡ଼ିକ ଉପରେ ଥାଇଲାଣ୍ଡ ସୈନ୍ୟ ଏୟାରଷ୍ଟ୍ରାଇକ୍ କରିଛନ୍ତି। ଫ୍ରାନ୍ସ ୧୯୫୩ ପର୍ଯ୍ୟନ୍ତ କାମ୍ବୋଡିଆକୁ ନିଜ ଦଖଲରେ ରଖିବା ପରେ ଏହାର ସୀମା ନିର୍ଦ୍ଧାରଣ କରିଥିଲା। ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ୮୧୭ କି.ମି. ବିସ୍ତୃତ ସୀମାକୁ ନେଇ ଜାତୀୟତାବାଦୀ ଭାବାବେଗ ଅନେକ ଥର ବିବାଦ ସୃଷ୍ଟି ହୋଇଛି। ଗତ ମେ’ରେ ସୀମାନ୍ତରେ ଜଣେ କାମ୍ବୋଡିଆ ସୈନ୍ୟ ନିହତ ହେବା ପରେ ଦୁଇଦେଶ ମୁହାଁମୁହିଁ ହୋଇଥିଲେ। ଏହା ପରଠୁ ଉଭୟ ଦେଶର ସରକାର ମଧ୍ୟ ‘ଯେସାକୁ ତେସା’ ନୀତି ଆପଣାଇବାରୁ ସ୍ଥିତି ସଙ୍ଗିନ ଆଡ଼କୁ ଗତି କରୁଛି। ଥାଇଲାଣ୍ଡ କାମ୍ବୋଡିଆ ଉପରେ ସୀମା କଟକଣା ଜାରି କରିଛି। ଅନ୍ୟପକ୍ଷେ କମ୍ବୋଡିଆ ପଡ଼ୋଶୀ ଥାଇଲାଣ୍ଡରୁ ଫଳ, ପରିବା ଆଦି ଆମଦାନୀ ଓ ସେଠାକାର ଫିଲ୍ମ ପ୍ରଦର୍ଶନ ଉପରେ ବ୍ୟାନ୍ ଲଗାଇଛି। ଏଭଳି ସ୍ଥିତିରେ ରାଜନୈତିକ ଓ କୂଟନୈତିକ ଉତ୍ତେଜନା ପ୍ରକାଶ ପାଇ ସୀମା ବିବାଦ ଉଗ୍ରରୂପ ଧାରଣ କରିଛି।



ସୀମାନ୍ତରେ କାମ୍ବୋଡିଆ ସୈନ୍ୟ ବିଏମ୍-୨୧ ରକେଟ ଲଞ୍ଚର ରିଲୋଡ୍ କରୁଛନ୍ତି।

ବ୍ୟାଙ୍କକ,୨୪।୭

ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମା ବିବାଦ ବଢ଼ୁଥିବାବେଳେ ଗୁରୁବାର ୨ ଦେଶର ସୈନ୍ୟ ସୀମାବର୍ତ୍ତୀ ୬ଟି ସ୍ଥାନରେ ପରସ୍ପର ସହ ମୁହାଁମୁହିଁ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସଂଘର୍ଷ ବେଳେ ଅନ୍ୟୁନ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ ବୋଲି ଜଣାପଡ଼ିଛି। ୨ ଦେଶର ସେନା ପରସ୍ପରକୁ ଛୋଟ ଅସ୍ତ୍ରଶସ୍ତ୍ର, ତୋପ ଏବଂ ରକେଟରେ ଆକ୍ରମଣ କରିଥିବାବେଳେ ଥାଇଲାଣ୍ଡ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା।

ବୁଧବାର ସୀମାରେ ଏକ ମାଇନ୍ ବିସ୍ଫୋରଣରେ ଥାଇଲାଣ୍ଡର ୫ ସୈନ୍ୟ ଆହତ ହୋଇଥିଲେ। ଏହାପରେ ବ୍ୟାଙ୍କକ୍ କାମ୍ବୋଡିଆରୁ ଏହାର ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିନେବା ସହ କାମ୍ବୋଡିଆ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ବଢ଼ିବା ସହ ଗୁରୁବାର ସକାଳେ ସଂଘର୍ଷ ଆରମ୍ଭ ହୋଇଥିଲା। ଥାଇଲାଣ୍ଡ ସୀମାନ୍ତ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇଯାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଥାଇଲାଣ୍ଡ ଏହାର ସମସ୍ତ ସ୍ଥଳ ସୀମାକୁ ସିଲ୍ କରିଦେବା ସହ କାମ୍ବୋଡିଆ ନ ଯିବା ପାଇଁ ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି।

ଏହି ଦକ୍ଷିଣପୂର୍ବ ଏସୀୟ ଦେଶ ମଧ୍ୟରେ ଦୀର୍ଘଦିନ ଧରି ସୀମା ବିବାଦ ଲାଗି ରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ସୀମାରେ ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ହେବା ସହ ଗୁଳିବିନିମୟ ହୋଇଥାଏ। ତେବେ ଗତ ମେ’ ମାସରେ ଘଟିଥିବା ସଂଘର୍ଷରେ କାମ୍ବୋଡ଼ିଆର ଜଣେ ସୈନ୍ୟ ନିହତ ହୋଇଥିଲେ। ଏହାପରେ ୨ ଦେଶର ସମ୍ପର୍କରେ ଦ୍ରୁତ ଅବନତି ଘଟିଥିବାବେଳେ ଗୁରୁବାର ବଡ଼ଧରଣର ସଂଘର୍ଷ ଘଟିଛି। କାମ୍ବୋଡ଼ିଆ ସୈନ୍ୟ ପ୍ରଥମେ ଗୁଳି ଚଳାଇଲେ ବୋଲି ଥାଇଲାଣ୍ଡ ସେନା କହିଛି। ଅନ୍ୟପକ୍ଷରେ କାମ୍ବୋଡ଼ିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରି ଥାଇଲାଣ୍ଡ ପ୍ରଥମେ ଡ୍ରୋନ୍ ଛାଡ଼ିବାରୁ ଏହାକୁ ଗୁଳି କରାଯାଇଥିଲା ବୋଲି କହିଛି।

# ଅନିଲ ଅମ୍ବାନୀଙ୍କ କମ୍ପାନୀ ଉପରେ ଇଡି ଚଢ଼ାଉ

## ୩,୦୦୦ କୋଟିର ବ୍ୟାଙ୍କ ଋଣ ଜାଲିଆତି

ମୁମ୍ବାଇ,୨୪।୭(ପି.ଟି.)

୩,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଜାଲିଆତି ସହ ମନିଲଣ୍ଡରିଂ ମାମଲାର ସମ୍ପୃକ୍ତି ନେଇ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକ ଉପରେ ଚଢ଼ାଉ କରିଛି। ଅଘୋଷିତ ବିଦେଶୀ ସମ୍ପତ୍ତି ଥିବା ଏହି କମ୍ପାନୀଗୁଡ଼ିକ ଅଧିକ ବ୍ୟାଙ୍କ ଋଣ ନେଇଥିବା ଇଡି ନଜରକୁ ଆସିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଇଡିର ନୂଆଦିଲ୍ଲୀ ଶାଖା ପକ୍ଷରୁ ୫୦ଟି କମ୍ପାନୀ ଏବଂ ୨୫ ଜଣ ସମ୍ପୃକ୍ତ ଥିବା ମୁମ୍ବାଇର ୩୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଛି।

୨୦୧୭ରୁ ୨୦୧୯ ମଧ୍ୟରେ ୟେସ୍ ବ୍ୟାଙ୍କ ଅନିଲ ଅମ୍ବାନୀଙ୍କ ଗ୍ରୁପ୍ ଅଫ୍ କମ୍ପାନୀକୁ ଦେଇଥିବା ଋଣରୁ ୩,୦୦୦ କୋଟି ଟଙ୍କା ବେଆଇନ ଭାବେ ଅନ୍ୟ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିବା ନେଇ ଇଡି ତଦନ୍ତ ଚଳାଇଛି। ତେବେ ଇଡି କାର୍ଯ୍ୟାନୁଷ୍ଠାନ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟ, ଆର୍ଥିକ ପ୍ରଦର୍ଶନ, ଅଂଶୀଦାର, କର୍ମଚାରୀ କିମ୍ବା ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ରିଲାଏନ୍ସ ପାଓ୍ୱାର ଏବଂ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ କୁହାଯାଇଛି।

# ବିହାର ଏସ୍‌ଆଇଆର୍ ଉପରେ ବିତର୍କକୁ କେନ୍ଦ୍ରର ନା

## ଚତୁର୍ଥ ଦିନରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ,୨୪।୭

ନିର୍ବାଚନ ହେବାକୁ ଯାଉଥିବା ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ବିପକ୍ଷ ଦଳଗୁଡ଼ିକ ପାର୍ଲାମେଣ୍ଟର ଉଭୟ ଗୃହରେ ହଟ୍ଟଗୋଳ ଜାରି ରଖିଥିବାବେଳେ ଏହା ଉପରେ ଆଲୋଚନା ପାଇଁ ସେମାନଙ୍କ ଦାବି ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ନୁହନ୍ତି। ଭୋଟର ତାଲିକା ସଂଶୋଧନ ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟ, ଏହା କେନ୍ଦ୍ରର ନୁହେଁ ବୋଲି ଏକ ସରକାରୀ ସୂତ୍ରରୁ କୁହାଯାଇଛି। ନିର୍ବାଚନ କମିଶନଙ୍କ ତରଫରୁ ସରକାର କହିପାରିବେ ନାହିଁ ବୋଲି ଜଣେ ଶୀର୍ଷ ସରକାରୀ ଅଧିକାରୀ କହିଛନ୍ତି। ନିର୍ବାଚନ କମିଶନଙ୍କ ବୈଷୟିକ କାର୍ଯ୍ୟ ଉପରେ ହସ୍ତକ୍ଷେପ କରିବା କିମ୍ବା ବିଚାରବିମର୍ଶ କରିବା ପାର୍ଲାମେଣ୍ଟ ପରିସରଭୁକ୍ତ ନୁହେଁ ବୋଲି ସରକାର କହିଛନ୍ତି।

ବିହାର ଏସ୍‌ଆଇଆର୍ ପ୍ରତ୍ୟାହାର ଦାବିରେ ଗୁରୁବାର ରାଜ୍ୟ ସଭାରେ ବିରୋଧୀ ଏମ୍‌ପିମାନେ ନାରାବାଜି ଜାରି ରଖିବା ସହ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ଗୃହକୁ ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ସମ୍ପୂର୍ଣ୍ଣ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ସେହିପରି ବିହାର ଭୋଟର ତାଲିକା ସଂଶୋଧନ ପ୍ରତ୍ୟାହାର ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ମଧ୍ୟ କ୍ରମାଗତ ଚତୁର୍ଥ ଦିନ ପାଇଁ ମୁଲତବୀ ରହିଛି।




ବିହାର ଏସ୍‌ଆଇଆର୍‌କୁ ବିରୋଧ କରି ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ବିକ୍ଷୋଭ କରୁଛନ୍ତି।

# ଜାତୀୟ ରାଜପଥ ଦୁର୍ଘଟଣା: ୬ ମାସରେ ୨୬,୭୭୦ ମୃତ

ନୂଆଦିଲ୍ଲୀ,୨୪।୭

ଚଳିତ ବର୍ଷର ପ୍ରଥମ ୬ ମାସରେ ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣାରେ ମୋଟ ୨୬,୭୭୦ ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ପାର୍ଲାମେଣ୍ଟକୁ ଏହା ଜଣାଇଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ଉତ୍ତର ଦେଇ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ କହିଛନ୍ତି, ୨୦୨୪ରେ ଜାତୀୟ ରାଜପଥରେ ମୋଟ ୫୨,୬୦୯ଟି ମରଣାନ୍ତକ ଦୁର୍ଘଟଣା ଘଟିଥିଲା। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା (ଏଟିଏମ୍‌ଏସ୍) ଲଗାଇଛନ୍ତି। ଏହା ଗାଡ଼ିଗୁଡ଼ିକର ବେଗ ଜାଣିବା ସହ ହାଇୱେରେ ଗାଡ଼ି ଚଳାଚଳ ଉପରେ ନଜର ରଖିଥାଏ। ଫଳରେ ଦୁର୍ଘଟଣା ସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରୁଥିବା ଗଡ଼କରୀ କହିଛନ୍ତି।

# ଇଣ୍ଡିଆନ ଏୟାରଲାଇନ୍ସ: ୭ ମାସରେ ୧୮୩ ବୈଷୟିକ ତ୍ରୁଟି

ନୂଆଦିଲ୍ଲୀ, ୨୪।୭

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଭାରତର ୫ ଏୟାରଲାଇନ୍ସର ବିମାନରେ ୧୮୩ ଥର ବୈଷୟିକ ସମସ୍ୟା ଦେଖାଦେଇଥିବା ନେଇ ବୁଧବାର ପାର୍ଲାମେଣ୍ଟକୁ ସରକାର ଅବଗତ କରାଇଛନ୍ତି। ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ସୂଚନା ଦେଇ କହିଛନ୍ତି, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନରେ ୮୫ ଥର ବୈଷୟିକ ସମସ୍ୟା ଦେଖାଦେଇଥିବାବେଳେ ଇଣ୍ଡିଗୋ ବିମାନରେ ୬୨, ଅକସା ଏୟାର ବିମାନରେ ୨୮ ଥର ବୈଷୟିକ ତ୍ରୁଟି ସମସ୍ୟା ଦେଖାଦେଇଛି। ସ୍ପାଇସ୍‌ଜେଟ ବିମାନରେ ୭ ଥର ଯାନ୍ତ୍ରିକ ତ୍ରୁଟି ସମସ୍ୟା ଦେଖାଦେଇଛି। ତେବେ ଗତ ଜୁନ୍ ୧୨ରେ ଅହମଦାବାଦରେ ଭୟାବହ ବିମାନ ଦୁର୍ଘଟଣା ଘଟିଥିବାବେଳେ ଏହାର ଠିକ୍ ୪ ଦିନ ପରେ ଜୁନ୍ ୧୬ରେ ଏୟାର ଇଣ୍ଡିଆର ୧୧୨ ପାଇଲଟ ଜ୍ୱରଜନିତ ଛୁଟି ନେଇଥିଲେ। ସେମାନଙ୍କ ମଧ୍ୟରୁ ୫୧ ଜଣ କମାଣ୍ଡର (ପି୧) ଏବଂ ୬୧ ଜଣ ଫାଷ୍ଟ ଅଫିସର (ପି୨) ର୍ୟାଙ୍କର ହୋଇଥିବା ସେ ସୂଚନା ଦେଇଛନ୍ତି।

# ବିହାର: ଲକ୍ଷେ ମତଦାତାଙ୍କ ଖୋଜଖବର ନାହିଁ

ନୂଆଦିଲ୍ଲୀ,୨୪।୭(ପି.ଟି.)

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ୭.୧୭ କୋଟି ଲୋକ ଫର୍ମ ଭରିଥିବାବେଳେ ଲକ୍ଷେ ଭୋଟରଙ୍କ ପତ୍ତା ମିଳୁ ନ ଥିବା ନିର୍ବାଚନ କମିଶନ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇଥିବାବେଳେ ୨୮ ଲକ୍ଷ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୧୫ ଲକ୍ଷ ଭୋଟରଙ୍କ ଏନୁମେରେଶନ ଫର୍ମ ଫେରିନାହିଁ।

# ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ସ୍ଥଗିତ

## ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା

ନୂଆଦିଲ୍ଲୀ, ୨୪।୭

୨୦୦୬ ଜୁଲାଇ ୧୧ରେ ହୋଇଥିବା ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ଗତ ସୋମବାର ମହାରାଷ୍ଟ୍ର ହାଇକୋର୍ଟ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ବମ୍ବେ ହାଇକୋର୍ଟଙ୍କ ଏହି ରାୟ ଉପରେ ଗୁରୁବାର ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଛନ୍ତି। ଜଷ୍ଟିସ୍ ଏମ୍. ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ନେଇ ଗତ ସୋମବାର ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ଅନ୍ୟ ମାମଲାଗୁଡ଼ିକରେ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ। ତେଣୁ ଉକ୍ତ ରାୟକୁ ସ୍ଥଗିତ ରଖାଯାଇଛି। ତେବେ ହାଇକୋର୍ଟଙ୍କ ଦ୍ୱାରା ଦୋଷମୁକ୍ତ ହୋଇଥିବା ୧୨ ଅଭିଯୁକ୍ତଙ୍କୁ ଜେଲ ମୁକୁଳିବା ଉପରେ ରୋକ ଲଗାଇବା ନେଇ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସମସ୍ତ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଛନ୍ତି। ତେଣୁ ସେମାନଙ୍କୁ ପୁଣି ଜେଲ ପଠାଇବାର ପ୍ରଶ୍ନ ଉଠୁନାହିଁ। ତେବେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ନେଇ ବମ୍ବେ ହାଇକୋର୍ଟଙ୍କ ରାୟ ବିବାଦୀୟ ଥିଲା। ଉକ୍ତ ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ। ତେଣୁ ଏକ ସୀମିତ ସୀମା ପର୍ଯ୍ୟନ୍ତ ଉକ୍ତ ରାୟ ଉପରେ ରୋକ୍ ଲଗାଯାଇଛି। ପ୍ରକାଶ ଯେ, ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣାରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ମୁମ୍ବାଇ ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ୧୩ ଜଣଙ୍କୁ ଅଭିଯୁକ୍ତ କରିଥିବାବେଳେ ୨୦୧୫ରେ ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ୍ କ୍ରାଇମ୍ ଆକ୍ଟ (ଏମ୍‌ସିଓସିଏ) କୋର୍ଟ ସେଥିମଧ୍ୟରୁ ୧୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଏମ୍‌ସିଓସିଏ କୋର୍ଟ ୫ ଜଣଙ୍କୁ ଫାଶୀ ଏବଂ ୭ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଦୁର୍ବଳ ସାକ୍ଷୀ ଏବଂ ପ୍ରମାଣ ଅଭାବରୁ ସୋମବାର ବମ୍ବେ ହାଇକୋର୍ଟ ସମସ୍ତ ୧୨ ଦୋଷୀଙ୍କୁ ଦୋଷ ମୁକ୍ତ କରିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଫୁଲୁଛି ହିମ ହ୍ରଦ: ବିପଦରେ ୧୦୦ ଡ୍ୟାମ୍

ନୂଆଦିଲ୍ଲୀ, ୨୪।୭

ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ଲାସିୟର ତରଳୁଛି ଏବଂ ହିମ ହ୍ରଦ ଫୁଲିବାରେ ଲାଗିଛି। ଏହାର ପ୍ରଭାବରେ ହିମାଳୟର ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନା ବଢ଼ିଛି। ଏହାଫଳରେ ଭାରତର ୫ ରାଜ୍ୟ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ସିକିମ ଏବଂ ଅରୁଣାଚଳ ପ୍ରଦେଶର ୧୦୦ ଡ୍ୟାମ୍ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାନେଇ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ପକ୍ଷରୁ ଗତ ସପ୍ତାହରେ ସତର୍କ ସୂଚନା ଜାରି କରାଯାଇଛି। ସମ୍ପ୍ରତି କରାଯାଇଥିବା ବିଭିନ୍ନ ଗବେଷଣା ଅନୁଯାୟୀ, ଭାରତୀୟ ହିମାଳୟରେ ଏବେ ୦.୦୫ ବର୍ଗ କି.ମି. କ୍ଷେତ୍ରଫଳରୁ ବଡ଼ ୩୨୯ଟି ହିମ ହ୍ରଦ ରହିଛି। ୧୯୯୦ ତୁଳନାରେ ଏହି ହିମ ହ୍ରଦଗୁଡ଼ିକର କ୍ଷେତ୍ରଫଳ ପ୍ରାୟ ୭୦% ବଢ଼ିଯାଇଛି।



ଭାରତରେ ୬ ହଜାର ବଡ଼ ଡ୍ୟାମ୍ ରହିଛି। ବଡ଼ ଡ୍ୟାମ୍ ଥିବା ଦେଶ ତାଲିକାରେ ବୈଶ୍ୱିକ ସ୍ତରରେ ଭାରତ ତୃତୀୟ ସ୍ଥାନରେ ରହିଛି। ହିମ ହ୍ରଦରେ ପ୍ରଳୟଙ୍କାରୀ ବନ୍ୟାର ବିନାଶକାରୀ ପରିଣାମ ଭାରତ ପୂର୍ବରୁ ମଧ୍ୟ ଅନୁଭବ କରି ସାରିଛି ବୋଲି ସିଡବ୍ଲୁସିଙ୍କ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି। ୨୦୨୧ରେ ଉତ୍ତରାଖଣ୍ଡର ଚାମୋଲି ବିପର୍ଯ୍ୟୟ ଏବଂ ୨୦୨୩ରେ ସିକିମର ତିସ୍ତା-୩ ଡ୍ୟାମ୍ ଭାଙ୍ଗିବା ଘଟଣା ଏହାର ପ୍ରମୁଖ ଉଦାହରଣ। ଜଳବାୟୁ ପରିବର୍ତ୍ତନ ଯୋଗୁ ହିମାଳୟ ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ବାଦଲଫଟା ବର୍ଷା, ହିମ ସ୍ଖଳନ, ଭୂସ୍ଖଳନ ଏବଂ ଭୂକମ୍ପ ଆଦି ଘଟଣା ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ହିମ ହ୍ରଦ ଫୁଲିବା ସହ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ସିଡବ୍ଲୁସି ୧୦୦ ଡ୍ୟାମକୁ ସତର୍କ ସୂଚନା ଜାରି କରିଛନ୍ତି।

## ଫୁର୍‌ସତ

# ଜେଲରେ ପରିବାର ସହ ରହୁଛନ୍ତି କଏଦୀ

## ବ୍ୟବସାୟ କରୁଛନ୍ତି, ନିଜ ଭିତରୁ ସରପଞ୍ଚ ବାଛୁଛନ୍ତି

ଜୟପୁର

ରାଜସ୍ଥାନରେ ଏକ ନିଆରା ଜେଲ ରହିଛି, ଯେଉଁଠାରେ କଏଦୀମାନେ ସେମାନଙ୍କ ପରିବାର ସହ ରୁହନ୍ତି। ଏହି ଜେଲରେ ଥିବା କଏଦୀମାନଙ୍କ ଉପରେ ବିଶେଷ କଟକଣା ନ ଥାଏ। ସେମାନେ ଅଟୋ ଚଳାଇ, ମକା ବିକ୍ରି କରି, ଟିଫିନ୍ ସେଣ୍ଟରରେ ଲୋକଙ୍କୁ ଜଳଖିଆ ଖୁଆଇ କିମ୍ବା ମୋଟରସାଇକେଲ ସଜାଡ଼ି ନିଜ ଜୀବିକା ନିର୍ବାହ କରିପାରିଥାନ୍ତି। ଉକ୍ତ ଜେଲ କ୍ୟାମ୍ପସ୍ ଭିତରେ ଏକ ସ୍କୁଲ ମଧ୍ୟ ରହିଛି, ଯେଉଁଠାରେ କଏଦୀଙ୍କ ପିଲାମାନେ ପଢ଼ିପାରନ୍ତି।

ଜୟପୁରର ସାଙ୍ଗାନେରଠାରେ ଭାରତର ସବୁଠାରୁ ବଡ଼ ଖୋଲା ଜେଲ୍ ‘ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିର’ ରହିଛି। ଏହି ଜେଲରେ ସମ୍ପ୍ରତି ୩୭୦ରୁ ଅଧିକ କଏଦୀ ନିଜ ପରିବାର ସହ ରହୁଛନ୍ତି। ତେବେ ଏହି ଜେଲରେ କଏଦୀମାନେ କେବଳ ବନ୍ଦୀ ଭାବରେ ରୁହନ୍ତି ନାହିଁ ବରଂ ସେମାନେ ଏକ ବ୍ୟବସ୍ଥା ଅଧୀନରେ ରୁହନ୍ତି, ଯାହା ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ସହ ସ୍ୱାଧୀନତା ପ୍ରଦାନ କରିଥାଏ। ଯେଉଁ କଏଦୀମାନେ




ସେମାନଙ୍କୁ ମିଳିଥିବା ଦଣ୍ଡର ଏକ ତୃତୀୟାଂଶ ସମୟ ଭଲ ଆଚରଣ ବଜାୟ ରଖି ଅତିବାହିତ କରିଥାନ୍ତି, ସେମାନଙ୍କୁ ଡକ୍ଟର ସମ୍ପୂର୍ଣ୍ଣାନନ୍ଦ ଖୁଲା ବନ୍ଦୀ ଶିବିରକୁ ସ୍ଥାନାନ୍ତରିତ କରାଯିବା ସହ ନିଜ ପରିବାର ସହ ରହିବାକୁ ଅନୁମତି ମିଳିଥାଏ। କଏଦୀମାନେ ନିଜ ଜୀବିକା ନିର୍ବାହ କରିବା ପାଇଁ ଦିନରେ ବାହାରକୁ ଯାଇ ସନ୍ଧ୍ୟା ସୁଦ୍ଧା ଜେଲକୁ ଫେରିଥାନ୍ତି। ଏହି କଏଦୀମାନେ ଜେଲ ମଧ୍ୟରେ ମୋବାଇଲ୍ ଫୋନ୍‌ର ବ୍ୟବହାର କରିପାରନ୍ତି, ଟେଲିଭିଜନ ଦେଖିପାରନ୍ତି ଏବଂ ନିଜ ପିଲାଙ୍କୁ ସ୍କୁଲ ମଧ୍ୟ ପଠାଇପାରନ୍ତି।

ଏହି ଜେଲ’ର ନିଜସ୍ୱ ପଞ୍ଚାୟତ ରହିଛି। ଜେଲ ମଧ୍ୟରେ ଦେଖା ଦେଉଥିବା ବିଭିନ୍ନ ବିବାଦର ସମାଧାନ ପାଇଁ କଏଦୀମାନେ ନିଜ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଭାବେ ଭୋଟ ଦେଇ ଜିତାଇଥାନ୍ତି। ନିର୍ବାଚିତ ସରପଞ୍ଚ କଏଦୀମାନଙ୍କ ମଧ୍ୟରେ ଶାନ୍ତି ବଜାୟ ରଖିବା ସହ ବିଭିନ୍ନ ବିବାଦର ମଧ୍ୟସ୍ଥତା କରିବାରେ ସାହାଯ୍ୟ କରନ୍ତି। ପାରମ୍ପରିକ ଭାରତୀୟ ଗ୍ରାମସଭା ପରି ଆଲୋଚନା ଏବଂ ସହମତି ମାଧ୍ୟମରେ ଏହି ଜେଲ ମଧ୍ୟରେ ଦେଖା ଦେଇଥିବା ବିଭିନ୍ନ ମତଭେଦର ସମାଧାନ ହୋଇଥାଏ। ଏହି ବ୍ୟବସ୍ଥା କଏଦୀମାନଙ୍କୁ ସମାଜ ସହ ଯୋଡ଼ି ହୋଇ ରହିବାକୁ ଅନୁମତି ଦେଇଥାଏ। ଉକ୍ତ ମଡେଲକୁ ସୁପ୍ରିମକୋର୍ଟ ମଧ୍ୟ ପ୍ରଶଂସା କରିଛନ୍ତି ଏବଂ ସାରା ଦେଶରେ ଏପରି ମଡେଲ ଲାଗୁ ପାଇଁ ସୁପାରିସ କରିଥିବା ନେଇ ଜେଲ’ର ସୁପରିଣ୍ଟେଣ୍ଡେଣ୍ଟ ରାକେଶ ମୋହନ ଶର୍ମା କହିଛନ୍ତି। ପ୍ରକାଶ ଯେ, ୨୦୨୨ ଡିସେମ୍ବରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ୫ ଜଣିଆ ଏକ ଦଳ ଏହି ଖୋଲା ଜେଲ ପରିଦର୍ଶନ କରିବା ସହ ଏଠାରେ ରହୁଥିବା କଏଦୀଙ୍କ ସହ ଆଲୋଚନା କରିଥିଲେ। ବିଚାରପତିଙ୍କ ଉକ୍ତ ଟିମ୍ ଏହି ଖୋଲା ଜେଲ ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ସମାନ ମଡେଲ ଆପଣାଇବାକୁ ଅନ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ।

# ‘ଡକାୟତ’ ଶୁଟିଂବେଳେ ମୃଣାଳ, ଅଦିଭି ଆହତ



ମୃଣାଳ ଠାକୁର

**ଜୟପୁର:** ଅଭିନେତ୍ରୀ ମୃଣାଳ ଠାକୁର ଏବଂ ଅଭିନେତା ଅଦିଭି ସେଷ ସମ୍ପ୍ରତି ‘ଡକାୟତ: ଏ ଲଭ୍ ଷ୍ଟୋରି’ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ତେବେ ବିଭିନ୍ନ ମିଡିଆ ରିପୋର୍ଟ ଅନୁଯାୟୀ, ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂ ବେଳେ ଉଭୟ ଆହତ ହୋଇଛନ୍ତି। ତେବେ ଏହାକୁ ନେଇ ମୃଣାଳ, ଅଦିଭି କିମ୍ବା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ଦିଆଯାଇନାହିଁ।

ସମ୍ପ୍ରତି ହାଇଦ୍ରାବାଦରେ ‘ଡକାୟତ: ଏ ଲଭ୍ ଷ୍ଟୋରି’ ଫିଲ୍ମର ଶୁଟିଂ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ହାଇଦ୍ରାବାଦରେ ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂ ହେଉଥିବା ବେଳେ ଉଭୟ ମୃଣାଳ ଏବଂ ଅଦିଭି ସାମାନ୍ୟ ଆହତ ହୋଇଛନ୍ତି। ଆହତ ହେବା ପରେ ଉଭୟଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଚିକିତ୍ସା ପରେ ଦୁହେଁ ଫିଲ୍ମର ଶୁଟିଂ ଜାରି ରଖିଥିବା ନେଇ ରିପୋର୍ଟରେ କୁହାଯାଇଛି। ଶାନିଲ ଦେଓଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ ଥ୍ରୀଲର ଫିଲ୍ମରେ ମୃଣାଳ ଏବଂ ଅଦିଭିଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପ ଏବଂ ଅଭିନେତା ପ୍ରକାଶ ରାଜ ମଧ୍ୟ ନଜରକୁ ଆସିବେ। ଆସନ୍ତା ଡିସେମ୍ବର ୨୫ରେ କ୍ରିସ୍‌ମସ୍ ଅବସରରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବ। ଗତ ମେ’ରେ ଏହି ଫିଲ୍ମର ଟିଜରକୁ ଜାରି କରାଯାଇଥିଲା। ଏଥିରେ ଅନେକ ଆକ୍ସନ ଦୃଶ୍ୟ ସହ ଅଦିଭିଙ୍କ ସହ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଥିଲା।

DSPL - 185

ODISHA TEX 2025
Weaving Prosperity | Empowering People
25th July, 2025 - Bhubaneswar



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଟେକ୍ସଟାଇଲ୍ ଓ ଆପାରେଲ୍ ଉତ୍ପାଦନ କ୍ଷେତ୍ରରେ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ ଓଡ଼ିଶା
ସମୃଦ୍ଧ ଓଡ଼ିଶା ୨୦୩୬ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ

## ଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ ସମାରୋହ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

### ୬ ଗୋଟି ପ୍ରକଳ୍ପର ଉଦ୍‌ଘାଟନ

- ଆପାରେଲ୍ ପାର୍କ, ସମ୍ବଲପୁର
- ଟେକ୍ସଟାଇଲ୍ ପାର୍କ, କେନ୍ଦୁଝର
- ଟେକ୍ସଟାଇଲ୍ ପାର୍କ, ବଲାଙ୍ଗୀର
- ଆପାରେଲ୍ ପାର୍କ, ଗଞ୍ଜାମ
- ଟେକ୍ସଟାଇଲ୍ ପାର୍କ, ଜଗତସିଂହପୁର
- ଫୁଟ୍‌ୱେର ପାର୍କ, କଟକ

### ମୁଖ୍ୟ ଆକର୍ଷଣ

- ଏକାଧିକ MoU ସ୍ୱାକ୍ଷର
- ୧୦,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ
- ୩୦୦ ରୁ ଅଧିକ ଶିଳ୍ପପତି ଙ୍କ ସମାଗମ
- ୨୫,୦୦୦ ରୁ ଅଧିକ ନିଯୁକ୍ତି ସୁଯୋଗ

୨୫ ଜୁଲାଇ ୨୦୨୫ | ଦିବା ୧୦ ଘଟିକା
କନ୍‌ଭେନସନ୍ ସେଣ୍ଟର୍, ଲୋକସେବା ଭବନ, ଭୁବନେଶ୍ୱର

OIPR-14005/13/0064/2526

ଶିଳ୍ପ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଜୁଳି ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍-୭୧, ମଧୁସୂଦନ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ୮୫ ତମ ସଂସ୍କୃତି ଚର୍ଚ୍ଚା (ଓଡ଼ିଆ ଅସ୍ମିତାର ପ୍ରତିକ: ବାରବାଟି), ସ୍ଥାନ:ଓଡିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା।
- ଓଡିଆ ସାହିତ୍ୟ ଏକାଡେମୀ ଏବଂ କାବ୍ୟାଞ୍ଜଳି ମିଳିତ ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ସରତୀର୍ଥ ପକ୍ଷରୁ ଚନ୍ଦନ ପ୍ରତିଭା ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।
- ସଂଭାବନା ପକ୍ଷରୁ ଚିତଉ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ତିନିଦିନିଆ ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଦ୍ୱିତୀୟ ଦିବସ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜାତୀୟ ସେବା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ।

## କେନ୍ଦୁଝର

- ଶାଳବଣି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦ୍ମନାଭ ମିଶ୍ରଙ୍କ ଅବସରକାଳୀନ ସଭା, ସ୍ଥାନ: ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମୟୂରଭଞ୍ଜ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ:ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାତିନା, ରାଜନଗର, ସମୟ: ସକାଳ ୯ଟା।

## ଯାଜପୁର

- ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲା ଘରୋଇ ବସ୍ ମାଲିକ ସଂଘର ସାଧାରଣ ବୈଠକ, ସ୍ଥାନ: ସନ୍ଧ୍ୟା ଫଙ୍କସନ୍ ହଲ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ମାଲକାନଗିରି ବଳାତ୍କାର ପୀଡିତାଙ୍କୁ ନ୍ୟାୟ ଦାବିରେ ବିଜେଡିର ବିକ୍ଷୋଭ, ସ୍ଥାନ:ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା ୩୦ ।
- ସମ୍ବଲପୁରୀ ଦିନରେ ସକାଶେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସାଂସ୍କୃତିକ, ସାହିତ୍ୟ ସଭ୍ୟମାନଙ୍କ ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଉଦ୍‌ଘାଟନ, ସ୍ଥାନ: ବୁଡେଲ, ପୁଇଁତଲା ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧୋତ୍ସବ ଓ 'ଛୁଆକର୍ ଗୀତ' ପୁସ୍ତକ ଉନ୍ମୋଚନ, ସ୍ଥାନ: ମୀନା ଗେଷ୍ଟ ହାଉସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା
- ସାମାଜିକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ବୁରୋଭାଡି, ଆଗଲପୁର ବ୍ଲକ, ସମୟ : ମଧ୍ୟାହ୍ନ ୧୨ଟା
- ରାମଲୀଳା ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଲିଉଡାର, ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ସାଢେ ଗୋଟାଏ ।
- ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ମାହାରପାଲି ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ବ୍ଲକ, ସମୟ ଅପରାହ୍ନ ୩ଟା ।

## ରାଉରକେଲା

- କାଉଡିଆ ଯାତ୍ରା, ସ୍ଥାନ: ରାଉରକେଲା ରେଳ ଷ୍ଟେଶନ, ସମୟ: ସକାଳ ୬ଟା।
- କଂଗ୍ରେସ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର-୨୧ ଡିସିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆରଡିଏ ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ୍ ଆଦ୍‌ମୀ ପାର୍ଟିର ବୈଠକ, ସ୍ଥାନ : ବାସନ୍ତୀ କଲୋନି, ସମୟ: ଅପରାହ୍ନ ୪ଟା ୩୦।

## ସୁନ୍ଦରଗଡ଼

- ନାରୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା୩୦।

## ବରଗଡ଼

- ବନ ମହୋତ୍ସବରେ ଚାରାରୋପଣ,ସ୍ଥାନ: ବାଞ୍ଜିଢୁଙ୍ଗୁରି ପ୍ରାଥମିକ ସ୍କୁଲ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲା ସହରାଞ୍ଚଳ ଉନ୍ନୟନ ଏଜେନ୍ସି (ଡୁଡା) ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କେଲିଆ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲର ନବମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଡୁଙ୍ଗୁରିପାଲି କପିଳେଶ୍ୱର ମନ୍ଦିରରେ ଜଳାଭିଷେକ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମାନସିକ ସ୍ୱାସ୍ଥ୍ୟକୁ ନେଇ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଏନ୍‌ଏଚ୍‌ଏମ୍ ଜିଲା ପ୍ରଶିକ୍ଷଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ସନ୍ଧ୍ୟା ୬ଟା।

---

ପ୍ରଥମ ପୃଷ୍ଠାରୁ...

## ଭାରତ-ବ୍ରିଟେନ୍ ମୁକ୍ତ...

ଡୋନାଲ୍ଡ ଟ୍ରମ୍ପଙ୍କ ଉଚ୍ଚ ଟାରିଫ୍ ଯୋଗୁ ବାଣିଜ୍ୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଗୁରୁବାର ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାରତ ଓ ଷଷ୍ଠ ବଡ଼ ଅର୍ଥନୀତି ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ୩ ବର୍ଷ ଧରି ଆଲୋଚନା ଚାଲିବା ପରେ ୨୦୨୫ ମେ'ରେ ଏନେଇ ସହମତି ପ୍ରକାଶ ପାଇଥିଲା। ୨୦୨୦ରେ ବ୍ରିଟେନ୍ ୟୁରୋପୀୟ ସଂଘ (ଇୟୁ) ଛାଡ଼ିବା ପରେ ଅର୍ଥାତ୍ ବ୍ରେକ୍‌ଜିଟ୍ ପରବର୍ତ୍ତୀ ସମୟରେ ଏହା ହେଉଛି ବ୍ରିଟେନ୍‌ର ସବୁଠୁ ବଡ଼ ବାଣିଜ୍ୟ ଡିଲ୍। ଭାରତ ପାଇଁ ଏହା ଏକ ଅଗ୍ରଣୀ ଅର୍ଥନୀତି ସହ ସର୍ବବୃହତ୍ ରଣନୈତିକ ସହଭାଗିତା। ଏଫ୍‌ଟିଏରେ ଏକ ସଂଶୋଧନ ପ୍ରକ୍ରିୟା ପରେ ଏହା ବର୍ଷକ ଭିତରେ ଲାଗୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ୍ ଗସ୍ତ ଅବସରରେ ସ୍ୱାକ୍ଷରିତ ଏହି ଐତିହାସିକ ଚୁକ୍ତି ଉଭୟ ଦେଶ ପାଇଁ ବଡ଼ ଲାଭଦାୟକ ହେବ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି। ବାଣିଜ୍ୟ ଶସ୍ତା, ଦ୍ରୁତ ଓ ସହଜ ହେବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ମଜଭୁତ ହେବ। ଆମେ ଏକ ନୂତନ ବୈଶ୍ୱିକ ଯୁଗରେ ପ୍ରବେଶ କରିଛୁ, ଯଦ୍ୱାରା ସହଭାଗିତା ଓ ସହଯୋଗିତା ବୃଦ୍ଧି ପାଇବ ବୋଲି ଷ୍ଟାର୍ମର ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହି ଗସ୍ତ ଭାରତ ଓ ବ୍ରିଟେନ୍‌ର ଅର୍ଥନୈତିକ ସହଭାଗିତାକୁ ଆହୁରି ଉନ୍ନତ ସ୍ତରକୁ ନେଇଯିବ। ପ୍ରତିରକ୍ଷା ଓ ଜଳବାୟୁ କ୍ଷେତ୍ରରେ ସମ୍ପର୍କ ଅଧିକ ସୁଦୃଢ଼ ହେବା ସହ ଅପରାଧ ମୁକାବିଲାରେ ମଧ୍ୟ ସହଯୋଗ ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଛି ବୋଲି ଏକ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଛନ୍ତି।

ବ୍ରିଟେନ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏଫ୍‌ଟିଏ ଲାଗୁହେଲେ ଟାରିଫ୍ ୧୫%ରୁ ୩%କୁ ଖସିବାକୁ ଥିବାରୁ ଭାରତୀୟ ଉପଭୋକ୍ତାମାନେ ସଫ୍ଟ ଡ୍ରିଙ୍କ୍ସ ଓ କସ୍‌ମେଟିକ୍ସଠାରୁ କାର୍ ଓ ଡାକ୍ତରୀ ଉପକରଣ ପର୍ଯ୍ୟନ୍ତ ସର୍ବୋତ୍ତମ ବ୍ରିଟିଶ୍ ପ୍ରଡକ୍ଟର ସୁବିଧା ପାଇବେ। ବ୍ରିଟେନ୍ ବର୍ତ୍ତମାନ ୧୧ ବିଲିୟନ୍ ପାଉଣ୍ଡର ସାମଗ୍ରୀ ଭାରତରୁ ଆମଦାନୀ କରୁଛି। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍ ହ୍ରାସ କରାଗଲେ ସେଗୁଡ଼ିକୁ ବ୍ରିଟିଶ୍ ଉପଭୋକ୍ତା ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଶସ୍ତା ଓ ସହଜରେ କିଣିପାରିବେ।

ସେହିପରି ଭାରତ ପକ୍ଷରୁ ଏହାକୁ ଏକ ଐତିହାସିକ ଚୁକ୍ତି ରୂପେ ଅଭିହିତ କରାଯାଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ପ୍ରାୟ ୯୯% ସାମଗ୍ରୀ ଉପରେ ଟାରିଫ୍ ହ୍ରାସ ପାଇବ ଏବଂ ଏହା ପ୍ରାୟ ୧୦୦ ପ୍ରତିଶତ ବାଣିଜ୍ୟିକ ମୂଲ୍ୟକୁ କଭର୍ କରିବ। ଏଫ୍‌ଟିଏ ଭାରତ ପାଇଁ ଅଭିବୃଦ୍ଧିର ନୂଆ ପଥ ଉନ୍ମୁକ୍ତ କରିବା ସହ ଦକ୍ଷତା ବିକାଶ ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏଥିଯୋଗୁ ସୂଚନା କାରିଗରି, ଆର୍ଥିକ ସେବା, ବୃତ୍ତିଗତ ସେବା, ମ୍ୟାନେଜ୍‌ମେଣ୍ଟ କନ୍‌ସଲ୍ଟାନ୍ସି, ଆର୍କିଟେକ୍ଟରାଲ ଓ ଇଞ୍ଜିନିୟରିଂ କ୍ଷେତ୍ରରେ କ୍ୟାରିୟର ଅନ୍ୱେଷଣରେ ଥିବା ଯୁବପିଢ଼ି ଲାଭାନ୍ୱିତ ହେବା ସଙ୍ଗେ ସଙ୍ଗେ ବ୍ରିଟେନ୍‌ରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଭାରତୀୟ ଗ୍ରାଜୁଏଟ୍ ଓ ଉଦ୍ୟୋକ୍ତାମାନେ ଅନେକ ସୁବିଧା ହାସଲ କରିପାରିବେ ବୋଲି କୁହାଯାଉଛି।

## କାହାକୁ କେତେ ଫାଇଦା

### ଭାରତ

- ଭାରତୀୟ ଶିଳ୍ପ ଓ ଏହା ସହ ଜଡ଼ିତ ବ୍ୟକ୍ତିମାନେ ଡାକ୍ତରୀ ସେବା ଶସ୍ତାରେ ପାଇବା ସହ ବ୍ରିଟେନ୍‌ରୁ ଆମଦାନୀ ହେବାକୁ ଥିବା ଏରୋସ୍ପେସ୍ ଉପକରଣ ଉଚିତ ମୂଲ୍ୟରେ ପାଇବେ।
- ଏଫ୍‌ଟିଏ ଲାଗୁ ହେବା ପରେ ହାରାହାରି ଟାରିଫ୍ ୧୫%ରୁ ୩%କୁ ଖସିବା ପରେ ସଫ୍ଟ ଡ୍ରିଙ୍କ୍, କସ୍‌ମେଟିକ୍ସ, ଚକୋଲେଟ୍, ସାଲମନ୍, କାର୍ ଆଦି ବ୍ରିଟିଶ୍ ସାମଗ୍ରୀଗୁଡ଼ିକୁ ଭାରତୀୟମାନେ ସୁବିଧା ଓ ଶସ୍ତାରେ ପାଇପାରିବେ। ସେହିପରି ଇଲେକ୍ଟ୍ରୋନିକ୍ ଭେହିକିଲ୍‌ରେ ମଧ୍ୟ ୧୧୦%ରୁ ୧୦% ଟାରିଫ୍ ହ୍ରାସ ହେବା ସମ୍ଭାବନା ରହିଛି।
- ଓଡ଼ିଶା, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଭଳି ଉପକୂଳ ରାଜ୍ୟଗୁଡ଼ିକ ମତ୍ସ୍ୟ ରପ୍ତାନି ଯୋଗୁ ଲାଭାନ୍ୱିତ ହେବେ।
- ଟ୍ରେଡ୍ ଡିଲ୍ କାର୍ଯ୍ୟକାରୀ ହେବା ପରେ ବ୍ରିଟିଶ୍ କମ୍ପାନୀଗୁଡ଼ିକ ଭାରତକୁ ହ୍ୱିସ୍କି ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ସହଜରେ ରପ୍ତାନି କରିପାରିବେ। ହ୍ୱିସ୍କି ଉପରେ ଆମଦାନୀ ଶୁଳ୍କ ୧୫୦%ରୁ ତତ୍କାଳ ୭୫%କୁ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ୪୦%କୁ ହ୍ରାସ ପାଇବ।
- ଟ୍ରେଡ୍ ଡିଲ୍ ଅନୁଯାୟୀ ଭାରତୀୟମାନେ ବ୍ରିଟେନ୍‌ରେ ବସବାସ କରିବା ସହଜ ହେବ। ସେଠାରେ ଭାରତୀୟ କମ୍ପାନୀ ଓ ଫ୍ରିଲାନ୍ସରଙ୍କୁ ୩୬ଟି କ୍ଷେତ୍ରରେ ବିନା କୌଣସି 'ଇକୋନୋମିକ୍ ନିଡ୍ସ ଟେଷ୍ଟ'ର ସୁବିଧା ମିଳିବ।
- ଭାରତୀୟ ପ୍ରୋଫେଶନାଲମାନେ ବ୍ରିଟେନ୍‌ରେ ବିନା କୌଣସି ଅଫିସରେ ମଧ୍ୟ ୨ ବର୍ଷ ପାଇଁ ୩୫ଟି କ୍ଷେତ୍ରରେ କାର୍ଯ୍ୟ କରିପାରିବେ। ଏଥିରୁ ଆଇଟି ସେକ୍ଟରରେ କାର୍ଯ୍ୟରତ ୬୦,୦୦୦ରୁ ଅଧିକ ପ୍ରଫେଶନାଲ ଲାଭାନ୍ୱିତ ହେବେ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତଦନୁସାରେ ଟିସିଏସ୍, ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍ନୋଲୋଜି ଓ ମହିନ୍ଦ୍ରା କମ୍ପାନୀ ସବୁଠୁ ଅଧିକ ଲାଭ ପାଇବ।
- ଭାରତୀୟ ପ୍ରଫେଶନାଲମାନଙ୍କୁ ବ୍ରିଟେନ୍‌ରେ ୩ ବର୍ଷ ପର୍ଯ୍ୟନ୍ତ ସାମାଜିକ ନିରାପତ୍ତା ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଏଫ୍‌ଟିଏରେ ଉଲ୍ଲେଖ କରାଯାଇଛି।
- ଶେଫ୍, ଯୋଗ ଶିକ୍ଷକ, ସଙ୍ଗୀତଜ୍ଞ ଓ ଅନ୍ୟ ଠିକାଭିତ୍ତିକ ଶ୍ରମିକମାନେ ବ୍ରିଟେନ୍‌ର ନିଯୁକ୍ତି ବଜାରରେ ପ୍ରବେଶ ସୁବିଧା ପାଇବେ।

### ବ୍ରିଟେନ୍

- ଏଫ୍‌ଟିଏ ଲାଗୁ ହେବା ପରେ ଭାରତୀୟ ଟାରିଫ୍‌ରେ ୯୦% ପର୍ଯ୍ୟନ୍ତ ହ୍ରାସ ଘଟିବ। ଏଥିରୁ ୮୫% ସାମଗ୍ରୀ ଉପରେ ୧୦ ବର୍ଷ ମଧ୍ୟରେ ଆମଦାନୀ ଶୁଳ୍କ ଛାଡ଼ କରାଯିବ।
- ବ୍ରିଟେନ୍‌ର ବ୍ୟବସାୟିକ ସଂସ୍ଥାଗୁଡ଼ିକ ଭାରତରେ ସାର୍ବଜନୀନ ଅଧିଗ୍ରହଣ ସୁବିଧା ହାସଲ କରିପାରିବେ।
- ବ୍ରିଟିଶ୍ କମ୍ପାନୀଗୁଡ଼ିକ ୨ ବିଲିୟନ୍ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନନ୍-ସେନ୍ସିଟିଭ୍ ସରକାରୀ ଟେଣ୍ଡରରେ ବିଡିଂ କରିବା ସୁବିଧା ପାଇବେ। ଅର୍ଥାତ୍ ବ୍ରିଟେନ୍ ବର୍ଷକୁ ୪୦,୦୦୦ ଟେଣ୍ଡରରେ ଭାଗନେଇପାରିବ, ଯାହାର ମୂଲ୍ୟ ପ୍ରାୟ ୪.୦୯ ଲକ୍ଷ କୋଟି ଟଙ୍କା ହେବ।
- ବାଣିଜ୍ୟ ଚୁକ୍ତିର ପ୍ରତ୍ୟକ୍ଷ ଫଳସ୍ୱରୂପ ବ୍ରିଟେନ୍ ୨,୨୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି କରିପାରିବ।
- ବ୍ରିଟେନ୍‌ର ଶ୍ରମିକମାନେ ପ୍ରତିବର୍ଷ ୨.୨ ବିଲିୟନ୍ ପାଉଣ୍ଡର ମଜୁରି ବୃଦ୍ଧି ପାଇପାରିବେ।
- ବ୍ରିଟିଶ୍‌ମାନେ କପଡ଼ା, ଜୋତା ଓ ଖାଦ୍ୟ ଉତ୍ପାଦ ପୂର୍ବ ତୁଳନାରେ ଶସ୍ତାରେ ପାଇପାରିବେ।

---

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସ୍ୱର୍ଗକୁ ନିଶୁଣି ନାହିଁ କି**
**ବଡ଼ ଲୋକକୁ ଉତ୍ତର ନାହିଁ ।**

ସ୍ୱର୍ଗ ବା ଆକାଶ କାହିଁ କେତେ ଦୂରରେ, ନିଶୁଣି ସାହାଯ୍ୟରେ ତା'ର ଦୂରତା ମାପିବା ସମ୍ଭବ ହୋଇ ନ ଥାଏ। ସେହିପରି ବଡ଼ ଲୋକମାନେ ନିଜ ଧନ, ମାନ ତଥା ପ୍ରତିଷ୍ଠା ବଳରେ ନିଜକୁ ବଡ଼ଲୋକ ବୋଲାଉଥିବାବେଳେ ତାଙ୍କ କଥା ବେଦବାକ୍ୟ ପରି ସତ୍ୟ ବୋଲି ପ୍ରତ୍ୟୟମାନ ହୋଇଥାଏ। ମିଥ୍ୟା ବା ଅବାନ୍ତର କଥା କହିଲେ ବି ତାଙ୍କୁ ଉତ୍ତର ଦିଆଯାଇ ପାରୁନଥିବାବେଳେ ତାଙ୍କ କଥା ଅସମ୍ଭବ ହେଲେ ବି ସହିଯିବାକୁ ପଡ଼ିଥାଏ। ବଡ଼ଲୋକଙ୍କ ବଡ଼ପଣିଆକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସୁଖର ଦିନ ଘୋଡାରେ ଯାଏ,**
**ଦୁଃଖର ଦିନ ହାତୀରେ ଯାଏ।**

ସୁଖର ଦିନ ଜଣାପଡେ ନାହିଁ। ମଜା ମଜଲିସର ଦିନଗୁଡିକ ଅତି ଶୀଘ୍ର ସରିଯାଏ। କିନ୍ତି ଦୁଃଖର ଦିନ ଦୀର୍ଘ ଜଣାଯାଏ। ଏହାହିଁ ସୁଖ ତଥା ଦୁଃଖର ଗତି ଏବଂ ଧର୍ମ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସହମତି ବୟସ...

ସର୍ଭେ ତଥ୍ୟ ସମେତ ବିଜ୍ଞାନସମ୍ମତ ଏବଂ ସାମାଜିକ ତଥ୍ୟ ଅନୁଯାୟୀ, କିଶୋର କିଶୋରୀଙ୍କ ମଧ୍ୟରେ ଯୌନ କାର୍ଯ୍ୟକଳାପ ଅସାଧାରଣ ନୁହେଁ ବୋଲି ଜୟସିଂ କହିଛନ୍ତି। ୨୦୧୭ରୁ ୨୦୨୧ ମଧ୍ୟରେ ପୋକ୍ସୋ ଅଧୀନରେ ୧୬ରୁ ୧୮ ବର୍ଷର ପିଲା ମୋକଦ୍ଦମାର ସମ୍ମୁଖୀନ ହେବା ୧୮୦ ପ୍ରତିଶତ ବଢ଼ିଛି। ଭିନ୍ନ ଧର୍ମ ବା ଭିନ୍ନ ଜାତି ସହ ସମ୍ପୃକ୍ତ ମାମଲାରେ ଅଧିକାଂଶ ଅଭିଯୋଗ ଝିଅ ଇଚ୍ଛା ବିରୋଧରେ ମା'ବାପା ଦାଏର କରୁଛନ୍ତି। ସହମତିରେ ଯୌନ ସମ୍ପର୍କକୁ ଅପରାଧୀକରଣ କରାଯାଉଛି। ଫଳରେ କିଶୋରକିଶୋରୀ ଯୋଡ଼ି ଲୁଚିବାକୁ, ବିବାହ କରିବାକୁ କିମ୍ବା ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ବାଧ ହେଉଛନ୍ତି। ଏସବୁର ସମାଧାନ ପାଇଁ ସହମତି ବୟସ ୧୬ ବର୍ଷକୁ ହ୍ରାସ କରିବା ପାଇଁ ଜୟସିଂ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍:...

ଉତ୍ତରପ୍ରଦେଶ ଭଳି ଏକ ଜନବହୁଳ ରାଜ୍ୟରେ ଯେଉଁଠାରେ ଲକ୍ଷାଧିକ ସଂଖ୍ୟାରେ ଫେକ୍ ଜବ୍‌କାର୍ଡଧାରୀ ରହିଥିଲେ, ଉକ୍ତ ରାଜ୍ୟ ଏବେ ଏହି ଅପବାଦରୁ ମୁକ୍ତ ହେବାକୁ ବସିଛି। ସେଠାରେ ଏହି ବର୍ଷ ୩,୪୨୧ ଫେକ୍ ଜବ୍‌କାର୍ଡ ଧରାପଡ଼ିଛି। ମାତ୍ର ଓଡ଼ିଶା ୨୦୨୨ରେ ଯେଭଳି ଦ୍ୱିତୀୟ ସ୍ଥାନରେ ରହିଥିଲା ଏବେ ବି ସେହି ସ୍ଥାନ ବଜାୟ ରଖିଛି। ଏଥିରୁ ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କେତେ ସ୍ୱଚ୍ଛତାର ସହିତ ହେଉଛି ତାହା ପ୍ରମାଣିତ ହେଉଛି।

ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟରେ ୬୫ଲକ୍ଷ ୨ହଜାର ୭୬୨ଜଣ ଜବ୍‌କାର୍ଡ ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୬୨ଲକ୍ଷ ୯୯ହଜାର ୨୯୨ଜଣଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ହେଲେ ବାସ୍ତବରେ ୪୫ଲକ୍ଷ ୮୩ହଜାର ୫୭୪ଜଣ ଶ୍ରମିକ କାର୍ଯ୍ୟ କରୁଥିବା ସରକାରଙ୍କ ତଥ୍ୟରୁ ଜଣାଯାଇଛି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷସୁଦ୍ଧା ୬୪ ଲକ୍ଷ ୪ ହଜାର ୬୫୩ଜଣଙ୍କୁ ଜବ୍‌କାର୍ଡ ଦିଆଯାଇଥିବାବେଳେ ସେଥିରୁ ୪୩ ଲକ୍ଷ ୧୮ ହଜାର ୪୬୨ଜଣ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ୧୨ ଜିଲାରେ ସ୍ଥାପନ...

ଷ୍ଟିଲୋଗ୍ରାଫ ଆସେଣ୍ଡର୍ସଙ୍କ ଅତିରିକ୍ତ ପ୍ରସ୍ତାବ ରାଜ୍ୟର ଡାଉନ୍‌ଷ୍ଟ୍ରିମ କ୍ଷମତାକୁ ଆହୁରି ଗଭୀର କରିବ। ଅନ୍ୟପଟେ କୃଷି-ପ୍ରକ୍ରିୟାକରଣ କ୍ଷେତ୍ରରେ ହିନ୍ଦୁସ୍ତାନ ଆକ୍ୱା ପ୍ରା.ଲି. ୩୨୦ କୋଟି ଟଙ୍କା ନିବେଶରେ ସୁନ୍ଦରଗଡ଼ରେ ପାନୀୟ ୟୁନିଟ ସ୍ଥାପନ କରିବ ଓ ୨୫୦ଜଣଙ୍କୁ ରୋଜଗାର ଦେବ। ପ୍ରଗତି ମିଲ୍କ ପ୍ରଡକ୍ଟସ ପ୍ରା.ଲି. ୧୧୪.୩୪ କୋଟି ଟଙ୍କା ନିବେଶ କରି ୬୭୪ ନିଯୁକ୍ତି ସୁଯୋଗ ସହ ବାଲେଶ୍ୱରରେ ଡେଏରୀ ସୁବିଧା ବିକାଶ କରିବ। ପୁରୀ, ଗଜପତି, ନୟାଗଡ଼, କନ୍ଧମାଳ ଓ ଗଞ୍ଜାମରେ ୪୭୯ କୋଟି ଟଙ୍କାର ୬ଟି ପ୍ରିମିୟମ ଆତିଥ୍ୟ ପ୍ରକଳ୍ପ ଅନୁମୋଦିତ ହୋଇଥିବାବେଳେ ୧,୩୫୨ ନିଯୁକ୍ତି ସୃଷ୍ଟି ହେବ। ଏରୋସ୍ପେସ ଓ ପ୍ରତିରକ୍ଷା ଉଭୟମାନ ଟେକ୍ନୋଲୋଜି କ୍ଷେତ୍ରରେ ବନଭି ଟେକ୍ନୋଲୋଜି ପ୍ରା. ଲି. ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କା ନିବେଶ ସହ ଏକ ଅତ୍ୟାଧୁନିକ ଡ୍ରୋନ୍ ପାର୍କ ସ୍ଥାପନ କରିବ। ଏହା ଗବେଷଣା, ଉତ୍ପାଦନ ଓ ତାଲିମ ପାଇଁ ଏକ ଇଣ୍ଟିଗ୍ରେଟେଡ ୟୁଏଭି ଇକୋସିଷ୍ଟମ ହେବ ଓ ୭୬୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଭାରତରେ ଡ୍ରୋନ୍ ଟେକ୍ନୋଲୋଜିରେ ଅଗ୍ରଣୀ କରିବ। ଇକୋଡାଇନାମିକ୍ସ ଗ୍ରୀନ୍ ଏନର୍ଜୀ ପ୍ରା.ଲି. ବରଗଡ଼ରେ ୧୦୦ କୋଟି ଟଙ୍କା ନିବେଶ ସହ ୩୦ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ଲୁମିନାସ ପାୱାର ଟେକ୍ନୋଲୋଜିସ୍ ପ୍ରା.ଲି. ଗୋପାଳପୁରରେ ୯୫୦ କୋଟି ଟଙ୍କାର ୧.୨ ଜିଗାୱାଟ ସୌର ସେଲ୍ ଓ ୧ ଜିଗାୱାଟ ସୌର ପିଭି ମଡ୍ୟୁଲ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ପ୍ରାୟ ୧,୦୦୦ ନିଯୁକ୍ତି ସୃଷ୍ଟି କରିବ। ଲିଣ୍ଡେ ଇଣ୍ଡିଆ ସୁନ୍ଦରଗଡ଼ରେ ଏୟାର ସେପାରେଶନ ୟୁନିଟ ସ୍ଥାପନ କରିବ। ଗ୍ରୋଇଂ ଟ୍ରି ଅଏଲ ରିଫାଇନେରି ପ୍ରା.ଲି. ବରଗଡ଼ରେ ସଲଭେଣ୍ଟ ଏକ୍ସଟ୍ରାକ୍ସନ ୟୁନିଟ ଓ ସିନ୍ନାଟ ଫାର୍ମା ପ୍ରା.ଲି. କଟକରେ ୧୦୦ କୋଟି ଟଙ୍କା ନିବେଶ ସହ ଏକ ଏପିଆଇ ଉତ୍ପାଦନ ୟୁନିଟ ସ୍ଥାପନ କରିବ। ସେହିପରି ଆପମୋସିସ୍ ଟେକ୍ନୋଲୋଜିସ ପ୍ରା.ଲି. ଖୋର୍ଦ୍ଧାରେ ୬୫ କୋଟି ଟଙ୍କା ନିବେଶରେ ଏକ ସଫ୍ଟୱେୟାର ଡେଭେଲପ୍‌ମେଣ୍ଟ ସେଣ୍ଟର ସ୍ଥାପନ କରିବ, ଯାହା ୧୫୫ ନିଯୁକ୍ତି ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।

## ଓଡ଼ିଆ ଭାଷାରେ...

ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଡକ୍ଟର ନଟବର ଶତପଥୀ, ବୈଷୟିକ ପୁସ୍ତକ ଅନୁବାଦ କମିଟି ଅଧ୍ୟକ୍ଷ ପ୍ରଫେସର ଓଁକାର ନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀ ଲେଖକୀୟ ଅନୁଭୂତି ପ୍ରକାଶ କରିଥିବାବେଳେ ନିର୍ଦ୍ଦେଶକ ପ୍ରଫେସର ବ୍ରଜେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ପ୍ରଫେସର ନୀରଦ ବରଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାଇକୋର୍ଟରେ ପୋଲିସ ଏସ୍‌ଆଇ ନିଯୁକ୍ତି ମାମଲା | ନିଯୁକ୍ତି ବୟସସୀମା ୩ ବର୍ଷ କୋହଳ

**କଟକ,୨୪।୭(କାର୍ତ୍ତିକ ସାହୁ)**

ରାଜ୍ୟ ସରକାରଙ୍କ ଅଧୀନ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବୟସ ସୀମା ୩ ବର୍ଷ କୋହଳ କରାଯାଇଛି। ହାଇକୋର୍ଟରେ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବୟସସୀମା କୋହଳ କରିବା ସଂକ୍ରାନ୍ତରେ ରୁଜୁ ଏକାଧିକ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କୁ ଏହା ଅବଗତ କରାଇଛନ୍ତି। ଯେଉଁ ଆବେଦନକାରୀମାନେ ବୟସସୀମା କୋହଳ କରିବାକୁ ଆବେଦନ କରିଛନ୍ତି ସେମାନଙ୍କ ପାଇଁ ଏହା ଲାଗୁ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ୨୦୧୮ଠାରୁ ପୋଲିସ୍ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ବୟସସୀମା କୋହଳ କରିବାକୁ ଏକାଧିକ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ନିକଟରେ ରାଜ୍ୟ ସରକାର ଗତ ଜାନୁଆରୀ ୧୭ରେ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାପରେ ପୋଲିସ୍ ଏସ୍‌ଆଇ ପଦବୀ ନିମନ୍ତେ ବୟସସୀମା କୋହଳ କରିବାକୁ ଆବେଦନ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ, ୨୦୧୮ ପରଠାରୁ ପୋଲିସ ଏସ୍‌ଆଇ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏଣୁ ବୟସସୀମା କୋହଳ କରା ନ ଗଲେ ବହୁ ପ୍ରାର୍ଥୀ ଆବେଦନରୁ ବଞ୍ଚିତ ହେବେ। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଥିଲେ।

---

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ନ ଥିଲେ ମଧ୍ୟ ବାଧବାଧକତାରେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ପଡିବ। ଶୁକ୍ର ପ୍ରଭାବରେ ଋଣ ପରିଶୋଧର ଦୁଶ୍ଚିନ୍ତା ବୃଦ୍ଧି ପାଇବ। ବନ୍ଧୁ ଓ ସହକର୍ମୀଙ୍କ ସମାଲୋଚନା ଯୋଗୁ ଅସନ୍ତୁଷ୍ଟ ରହିବେ। ସାହିତ୍ୟ ସଂସ୍କୃତି ପ୍ରତି ଅନୁରାଗଜନିତ ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** — ଚନ୍ଦ୍ରଙ୍କ ପ୍ରଭାବରେ ସମ୍ପର୍କୀୟଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସୂଚନା ରହିଛି। ବାଧ ବାଧକତାରେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ସାମୟିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** — ବିଭିନ୍ନ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କର୍ମ ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ଆପଣଙ୍କ ପରୋପକାର ପ୍ରବୃତ୍ତି କାର୍ଯ୍ୟାବଳୀର ପଡୋଶୀ ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇଯିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ନିକଟସ୍ଥ ବନ୍ଧୁମାନେ ଏହି ଦିଗରେ ସାହାଯ୍ୟ କରିପାରନ୍ତି।

**କର୍କଟ** — ପରିବାରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେବା ସକାଶେ ଆଦେଶନାମା ମିଳିପାରେ। ବହୁଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହାନୁଭୂତି ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** — ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ଆନୁଷ୍ଠାନିକ କାମରେ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସା ପାଇପାରନ୍ତି।

**କନ୍ୟା** — ବିଭିନ୍ନ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ପାଇବା ଦୁରୂହ ହେବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଯାନବାହନ, ବିବାଦୀୟ ସ୍ଥାନ ଏବଂ ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ। କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ତୁଳା** — ଉପରିସ୍ଥ କର୍ମଚାରୀଙ୍କ ସହଯୋଗ ହେତୁ ସରକାରୀ ସାହାଯ୍ୟ ସହଜ ହୋଇପାରେ। କେତେକ କ୍ଷେତ୍ରରେ ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁ ଓ ପରିଜନଙ୍କ ସହିତ ଦୂରଯାତ୍ରାଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** — କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନ ନେଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନ୍‌ସନ ବଢିପାରେ। ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି। ମାଲିମକଦ୍ଦମା, ନିର୍ମାଣ, ମାଙ୍ଗଳିକ କାମ ପ୍ରସ୍ତୁତିରେ ସଫଳତା ପାଇବେ।

**ଧନୁ** — ପୂର୍ବପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସାମାନ୍ୟ ବିଳମ୍ବରେ ସୁଫଳ ମିଳିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** — ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଦୂରରେ ଥିବା ପ୍ରିୟଜନଙ୍କ ସ୍ମୃତିଚାରଣ କରି ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି। ରାଶିର ଗୁଣଧର୍ମାନୁସାରେ ଥଣ୍ଡାଜନିତ ରୋଗପୀଡା ପାଇବେ। ସଭାସମିତି, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ସଫଳତା ହାସଲ କରିବେ।

**କୁମ୍ଭ** — ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା ମନକୁ ବିକ୍ଷିପ୍ତକରି ରଖିବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲ ହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି।

**ମୀନ** — ପାରିବାରିକ ସମସ୍ୟା ସମାଧାନର ଚିନ୍ତାକରି ଦୁର୍ଭାବନା ବଢିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରି ପାରିବେନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କ୍ରନିକ୍ ରୋଗପୀଡା ହେତୁ କର୍ମକ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟିହେବ। ଯାତ୍ରା, ଆନୁଷ୍ଠାନିକ କାମ, ସଭାସମିତି, କଚେରି ମାମଲାରେ ଆଶ୍ୱସ୍ତି ମିଳିବ।

ଆଜି ଜୁଲାଇ ୨୫ ତାରିଖ, ଶ୍ରାବଣ ଶୁକ୍ଳ ପ୍ରତିପଦା ଶୁକ୍ରବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୩ ଗତେ, ଘ.୦୬।୧୫ ମଧ୍ୟେ, ଘ.୦୭।୦୭ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୫୩ ମଧ୍ୟେ ରାହୁ କାଳ।

# ଅନାସ୍ଥାକୁ ସମର୍ଥନ ନ କଲେ ବିଜେଡି ମୁଖା ଖୋଲିଯିବ: ତାରା

## ବିରୋଧୀ ନିଜେ କ୍ଷତାକ୍ତ ହେବେ: ସୁରେଶ

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଓ ବଳାତ୍କାର ଘଟଣାକୁ ନେଇ ଆସନ୍ତା ବିଧାନସଭା ଅଧିବେଶନରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବିଷୟକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଦୀର୍ଘବର୍ଷରୁ ବିଜେଡି ଓ ଭାଜପା ମଧ୍ୟରେ ସୁସମ୍ପର୍କ ରହିଆସିଥିବା କଥା ବିଭିନ୍ନ ସମୟରେ ରାଜନୈତିକ ଘଟଣାକ୍ରମକୁ ନେଇ ଆଲୋଚନା ହୋଇଥାଏ। ବିଜେଡି ଏବେ ରାଜ୍ୟରେ ପ୍ରମୁଖ ବିରୋଧୀ ଦଳକୁ ଆସିବା ପରେ ଭାଜପା ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ ଓ ପ୍ରତିବାଦ ଜାରି ରଖିଛି। ହେଲେ ୱକ୍‌ଫ ବିଲ୍ ବିଷୟକୁ ନେଇ ଭାଜପାର କେନ୍ଦ୍ରୀୟ ନେତାଙ୍କ ସହ ଏବେ ମଧ୍ୟ ବିଜେଡିର ସମ୍ପର୍କ ଭଲ ବୋଲି ଚର୍ଚ୍ଚା ହେଉଛି। ବାସ୍ତବରେ ଏକଥା କିପରି ପ୍ରମାଣ କରାଯାଇପାରିବ, ତାହାକୁ ଚିନ୍ତାକରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଅନାସ୍ଥା ତୀର ଛାଡ଼ିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହାଦ୍ୱାରା ବିଜେଡି ଏବେ ଅକଳରେ ପଡ଼ିଯାଇଛି। ଯଦି କଂଗ୍ରେସ ଆହ୍ୱାନ କରିଥିବା ବିଷୟରୁ ବିଜେଡି ଦୂରେଇରୁହେ ତେବେ ଉପରଠାଉରିଆ ଭାବେ ରାଜ୍ୟ ଭାଜପା ବିରୋଧରେ ବିଜେଡି ଆନ୍ଦୋଳନ କରୁଛି ବୋଲି ଏକ ବାର୍ତ୍ତା ଯିବ। ଏହାଦ୍ୱାରା ରାଜନୈତିକ ମହଲରେ କଂଗ୍ରେସକୁ ବିରୋଧୀ ଦଳ ଭାବେ ଲୋକମାନଙ୍କ ଗ୍ରହଣୀୟତା ବଢ଼ିବା ସଙ୍ଗେ ସଙ୍ଗେ ବିଜେଡିର ମୁଖା ଖୋଲିଯିବ ବୋଲି ଚର୍ଚ୍ଚା ହେଉଥିବା ବେଳେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସମାନ କଥା ଦୋହରାଇଛନ୍ତି। ସେ କହିଛନ୍ତି, ନାରୀ ନିର୍ଯାତନା ଘଟଣାରେ ଭାଜପାର ଅନେକ ବିଧାୟକ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ମଧ୍ୟ କଂଗ୍ରେସକୁ ସମର୍ଥନ କରିବେ। ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିଲେ କଂଗ୍ରେସ ସହମତି ଜଣାଇବ। ବିଜେଡି ଅନାସ୍ଥା ନ ଆଣିଲେ କଂଗ୍ରେସ ଆଣିବ, ସେମାନେ ସମର୍ଥନ କରନ୍ତୁ। ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି କଂଗ୍ରେସ ପାଖରେ ସଂଖ୍ୟା ରହିଛି। କଂଗ୍ରେସର ୧୪ ଏବଂ ସିପିଆଇଏମ୍‌ର ଜଣେ ଅଛନ୍ତି। ଅନାସ୍ଥା ଜିଣିବାକୁ ୧୪ ଜଣ ସଦସ୍ୟ ଥିବା ଦରକାର। ବିଜେଡି ଅନାସ୍ଥା ଆଣିଲେ ଆମେ ସମର୍ଥନ ଦେବୁ, ଭାଜପାର କେତେଜଣ ସମର୍ଥନ କରୁଛନ୍ତି ଜଣାପଡ଼ିବ। ବିଜେଡି ଯଦି ଅନାସ୍ଥା ନ ଆଣିବ କି କଂଗ୍ରେସକୁ ସମର୍ଥନ ନ ଦେଲା ତେବେ ପ୍ରମାଣିତ ହୋଇଯିବ ସେମାନେ ଭାଜପା ସହ ଅଛନ୍ତି। ଏବେ ବି ଭାଜପା ସହ ବିଜେଡି ରହିଛି ବୋଲି ଲୋକଙ୍କ ଭିତରେ ଆଲୋଚନା ଚାଲିଛି। ତେଣୁ ସେମାନେ ଭାଜପା ସହ ଅଛନ୍ତି ନା ନାହିଁ ପ୍ରମାଣ କରନ୍ତୁ ବୋଲି ତାରା କହିଛନ୍ତି।

ଅନ୍ୟପଟେ ପିସିସି ସଭାପତିଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ବର୍ଷିଛି ଭାଜପା। ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିରୋଧୀ ଅନାସ୍ଥା ଆଣିଲେ ସରକାର ଆହତ ହେବେନାହିଁ। ଏହାଦ୍ୱାରା ବିରୋଧୀ ନିଜେ କ୍ଷତାକ୍ତ ହେବେ। ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ। ବିରୋଧୀଙ୍କ ଅଧିକାର ଅଛି ସେମାନେ ଅନାସ୍ଥା ଆଣିପାରିବେ। କିନ୍ତୁ ଟିକେ ହୋମ୍‌ୱାର୍କ କରି ଆସନ୍ତୁ। ବିଜେଡି ଓ କଂଗ୍ରେସ ୪୦ ବର୍ଷର ହିସାବ ନେଇକି ଆସନ୍ତୁ। ଭାଜପା ସରକାର ଗୋଟିଏ ବର୍ଷର ହିସାବ ଦେବେ ବୋଲି ସୁରେଶ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ରାଜ୍ୟରେ ଭାଜପା ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଥିଲେ। ନାରୀ ନ୍ୟାୟ ପାଇଁ ଯଦି ବିଜେଡି ଆନ୍ତରିକତାର ସହ ଲଢୁଛି, ତେବେ ବିଧାନସଭାରେ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣନ୍ତୁ ଓ ଏହାକୁ କଂଗ୍ରେସ ସମର୍ଥନ ଦେବ ବୋଲି ଭକ୍ତ କହିଥିଲେ। ନଚେତ୍ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ, ବିଜେଡି ସମର୍ଥନ ଦେଉ ବୋଲି ଭକ୍ତ କହିବା ପରେ ଏହାକୁ ନେଇ ରାଜନୈତିକ ମହଲଠାରୁ ସାଧାରଣ ସ୍ତର ଯାଏ ଚର୍ଚ୍ଚା ଜୋର ହେଉଛି। ଭକ୍ତଙ୍କ ଏଭଳି ପ୍ରତିକ୍ରିୟା ପରେ ବିଜେଡିର ଅନେକ ନେତା ବର୍ତ୍ତମାନ ଭିତରେ ଭିତରେ ବହୁ ଖୁସି ହୋଇଯାଇଛନ୍ତି। ବିଜେଡି ଶୀର୍ଷ ନେତାଙ୍କ ଯେଉଁ ଲୁଚି ଲୁଚି କେନ୍ଦ୍ର ଭାଜପା ନେତାଙ୍କ ସହ ମଧୁର ସମ୍ପର୍କ ରହିଛି ତାହାକୁ ପଦାରେ ପକାଇବାକୁ ଭକ୍ତ ଭଲ ରାଜନୈତିକ ଗୋଟି ଚାଳନା କରିଦେଲେ ବୋଲି ବିଜେଡି ନେତାମାନେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି।

# ମହିମା ଗୋସାଇଁ ଏକ୍ସପ୍ରେସ୍ ଲାଇନଚ୍ୟୁତ


ମହିମା ଗୋସାଇଁ ଏକ୍ସପ୍ରେସ୍ ଟ୍ରେନ୍‌ର ଲାଇନଚ୍ୟୁତ ବଗି।

ସମ୍ବଲପୁର,୨୪।୭ (ପ୍ରମୋଦ ବହିଦାର)

ସାଲିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ଗୁରୁବାର ସକାଳେ ସମ୍ବଲପୁର ସିଟି ଷ୍ଟେଶନ ନିକଟ ସର୍ଙ୍କମା ଅଣ୍ଡରପାସ୍ ନିକଟରେ ଲାଇନଚ୍ୟୁତ ହୋଇଥିଲା। ଶେଷରେ ଥିବା ଟ୍ରଲି ବା ପାର୍ସଲ ବଗିର ପୂର୍ବ ଅଣସଂରକ୍ଷିତ ବଗି ଲାଇନଚ୍ୟୁତ ହୋଇଥିଲେ ହେଁ ସିଟି ଷ୍ଟେଶନ ଛାଡ଼ିବା ପରେ ଟ୍ରେନ ଗତି ମନ୍ଥର ଥିବାରୁ ଯାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ପରେ ସମ୍ବଲପୁର ରେଳ ଷ୍ଟେଶନର ଏମର୍ଜେନ୍ସି ଟ୍ରେନ୍ ଓ ମରାମତି ବଗି ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଦୁର୍ଘଟଣାଗ୍ରସ୍ତ ବଗି ଓ ରେଳ ଧାରଣାର ମରାମିତ କାର୍ଯ୍ୟ ଆରମ୍ଭ କରିଥିଲା। କିଛି ସମୟ ଭିତରେ ଦୁର୍ଘଟଣାଗ୍ରସ୍ତ ଶେଷ ୨ଟି ବଗିକୁ ଛାଡ଼ି ଯାତ୍ରୀମାନଙ୍କୁ ନେଇ ଅବଶିଷ୍ଟ ବଗି ସହ ଟ୍ରେନ ସମ୍ବଲପୁର ଜଙ୍କସନ ଷ୍ଟେଶନକୁ ଚାଲିଯାଇଥିଲା। ସେହିପରି ଟ୍ରେନ ଲାଇନଚ୍ୟୁତ ହୋଇଥିବାରୁ ଗୋଟିଏ ଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଅନ୍ୟ ଲାଇନରେ ସ୍ୱାଭାବିକ ଭାବେ ଚଳାଚଳ କରୁଥିଲା। ପୂର୍ବାହ୍ନ ପ୍ରାୟ ୧୨ଟା ୪୮ରେ ଦୁର୍ଘଟଣାଗ୍ରସ୍ତ

## ୩ ଘଣ୍ଟା ପରେ ସ୍ୱାଭାବିକ ହେଲା ରେଳ ଚଳାଚଳ

ବଗି ରେଳ ଧାରଣାକୁ ଫେରିବା ପରେ ଅନ୍ୟ ଏକ ସ୍ୱତନ୍ତ୍ର ଇଞ୍ଜିନ୍ ଦ୍ୱାରା ଷ୍ଟେଶନକୁ ଫେରିଥିଲା। ଏହାପରେ ଏହି ସେକ୍ସନରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା ବୋଲି ରେଳବାଇ ଜନ ସମ୍ପର୍କ ଅଧିକାରୀ ତ୍ରିବିକ୍ରମ ସେଠ୍ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସହ ବରିଷ୍ଠ ରେଳବାଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହିତ ମରାମତି କାର୍ଯ୍ୟର ତଦାରଖ କରିଥିଲେ।

# ଶ୍ମଶାନରୁ ୪ ଶବ ଗାଏବ


ଶବ ପୋତା ଯାଇଥିବା ସ୍ଥାନକୁ ଖୋଳା ଯାଇଛି।

ଭଣ୍ଡାରିପୋଖରୀ,୨୪।୭ (ରାଜେନ୍ଦ୍ର ଶତପଥୀ)

ଶ୍ମଶାନରୁ ୪ ଶବ ଗାଏବ। ଗାତ ଖୋଳି କେହି ମୃତଦେହ ନେଇଯାଇଛନ୍ତି। ଗୁରୁବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଣିନାଥପୁର ବୈତରଣୀ ନଦୀକୂଳ ଗ୍ରାମ ଶ୍ମଶାନରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଶ୍ମଶାନରୁ ୪ ଶବ ଚୋରି ହୋଇଥିବା କୁହାଯାଉଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳେ ସେମାନେ ଏହି ଶ୍ମଶାନରେ ଗାତ ଖୋଳାଯାଇଥିବା ଓ ମୃତଦେହକୁ ଘୋଷାରି ନିଆଯାଇଥିବା ଦେଖିବାକୁ ପାଇଥିଲେ। ଗତ କିଛି ମାସ ମଧ୍ୟରେ ସେଗୁଡ଼ିକୁ ଶ୍ମଶାନରେ ପୋତାଯାଇଥିଲା। ସେହି ମୃତକମାନେ ହେଲେ ଲକ୍ଷ୍ମୀପ୍ରିୟା ବେହେରା, ସତ୍ୟଭାମା ପରିଡ଼ା, ଶତ୍ରୁଘ୍ନ ଦାସ ଓ ପ୍ରମିଳା ଦାସ। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ କରାଯାଇ ନାହିଁ। ସୂଚନାଥାଉ କି, ପୂର୍ବରୁ ୨୦୧୭ରେ ଶବ ଚୋରି ହେବା ପରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ମୃତଦେହ ସେହିବର୍ଷ ଚୋରି ହୋଇଥିଲା। ଏନେଇ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ୨୦୨୩ ଓ ଚଳିତବର୍ଷ ଏପ୍ରିଲରେ ଶବ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ଏହା ପଛରେ ଅନ୍ତର୍ଜାତୀୟ ର୍ୟାକେଟର ହାତ ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ସ୍ଥାନୀୟ କେତେଜଣ ସୂଚନାଦାତାଙ୍କ ସହଯୋଗରେ ଶବ ଚୋରି ହୋଇ କୋଲକାତା ବାଟେ ଜଳପଥରେ ବାଂଲାଦେଶ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ଅନ୍ତର୍ଜାତୀୟ ସ୍ତର, ଦେଶ ଭିତରେ ଓ ରାଜ୍ୟର ଘରୋଇ ମେଡିକାଲଗୁଡ଼ିକ ବହୁଳ ଭାବେ ଶିକ୍ଷାଦାନ ପାଇଁ ନରକଙ୍କାଳ ଆବଶ୍ୟକ କରୁଥିବାରୁ ଏହାର ମୂଲ୍ୟ ବହୁଗୁଣିତ ହୋଇଛି। ସେହି ଉଦ୍ଦେଶ୍ୟରେ ହୁଏତ ଶବ ଚୋରି ହୋଇଥାଇପାରେ ବୋଲି ଆଲୋଚନା ହେଉଛି।

# ୧୩ ଆଇଏଏସ୍ ଅଧିକାରୀଙ୍କ ବଦଳି

## ବଦଳିଲେ ୯ ଉପଜିଲାପାଳ

ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଥିବାବେଳେ ଗୁରୁବାର ପୁଣି ୧୩ଜଣ ଆଇଏଏସ୍ ଅଫିସରଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ତଥା ସମବାୟ ବିଭାଗ ସଚିବ, ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ, ରାଜ୍ୟ ବିପଣନ ନିଗମ ଅଧ୍ୟକ୍ଷ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ରାଜେଶଙ୍କୁ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ସହିତ ରାଜ୍ୟ ବିପଣନ ନିଗମ ଅଧ୍ୟକ୍ଷର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ଓଡ଼ିଶା ମୋ ପରିବାର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ

### ରାଜେଶଙ୍କୁ ସମବାୟ, ବିଜୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ସେ ଓଡ଼ିଶା ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେଶନ ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ପୂର୍ବଭଳି ନିର୍ବାହ କରିବେ। ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ତଥା ହକି ପ୍ରମୋଶନ କାଉନ୍‌ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଦୀପଙ୍କର ମହାପାତ୍ରଙ୍କୁ କେବଳ ହକି ପ୍ରମୋଶନ କାଉନ୍‌ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଣୀତା ଦାଶଙ୍କୁ ବାଲିଗୁଡ଼ା ଉପଜିଲାପାଳ, କସ୍ତୁରୀ ପଣ୍ଡା କରଞ୍ଜିଆ-ପଞ୍ଚପୀର ଉପଜିଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣପୁର ଉପଜିଲାପାଳ, ଅସନୀ ଏ.ଏଲ୍.ଙ୍କୁ ନବରଙ୍ଗପୁର ଉପଜିଲାପାଳ, ସି. ଶରଭଣନ୍‌ଙ୍କୁ କୁଚିଣ୍ଡା ଉପଜିଲାପାଳ, ତେଜସ୍ୱିନୀ ବେହେରା ସୁନ୍ଦରଗଡ଼ ଉପଜିଲାପାଳ, ଶିବ ମାଲଭିୟା ଆନନ୍ଦପୁର ଉପଜିଲାପାଳ ଓ ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି।




# ଅଗଷ୍ଟ ୭ରେ ହସ୍ତତନ୍ତ ପୁରସ୍କାର

## ଓଡ଼ିଶାର ୫ ବୁଣାକାରଙ୍କୁ ସମ୍ମାନିତ କରିବେ ରାଷ୍ଟ୍ରପତି

- ୫ଜଣ ପାଇବେ 'ସନ୍ଥ କବୀର ପୁରସ୍କାର'
- ୧୯ଜଣଙ୍କୁ 'ଜାତୀୟ ହସ୍ତତନ୍ତ ପୁରସ୍କାର'

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

୧୧ଶ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଅଗଷ୍ଟ ୭ରେ ବୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ପାଇଁ ହସ୍ତତନ୍ତ ପୁରସ୍କାର ମିଳିବ। ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ହସ୍ତତନ୍ତ ବୁଣାକାର, ଡିଜାଇନର, ମାର୍କେଟର, ଷ୍ଟାର୍ଟଅପ୍ ଉଦ୍ୟୋଗ ଏବଂ ଉତ୍ପାଦକ କମ୍ପାନୀଗୁଡ଼ିକୁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ଏବଂ 'ଜାତୀୟ ହସ୍ତତନ୍ତ ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାରଗୁଡ଼ିକ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ୍ଏଚ୍‌ଡିପି) ଅଧୀନରେ ହସ୍ତତନ୍ତ ମାର୍କେଟିଂ ସହାୟତା (ଏଚ୍ଏମ୍ଏ) ଉପାଦାନର ଏକ ଅଂଶ। ଚଳିତବର୍ଷ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ଟି ସନ୍ଥ କବୀର ପୁରସ୍କାର ଏବଂ ୧୯ଟି ଜାତୀୟ ହସ୍ତତନ୍ତ ପୁରସ୍କାରକୁ ମିଶାଇ ମୋଟ ୨୪ଜଣ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିବେ। ତେବେ ଓଡ଼ିଶାରୁ ୪ଜଣ ବୁଣାକାରଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ। ଓଡ଼ିଶାର ସୋନପୁରସ୍ଥିତ ସାଗରପଲ୍ଲୀର ଅରବିନ୍ଦ ମେହେର ସନ୍ଥ କବୀର ଟାଏ ଆଣ୍ଡ୍ ଡାଏ ସିଲ୍କ ଶାଢ଼ି ପାଇଁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୨ ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇଁ ଓଡ଼ିଶାରୁ ୩ ଜଣ ମନୋନୀତ ହୋଇଛନ୍ତି। ଚିତ୍ରକାବ୍ୟ ବନ୍ଧୋଦ୍ୟ ଟାଏ ଆଣ୍ଡ୍ ଡାଏ ସିଲ୍କ ଶାଢ଼ି ପାଇଁ ସୁବର୍ଣ୍ଣପୁର ଜିଲା ନିମାର ଗୀତାଞ୍ଜଳି ମେହେର, ପାରମ୍ପରିକ ସରବନ୍ଧ ଡବଲ୍ ଇକତ ସୁଟ୍ ପାଇଁ ବରଗଡ଼ ଜିଲା ଭେଡେନର ଗୋଲକ ମେହେର ଏବଂ ଡିଜାଇନ୍ ଡେଭେଲପ୍‌ମେଣ୍ଟ ପାଇଁ ଭୁବନେଶ୍ୱର ଜୟଦେବ ବିହାରର ଗୁଞ୍ଜନ ଜୈନ ଏହି ପୁରସ୍କାର ପାଇବେ। ସୂଚନାଥାଉ କି, 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ହସ୍ତତନ୍ତ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଉତ୍କୃଷ୍ଟ ହସ୍ତତନ୍ତ ବୁଣାକାରଙ୍କୁ ସ୍ୱୀକୃତି ପୂର୍ବକ ପ୍ରଦାନ କରାଯାଇଥାଏ। ବିଜେତାଙ୍କୁ ପୁରସ୍କାର ରାଶି ନଗଦ ୩.୫ ଲକ୍ଷ ଟଙ୍କା ସହ ସ୍ୱର୍ଣ୍ଣମୁଦ୍ରା, ତାମ୍ରପତ୍ର, ଶାଲ ଏବଂ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି 'ଜାତୀୟ ହସ୍ତତନ୍ତ ପୁରସ୍କାର' ଅସାଧାରଣ କାରିଗରି, ନିଷ୍ଠା ଏବଂ ନବସୃଜନ ସହିତ ବୁଣାକାରମାନଙ୍କୁ ପ୍ରଦାନ କରାଯାଏ। ପୁରସ୍କାର ବିଜେତାଙ୍କୁ ପୁରସ୍କାର ରାଶି ୨ ଲକ୍ଷ ଟଙ୍କା ସହ ତାମ୍ରପତ୍ର, ଶାଲ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ବୁଣାକାର ବର୍ଗ ଅଧୀନରେ ପୁରସ୍କାର ପାଇଁ ଜୋନାଲ, ମୁଖ୍ୟାଳୟ ଏବଂ କେନ୍ଦ୍ରୀୟ ଆଦି ତ୍ରିସ୍ତରୀୟ କମିଟି ଦ୍ୱାରା ବିଜେତା ଚୟନ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଓ ଅନ୍ୟ ଅତିଥିଙ୍କ ସହିତ ଶିଳ୍ପ ନେତା, ଡିଜାଇନର, ରପ୍ତାନିକାରୀ, ବରିଷ୍ଠ ସରକାରୀ ଅଧିକାରୀ, ଛାତ୍ର ଏବଂ ସାରା ଦେଶରୁ ୫୦୦ରୁ ଅଧିକ ବୁଣାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।






# ଘନୀଭୂତ ହେଉଛି ଲଘୁଚାପ

## ୨ଦିନ ବର୍ଷା ପାଇଁ ରେଡ୍ ୱାର୍ନିଂ

ଭୁବନେଶ୍ୱର, ୨୪।୭ (ଅନୁରାଧା ମହାରଣା)

ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିବାବେଳେ ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଶୁକ୍ରବାର ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରର ରୂପ ନେବାର ସମ୍ଭାବନା ରହିଛି। ପରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଏହା ଗତି କରିବା ସହ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତରଓଡ଼ିଶା- ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇପାରେ। ଏହାର ପ୍ରଭାବରେ ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨ଦିନ ବିଭିନ୍ନ ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝରରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ରେଡ୍ ୱାର୍ନିଂ ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ଦେବଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ନବରଙ୍ଗପୁର, ଅନୁଗୋଳ ଓ ପୁରୀ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ବଜ୍ରପାତ ପାଇଁ ଝାରସୁଗୁଡ଼ା, ବରଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଆଦି ଜିଲାକୁ ସତର୍କ ସୂଚନା ଦିଆଯାଇଛି।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ବୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ଖାଦ୍ୟାଭାବ ଓ ଦେଶାନ୍ତର



ହର୍‌ମିଓ୍ୱାନ ଡାସେ

୨୦୨୫ ମସିହା ପ୍ରଥମାର୍ଦ୍ଧରେ ପାଖାପାଖି ୨୦,୦୦୦ ଲୋକ ଛୋଟ ଡଙ୍ଗାରେ ଇଂଲିଶ୍ ଚ୍ୟାନେଲ ପାର ହୋଇ ଇଂଲଣ୍ଡକୁ ଆସିଛନ୍ତି ଏବଂ ଗତବର୍ଷ ଏହି ଅବଧିରେ ଯେତିକି ଲୋକ ଆସିଥିଲେ, ତାହା ତୁଳନାରେ ୪୮% ବୃଦ୍ଧି ଘଟିଛି। ଏହାସହ ୨୦୨୪ ପ୍ରାରମ୍ଭରୁ ଏଯାବତ୍ ଲିବ୍ୟାରୁ ଗ୍ରୀସ୍‌କୁ ଦେଶାନ୍ତର ହୋଇଥିବା ଲୋକଙ୍କ ସଂଖ୍ୟା ୧୭୩% ବୃଦ୍ଧିପାଇଛି। ଦେଶାନ୍ତର ଗମନ ବନ୍ଦ କରିବା ପାଇଁ ପାଶ୍ଚାତ୍ୟ ନେତାମାନେ ସୀମାରେ ନିୟମ ଦୃଢ଼ କରିବା ସହ ସୀମାନ୍ତ ଦେଶଗୁଡ଼ିକ ସହ ଚୁକ୍ତି କରୁଛନ୍ତି। ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭୋଣ୍ଡର ଲିୟେନ ଉପମହାଦେଶର ସବୁଆଡ଼େ ସୀମାକୁ ନିୟନ୍ତ୍ରଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଏହାସହ ଇଂଲଣ୍ଡ ପ୍ରଧାନମନ୍ତ୍ରୀ କେଏର ଷ୍ଟାର୍ମର ବେଆଇନ ସୀମାପାରକୁ ଉତ୍ସାହିତ କରୁଥିବା ଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି।

୧୯୯୦ ପରଠାରୁ ଅନ୍ତର୍ଜାତୀୟ ସ୍ତରରେ ଦେଶାନ୍ତର ହେଉଥିବା ଲୋକଙ୍କ ସଂଖ୍ୟା ବଢ଼ି ପାଖାପାଖି ଦୁଇଗୁଣ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ବିପଦ ଯୋଗୁ ଏହି ସଂଖ୍ୟା ଦ୍ରୁତ ଗତିରେ ବଢ଼ୁଛି। ଏବକାର ଦେଶାନ୍ତର ଧାରା ନେତାଙ୍କ ପ୍ରତି ଏକ ସତର୍କଘଣ୍ଟି ଏବଂ ସେମାନେ ସ୍ୱୀକାର କରିବା ଉଚିତ ଯେ, ଏହା କେବଳ ଏକ ପ୍ରାରମ୍ଭିକ ଝଟକା। ପଦକ୍ଷେପ ସ୍ୱରୂପ, ଜଳବାୟୁଜନିତ ସଂଘର୍ଷ ଓ ବିପର୍ଯ୍ୟୟ ଦ୍ୱାରା ଦେଶାନ୍ତର ଲୋକଙ୍କ ସଂଖ୍ୟାବୃଦ୍ଧିକୁ ରୋକିବା ଲାଗି କୌଣସି ସ୍ୱଳ୍ପକାଳୀନ କଟକଣା ପର୍ଯ୍ୟାପ୍ତ ହେବ ନାହିଁ। ଏହା ବଦଳରେ ସରକାରଗୁଡ଼ିକ ଦେଶାନ୍ତରର ମୂଳ କାରଣ ଉପରେ ବିଚାର କରିବା ଉଚିତ। ସେହିସବୁ ମଧ୍ୟରେ ପ୍ରମୁଖ କାରଣ ହେଉଛି ଖାଦ୍ୟ ଅସୁରକ୍ଷା। ଜଳବାୟୁ ପରିବର୍ତ୍ତନ କୃଷି ଉତ୍ପାଦନକୁ ଭୀଷଣ କ୍ଷତି କରୁଥିବାରୁ ଖାଦ୍ୟ ଅସୁରକ୍ଷା ବୃଦ୍ଧି ପାଉଛି। ଆଫ୍ରିକାରେ ଏହି ସ୍ଥିତି ସବୁଠୁ ଗମ୍ଭୀର ଏବଂ ନିକଟରେ ଏହା ସବୁଠୁ ଉତ୍ତପ୍ତ ଦଶନ୍ଧିକୁ ସାମ୍ନା କରିଛି। ୨୦୨୩ରେ, ୪୦ ବର୍ଷ ମଧ୍ୟରେ କେନିଆ ଭୟଙ୍କର ମରୁଡ଼ି କବଳରେ ପଡ଼ିଥିଲା। ତା' ପରବର୍ଷ ଆଫ୍ରିକା ମହାଦେଶର ଦକ୍ଷିଣାଞ୍ଚଳ ଶତାବ୍ଦୀର ଭୟଙ୍କର ମରୁଡ଼ିକୁ ସାମ୍ନା କରିଥିଲା। ଏହା ଯୋଗୁ ଜାମ୍ବିଆ ଓ ଜିମ୍ବାୱେରେ ମକା ଉତ୍ପାଦନ ଅଧାରୁ ଅଧିକ ହ୍ରାସ ପାଇଥିଲା। ୨୦୨୪ରେ ଦକ୍ଷିଣ ସୁଦାନରେ ପ୍ରଳୟଙ୍କରୀ ବନ୍ୟାରେ ୩ କୋଟିରୁ ଅଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିଲା। ଲଗାତର ଏବଂ ଗମ୍ଭୀର ପରିବେଶଗତ ବିପଦ ଯୋଗୁ ଭବିଷ୍ୟତରେ ଅଧିକ ଅସ୍ଥିରତା ସୃଷ୍ଟି ହୋଇପାରେ ଏବଂ ଯାହାର ସଙ୍କେତ ଏବକାର ବିପର୍ଯ୍ୟୟରୁ ମିଳୁଛି। ଆକଳନ କରାଯାଉଛି ମହାଦେଶର ଜନସଂଖ୍ୟା ୨୦୭୦ ସୁଦ୍ଧା ଦୁଇଗୁଣ ହେବ। ଯଦି ବିପର୍ଯ୍ୟୟ ଧାରା ଲାଗି ରହେ, ତେବେ ୨୦୫୦ ସୁଦ୍ଧା ଆଫ୍ରିକାର ଶସ୍ୟ ଉତ୍ପାଦନ ୧୮% ହ୍ରାସ ପାଇପାରେ। ଏଭଳି ସ୍ଥିତିରେ କୃଷି ଉତ୍ପାଦନ ଶୀଘ୍ର ବୃଦ୍ଧି କରିବାର ଆବଶ୍ୟକତା ରହିଛି।



ଜଳବାୟୁ ପରିବର୍ତ୍ତନ ପ୍ରଭାବର ଦେଶାନ୍ତର ଲହରକୁ ଜାତୀୟ ସୀମାରେ କଡ଼ା ନିୟମ ଲାଗୁ କରି ରୋକି ହେବ ନାହିଁ। ଗ୍ରାମାଞ୍ଚଳରୁ ଅତ୍ୟଧିକ ଲୋକ ସହରାଞ୍ଚଳକୁ ସ୍ଥାନାନ୍ତର ହେବାରେ ଜଳବାୟୁଜନିତ ଖାଦ୍ୟାଭାବ ଏକ ପ୍ରମୁଖ କାରଣ ପାଲଟିଗଲାଣି। ଉତ୍ପାଦନ ହ୍ରାସ ପାଇବା ସହ ପାଣିପାଗର ନକାରାତ୍ମକ ପ୍ରଭାବ ଯୋଗୁ ଜୀବନଜୀବିକା କ୍ଷତି ହେଉଛି। ଫଳରେ ଅଧିକରୁ ଅଧିକ ଲୋକ ସୁରକ୍ଷା, ସ୍ଥାୟିତ୍ୱ ଏବଂ ଜୀବିକା ଅନ୍ୱେଷଣରେ ସେମାନଙ୍କ ଘର ଛାଡ଼ିବାକୁ ବାଧ୍ୟ ହେବେ। ସଂସାଧନ ଶେଷ କରିବାକୁ ଚାଲିଥିବା ପ୍ରତିଯୋଗିତା ରାଜନୈତିକ ଅସ୍ଥିରତା ଏବଂ ହିଂସାତ୍ମକ ସଂଘର୍ଷ ସୃଷ୍ଟି କରିବ, ଯାହା ଅଧିକରୁ ଅଧିକ ଲୋକଙ୍କୁ ଦେଶାନ୍ତର ହେବା ସକାଶେ ବାଧ୍ୟ କରିବ। ଏବେ ଖାଦ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡୁଥିବାରୁ ପଦକ୍ଷେପ ନେବା ଲାଗି ସରକାରଗୁଡ଼ିକ ଉପରେ ଚାପ ପଡ଼ିଲାଣି। ଆହ୍ୱାନପୂର୍ଣ୍ଣ ପରିସ୍ଥିତିରୁ ମୁକୁଳିବା ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଜଳବାୟୁ ସହନୀୟ କୃଷି ଲୋଡ଼ା ଏବଂ ଏସବୁ ବୈଶ୍ୱିକ ସ୍ଥାୟିତ୍ୱ ନିଶ୍ଚିତ କରିବାର ସବୁଠୁ ପ୍ରଭାବୀ ଉପାୟ। ପାଶ୍ଚାତ୍ୟ ନେତାମାନେ ସବୁଆଡ଼େ ଜଳବାୟୁ ସହନୀୟ କୃଷିକୁ ବ୍ୟାପକ କରିବା ନିମନ୍ତେ ପଦକ୍ଷେପ ନେବା ଦରକାର। ବିପର୍ଯ୍ୟୟ ପୂର୍ବରୁ ସତର୍କ କରିବାର ବ୍ୟବସ୍ଥା, ଅଧିକ ମରୁଡ଼ି ପ୍ରତିରୋଧୀ ଶସ୍ୟ ଚାଷ ଏବଂ ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସବୁ ସମାଧାନର ଉପାୟ ବ୍ୟାପକ ଭାବେ ଉପଲବ୍ଧ କରାଇବା ପାଇଁ ବିତ୍ତୀୟ ଓ ପ୍ରଯୁକ୍ତିଗତ ବାଧାଗୁଡ଼ିକୁ ହଟାଇବାକୁ ପଡ଼ିବ; କାରଣ କୃଷକମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି, ଜ୍ଞାନ ଏବଂ ପୁଞ୍ଜିର ଘୋର ଅଭାବ ରହିଛି।

ନୀତିନିର୍ଦ୍ଧାରକ ଓ ଅନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାଗୁଡ଼ିକ ଏହିସବୁ ପଦକ୍ଷେପର ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ଦରକାର। ଉଦାହରଣ ସ୍ୱରୂପ, ସାଟେଲାଇଟ୍ ଓ ପାଣିପାଗ ତଥ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇଲେ ପୂର୍ବ ସତର୍କ ବ୍ୟବସ୍ଥା ମଜଭୁତ ହେବ। ଏହା କୃଷି ଉତ୍ପାଦନର ସୁରକ୍ଷା ପାଇଁ କୃଷକ ଓ ସରକାରଙ୍କୁ ଠିକ୍ ସମୟରେ ପ୍ରତିଷେଧାତ୍ମକ ପଦକ୍ଷେପ ନେବାକୁ ସକ୍ଷମ କରାଇବ। କିନ୍ତୁ ଏବେ ସୁଦ୍ଧା ଆଫ୍ରିକାର ପାଖାପାଖି ୬୦ ପ୍ରତିଶତ ଲୋକଙ୍କ ନିକଟରେ ଏହିସବୁ ବ୍ୟବସ୍ଥା ପହଞ୍ଚି ନାହିଁ। ଏହି ପ୍ରତିଶତକୁ କମାଇବାକୁ ହେଲେ ଅନ୍ତର୍ଜାତୀୟ ସମୁଦାୟ ପରିବେଶ ଉପଯୋଗୀ କୃଷି ଉପରେ ଗୁରୁତ୍ୱ ଦେଉଥିବା ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମଡେଲ ଫାର୍ମଗୁଡ଼ିକୁ ସହଯୋଗ କରିବା ଉଚିତ। କୃଷକଙ୍କୁ ଏ ସମ୍ପର୍କିତ ଜ୍ଞାନ ଯୋଗାଇଦେବା ଦରକାର।

ଦୀର୍ଘ ଦଶନ୍ଧି ହେଲା କୃଷି ଗବେଷଣା ଓ ବିକାଶ କ୍ଷେତ୍ରରେ ସରକାରୀ ପାଣ୍ଠି ହ୍ରାସ ପାଇଚାଲିଛି। ଜଳବାୟୁ ବିପଦ ତୀବ୍ର ହେଉଥିବାବେଳେ ଏହା ବୈଶ୍ୱିକ ନୂତନତ୍ୱ ପ୍ରବାହକୁ ଦୁର୍ବଳ କରିଦେଇଛି। ଏଣୁ ଏହି ସମୟରେ ପାଶ୍ଚାତ୍ୟ ସରକାରଗୁଡ଼ିକ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ପାଣ୍ଠି ଯୋଗାଣ ଉପରେ ପଦକ୍ଷେପ ନେବା ଦରକାର। ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି ଯେ, ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକରେ ଜଳବାୟୁ ସହନୀୟ ଶସ୍ୟ ଉପରେ ଗବେଷଣା ଚାଲିଥିବାବେଳେ ତାହା ବିକାଶଶୀଳ ଦେଶଗୁଡ଼ିକରେ ହୋଇପାରୁନାହିଁ, ଯେଉଁଠି ସେମାନେ ପାଣ୍ଠି ଓ ଗବେଷଣା ଲବ୍ଧ ଜ୍ଞାନରୁ ବଞ୍ଚିତ ହେଉଛନ୍ତି। ଏକ ଉଲ୍ଲେଖନୀୟ ସମାଧାନର ବାଟ ହେଉଛି ଏକ ବିକଶିତ ମାର୍କେଟର ପ୍ରତିବଦ୍ଧତା। ଏହି ବ୍ୟବସ୍ଥାରେ ସବୁ ସରକାର ଏବଂ ବିଶ୍ୱ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ନିର୍ଦ୍ଦିଷ୍ଟ ଉତ୍ପାଦ ପାଇଁ ଏକ ମାର୍କେଟ ସୃଷ୍ଟି କରିବାକୁ ସକ୍ଷମ ହେବେ। ଉତ୍ପାଦ କିଣିବା ଓ ସବ୍‌ସିଡିର ପ୍ରତିଶ୍ରୁତି ଦେଇ ଏହା କରାଯାଇପାରିବ। ଜଳବାୟୁ ସହନୀୟ ଶସ୍ୟ ପାଇଁ ଏହି ମଡେଲ ଲାଗୁ କଲେ ତାହା ଉତ୍ପାଦନ ବୃଦ୍ଧି ପାଇଁ ନିବେଶର ପଥ ଖୋଲି ଦେଇପାରେ ଏବଂ ଆଫ୍ରିକା ଓ ଅନ୍ୟ ଦେଶଗୁଡ଼ିକରେ କୃଷକଙ୍କ ପାଇଁ ଲାଭଦାୟକ ହେବ। ଜନସଂଖ୍ୟା ବୃଦ୍ଧି ଯୋଗୁ ଅଧିକ କୃଷି ଜମିର ଆବଶ୍ୟକତା ପଡୁଛି। ନୂତନତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ନ ରହିଲେ ଏବକାର ଖାଦ୍ୟ ବ୍ୟବସ୍ଥା ଭବିଷ୍ୟତର ଆବଶ୍ୟକତା ପୂରଣ କରିପାରିବ ନାହିଁ। ଏଣୁ ପର ପିଢ଼ିର ପ୍ରଯୁକ୍ତିକୁ ଗ୍ରହଣ କରି ତ୍ୱରିତ ସ୍ୱୀକୃତି ଦେବା ସକାଶେ ନିୟାମକ ଢାଞ୍ଚାଗୁଡ଼ିକ ଅଧିକ ସକ୍ରିୟ କରାଯିବା ଦରକାର।

ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଦୂର କରି ପୁନର୍ବାର ଉତ୍ପାଦନ ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା କେବଳ ଏକ ବିକାଶର ବିଷୟ ନୁହେଁ, ବରଂ ଜଳବାୟୁଜନିତ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ସମୟରେ ଏହା ଏକ ଭୂରାଜନୈତିକ ଆବଶ୍ୟକତା। ପ୍ରବାସନ ଓ ଶରଣାର୍ଥୀ ବଢୁଥିବା ପରିପ୍ରେକ୍ଷୀରେ ଦେଶାନ୍ତରର ମୂଳ କାରଣକୁ, ଅସ୍ଥିରତା ଓ ଖାଦ୍ୟ ଅସୁରକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ସୀମାଗୁଡ଼ିକୁ ମଜଭୁତ କରିବା ଏକ ବ୍ୟୟବହୁଳ ଏବଂ ଅପ୍ରଭାବୀ ପଦକ୍ଷେପ ହେବ। ଏକ ମୌଳିକ ତଥା ଭିନ୍ନ ପଦକ୍ଷେପ ବିନା ଏବେ ବଢୁଥିବା ଦେଶାନ୍ତର ସଙ୍କଟ ପୂର୍ବ ଭଳି ଲାଗି ରହିବ, ଯାହାକୁ କୌଣସି ସରକାର ରୋକିପାରିବେ ନାହିଁ।

**ନୀତି ପରାମର୍ଶଦାତା, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜ୍**

## ମାନବ-ମାନବିକତା



ଚିତ୍ତରଞ୍ଜନ ବେହେରା

ମଣିଷ ଏବେ ଆଧୁନିକ ସଭ୍ୟତାରେ ପଦାର୍ପଣ କରିଛି। ସମୟ ସହିତ ସମାଜର ସଂସ୍କୃତି ଏବଂ ପରମ୍ପରାରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ମଣିଷ ଆଧୁନିକତାର ସ୍ପର୍ଶରେ ବହୁ ଆନନ୍ଦ ଲାଭ କରୁଥିବାର ମଧ୍ୟ ଦେଖାଯାଉଛି। ହେଲେ ଏମିତି ପରିବର୍ତ୍ତନ ଆସୁ ଆସୁ ଏ ଶିକ୍ଷିତ ସମାଜରେ ଅନେକ ଅସାମାଜିକ କାର୍ଯ୍ୟ ଦୃଷ୍ଟିଗୋଚର ହେଉଛି।

ବହୁ ବର୍ଷ ପୂର୍ବରୁ ମଣିଷ ନିଜ ଇଚ୍ଛାରେ ଖାଇବା, ବଞ୍ଚିବା ଓ କାମ କରିବା ପାଇଁ ନିଷ୍ପତ୍ତି ନେଉଥିଲା। ଏମିତି ବଞ୍ଚିବାର କିଛିଦିନ ପରେ ମଣିଷ ଏକ ସ୍ୱତନ୍ତ୍ର ନିୟମରେ ବନ୍ଧା ହେଲା ଓ ଜୀବନ ଶୈଳୀ ପାଇଁ ନିର୍ଦ୍ଦିଷ୍ଟ ନିୟମ ରଖିଲା। ଖାଇବା, ସ୍ନାନ କରିବା ଭଳି ଦୈନନ୍ଦିନ କାର୍ଯ୍ୟକ୍ରମକୁ ଏକ ସ୍ୱତନ୍ତ୍ର ନିୟମ ଦ୍ୱାରା ପରିଚାଳିତ କରାଗଲା। ଧୀରେ ଧୀରେ ସଭ୍ୟ ସମାଜରେ ପରିବର୍ତ୍ତନ ଆସିଲା। ସାମାଜିକ ଚଳଣି ବଦଳି ଗଲା। ମଣିଷ ଲାଜ କରିବା, ଅନ୍ୟକୁ ସମ୍ମାନ ଦେବା, ସଂଯମରେ ରହିବା ଭଳି ସଂସ୍କାର ଗ୍ରହଣ କଲା।

ଆଜିକାଲି ଦେଖୁଥିବେ ଶିକ୍ଷା ପାଇଁ ବିଦ୍ୟାଳୟ ସ୍ଥାପନ ହେବା, ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟ ବୃଦ୍ଧି ପାଇ ସାରିଲାଣି। ମଣିଷ ମଧ୍ୟ ପୂର୍ବ ଅପେକ୍ଷା ଶିକ୍ଷିତ ହେଲେଣି। ବର୍ତ୍ତମାନ ବିଭିନ୍ନ ଧର୍ମଗୁରୁଙ୍କ ଦ୍ୱାରା ବିଭିନ୍ନ ଧର୍ମର ସ୍ଥାପନ ହୋଇସାରିଲାଣି। ପୂର୍ବରୁ କେତେ ଜଣ ଧର୍ମଗୁରୁ ଥିଲେ କିନ୍ତୁ ସୋସିଆଲ ମିଡିଆ ନ ଥିଲା ବିଭିନ୍ନ ଧର୍ମବାଣୀ ତଥା ତଥ୍ୟ ପ୍ରଚାର କରିବା ପାଇଁ। ମଣିଷ ସମାଜରେ ବଞ୍ଚିବା ଶୈଳୀ ଆଜିଭଳିଆ ନ ଥିଲା। ଆଜିକାଲି ଆମ ସମାଜର ସମସ୍ତ ଲୋକ ବିଭିନ୍ନ ଧର୍ମରେ ଦୀକ୍ଷିତ ହୋଇ ଧର୍ମଗ୍ରନ୍ଥ ପଢ଼ି, ବହୁ ବଡ଼ ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନ କରିଛନ୍ତି। ତଥାପି ମଧ୍ୟ ଭାଇ ଭାଇ ମଧ୍ୟରେ ସମ୍ପତ୍ତି ପାଇଁ ଝଗଡ଼ା, ସାହି ପଡ଼ିଶାରେ ଝଗଡ଼ା, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା, ପରିବାରରେ ଅଶାନ୍ତି ଭଳି ଅନେକ ଅସାମାଜିକ ସମସ୍ୟା ଦେଖାଯାଉଛି। ବୃଦ୍ଧାଶ୍ରମ ଅଧିକରୁ ଅଧିକ ବୃଦ୍ଧି ପାଉଛି। ସତରେ ଯଦି ଆମେ ଶିକ୍ଷିତ, ଧାର୍ମିକ, ସଂସ୍କାରିତ ଓ ନିଜ ଧର୍ମବାଣୀ ଦ୍ୱାରା ଆମେ ପରିଚାଳିତ ଓ ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ଅନୁସରଣକାରୀ, ତା'ହେଲେ ନିଜ ପାଖରେ ନିଜ ନିଜ ଘରେ ବାପା ମା'ଙ୍କୁ କାହିଁକି ରଖି ପାରୁନାହୁଁ। ଯଦି ବି ନାରୀ ସମ୍ମାନ କଥା କହୁଛୁ ତଥାପି ନାରୀଙ୍କୁ ସମ୍ମାନ ଦେଉ ନାହିଁ।। ଏଇଟା କ'ଣ ଶିକ୍ଷିତ, ସଂସ୍କାରିତ ଓ ଧାର୍ମିକ ଚିନ୍ତା କି ? ଆମେ ସଭ୍ୟ ସମାଜର ମଣିଷ। ଧର୍ମ ଅଧର୍ମ, ପାପ ପୁଣ୍ୟ କଥା କହି ପରଧନ ଲୁଟି ଖାଇବା, ସୁଯୋଗ ପାଇଲେ ଫାଇଦା ଉଠେଇବା, ନିଜର ଲାଭ ପାଇଁ ଅନ୍ୟର କ୍ଷତି କରିବା ଏଇଟା କ'ଣ ଆମର ଶିକ୍ଷା, ଧର୍ମବାଣୀ ନା ଆମ ଧର୍ମଗ୍ରନ୍ଥରେ ଲେଖାହୋଇଛି। ଭାବିଲେ ମନରେ ପ୍ରଶ୍ନ ଆସେ। ଭାରତର କୌଣସି ଧର୍ମଗ୍ରନ୍ଥରେ ବି ଏମିତି ଅସାମାଜିକ ବାର୍ତ୍ତା ଲେଖା ଯାଇନାହିଁ କି କୌଣସି ଧର୍ମ ଗୁରୁ ଓ ମହାପୁରୁଷମାନେ ମଧ୍ୟ ଅସାମାଜିକ କାର୍ଯ୍ୟ କରିବା ପାଇଁ ବାଣୀ ପ୍ରଦାନ କରିନାହାନ୍ତି। ସବୁବେଳେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ, କରୁଣାକୁ ଆଧାର କରି ଧର୍ମଗ୍ରନ୍ଥରେ ଧର୍ମବାଣୀ ଲିଖିତ ଓ ଧର୍ମ ଗୁରୁମାନଙ୍କ ଦ୍ୱାରା ପ୍ରଚାରିତ। କିନ୍ତୁ ମଣିଷର କାର୍ଯ୍ୟକ୍ରମ ଠିକ୍ ଓଲଟା। ଆମେ ଯଦି ସତରେ ଶିକ୍ଷିତ, ସଂସ୍କାରିତ ଓ ଧର୍ମପରାୟଣ ବ୍ୟକ୍ତି ଏମିତି ଅସାମାଜିକ କାର୍ଯ୍ୟ କାହିଁକି ? ଆମ ମନରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ କରୁଣା କାହିଁକି ଉଙ୍କିମାରୁ ନାହିଁ। ଆମେ କ'ଣ ? ସମସ୍ତେ ନିଜକୁ ନିଜେ ପ୍ରଶ୍ନ କରିବା ଉଚିତ। ସମାଜରେ କାହା ପେଟକୁ ଦାନା ମୁଠେ ନ ଦେଇ ପେଟକୁ ଲାତ ମାରନ୍ତି , କାହାକୁ କେବେ ଖାଇଛୁ , କେମିତି ଅଛୁ ନ ପଚାରି ତା' ବିରୋଧରେ ତା' ପଛରେ ତା' ବିଷୟରେ ଆଲୋଚନା କରନ୍ତି। ଗରିବକୁ ହୀନ ଦୃଷ୍ଟିରେ ଦେଖନ୍ତି, ଧନୀ ହୋଇଗଲେ ବେଶି ଧନ ଗର୍ବ କରୁଛି ବୋଲି କୁହନ୍ତି। ଯଦି କିଏ କିଛି କରୁ ନାହିଁ ଅକର୍ମା ବୋଲି ତାଚ୍ଛଲ୍ୟ କରନ୍ତି ଓ କିଛି କରିବା ପାଇଁ ଚେଷ୍ଟା କଲେ ପଛରୁ ଗୋଡ଼ଟାଣନ୍ତି ବା ପଛରେ ରହି କ୍ଷତି କରନ୍ତି। ଏମିତି କାହିଁକି ? ଏଇଟା କ'ଣ ଆମ ଭିତରେ ଥିବା ମାନବିକତା ? ଏଇଟା କ'ଣ ସଭ୍ୟ ଓ ଶିକ୍ଷିତ ସମାଜର ଚିନ୍ତା।

ଭାରତ ଏକ ଧର୍ମନିରପେକ୍ଷ ଦେଶ। ଏହି କାରଣରୁ ମଣିଷ ଯେଉଁ ଧର୍ମରେ ରହିଲେ କି ଯେଉଁ ଧର୍ମର ଠାକୁରଙ୍କୁ ପୂଜା ବା ଭକ୍ତି କଲେ, ନିଜ ଧର୍ମରବାଣୀ ପ୍ରଚାର କଲେ କାହାର କିଛି ଅସୁବିଧା ନାହିଁ। ଜଣେ ଭାରତୀୟ ନାଗରିକ ହିସାବରେ ସେ ନିଜ ଇଚ୍ଛାରେ ଧର୍ମଗ୍ରହଣ ଓ ଧର୍ମ ପ୍ରଚାର କରିପାରିବ, କିନ୍ତୁ ଧର୍ମକୁ ନେଇ ଦେଶରେ ବିବାଦ ଧେଖାଯାଉଛି। ସମସ୍ତଙ୍କ ଭିତରେ ପ୍ରଥମେ ମଣିଷ ହିସାବରେ ମାନବିକତା ରହିବା ନିତାନ୍ତ ଆବଶ୍ୟକ। ମାନବିକତା ହିଁ ମାନବର ଶ୍ରେଷ୍ଠ ଧର୍ମ।

**ବୌଦ୍ଧ, ମୋ: ୯୪୩୮୭୧୦୩୮୭**

## ଏଇ ଭାରତରେ

କାଗଜ ଉତ୍ପାଦନ ପାଇଁ ଗଛ କାଟି ପରିବେଶକୁ ନଷ୍ଟ କରାଯାଉଛି। ଏଣୁ ଗଛ କଟା ହ୍ରାସ କରିବାକୁ କାଗଜ ତିଆରିର ନୂଆ ପଦ୍ଧତି ଆପଣାଇଛନ୍ତି ତାମିଲନାଡୁର ସୁସ୍ମିତା କ୍ରିଷ୍ଣନ। ୨୫ ବର୍ଷୀୟା ସୁସ୍ମିତା ପାଣିରେ ବଢୁଥିବା କଲିକତି ଦଳରୁ କାଗଜ ତିଆରି କରୁଛନ୍ତି। ଏଥିପାଇଁ ୧୫୦–ମହିଳାଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଛନ୍ତି। ସୁସ୍ମିତା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ଶିକ୍ଷା ଲାଭ କରି ଜର୍ମାନୀର ହମବର୍ଗ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ସମୟରେ କଲିକତି ଦଳରୁ କାଗଜ ତିଆରି କରିବାର ସିଦ୍ଧାନ୍ତରେ ପହଞ୍ଚିଥିଲେ। ସେଠାରୁ ଭାରତ ଫେରିବା ପରେ ସେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। କଲିକତି ଦଳ ପାଣିକୁ ପରିଷ୍କାର କରିବାର କ୍ଷମତା ଥିବାବେଳେ ଏହା ଦ୍ରୁତ ଗତିରେ ବଢି ପାଣିକୁ ଆଚ୍ଛାଦିତ କରିଦିଏ। ଫଳରେ ପାଣିରେ ସୂର୍ଯ୍ୟାଲୋକ ପଡ଼ିପାରେ ନାହିଁ ଓ ଅମ୍ଳଜାନ ସ୍ତର କମିଯାଏ । ଫଳରେ ଜଳ ଜୀବଙ୍କ ମୃତ୍ୟୁ ଘଟେ। ତେବେ ଏହି ସମସ୍ୟାକୁ ଉପଲବ୍ଧି କରି ସୁସ୍ମିତା ଗବେଷଣା କରି କାଗଜ ତିଆରି ସୂତ୍ର ପାଇପାରିଥିଲେ। ୧କେଜି ଦଳରୁ ୩୦ଟି ଏ୪ ସାଇଜ କାଗଜ ତିଆରି ହୋଇପାରୁଛି। ଦଳରୁ ପ୍ରଥମେ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କାଗଜ ତିଆରି ହେଉଛି। ସୁସ୍ମିତା ତାମିଲନାଡୁର ତ୍ରିଚି ଅଞ୍ଚଳରୁ ଏହି ଦଳ ସଂଗ୍ରହ କରୁଛନ୍ତି। ଏପରିକି ଅନେକ ଜଳାଶୟରେ ଏହି ଦଳ ବଢ଼ାଯାଉଛି।

## ୫୦ ବର୍ଷ ତଳର ଧରିତ୍ର�ୀ

**୨୫ ଜୁଲାଇ ୧୯୭୬**

- ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ଦେବକାନ୍ତ ବରୁଆ ଓଡ଼ିଶା କଂଗ୍ରେସ ବିଧାୟକ ଦଳରେ ମିଶିବା ପାଇଁ ୬ ଜଣ ସ୍ୱାଧୀନ ସଦସ୍ୟଙ୍କୁ ଅନୁମତି ଦେଇଛନ୍ତି।
- ମୌଳିକ ବିଜ୍ଞାନ କ୍ଷେତ୍ରରେ ପାରସ୍ପରିକ ସହଯୋଗିତାକୁ ଦ୍ୱିଗୁଣିତ କରିବା ନିମନ୍ତେ ଭାରତ ଓ ସୋଭିଏଟ୍ ରୁଷିଆ ମଧ୍ୟରେ ଏକ ରାଜିନାମା ସଂକ୍ରାନ୍ତ ପ୍ରୋଟୋକଲ ସ୍ୱାକ୍ଷରିତ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ବସବାସ କରୁଥିବା ତାମିଲ ସଂଖ୍ୟାଲଘୁ ଲୋକଙ୍କ ସୁବିଧା ପାଇଁ ତାମିଲ ଭାଷାରେ ସରକାରୀ ଚେକ୍ ଲାଗୁ କରିବା ନିମନ୍ତେ ନିଷ୍ପତ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 1 | | | | |
| | 3 | | 5 | | 9 | | | |
| | | | | | 3 | | | |
| 3 | | | 1 | 7 | | | | |
| | | | | 8 | 4 | | | 6 |
| 1 | | 2 | | | | | | 5 |
| | | 8 | | | | | | |
| | 7 | | | 9 | | | 1 | |
| 5 | 9 | 3 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 5 | 8 | 2 | 3 | 7 | 1 |
| 2 | 1 | 5 | 9 | 7 | 3 | 4 | 6 | 8 |
| 7 | 8 | 3 | 1 | 6 | 4 | 2 | 9 | 5 |
| 1 | 5 | 4 | 6 | 9 | 7 | 8 | 3 | 2 |
| 8 | 7 | 2 | 3 | 4 | 1 | 9 | 5 | 6 |
| 3 | 6 | 9 | 8 | 2 | 5 | 7 | 1 | 4 |
| 9 | 3 | 8 | 4 | 5 | 6 | 1 | 2 | 7 |
| 5 | 2 | 1 | 7 | 3 | 8 | 6 | 4 | 9 |
| 6 | 4 | 7 | 2 | 1 | 9 | 5 | 8 | 3 |

ଗତକାଲିର ଉତ୍ତର

# ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଅସ୍ମିତା



ଡ.ପ୍ରମୋଦ କୁମାର ପଣ୍ଡା

ଆଜିକାଲି ଓଡ଼ିଶାରେ ଅନେକ ଲୋକ ଅସ୍ମିତା କଥା କହୁଛନ୍ତି। ଏହି ଅସ୍ମିତାରେ ଓଡ଼ିଆ ଶବ୍ଦ ଯୋଡ଼ି ଓଡ଼ିଆଙ୍କ ପ୍ରିୟଭାଜନ ହେବା ପାଇଁ ପ୍ରୟାସ କରୁଛନ୍ତି। କିଏ କିଏ ଭାବନ୍ତି ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଓଡ଼ିଆଙ୍କୁ ନିଯୁକ୍ତି ଦେଇଦେଲେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇଯାଏ। ଆଉ କିଏ ଭାବନ୍ତି ସରକାରୀ ଚିଠି ବା ଫାଇଲ ଟିପ୍ପଣୀ ଓଡ଼ିଆ ଭାଷାରେ ଲେଖିଦେଲେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୁଏ। ଆଉ କିଛି ବିଦ୍ୱାନ୍ ଭାବନ୍ତି ଓଡ଼ିଆ ଭାଷାରେ କେବଳ ଶିକ୍ଷାଦାନ କଲେ (ବୈଷୟିକ ବିଷୟ ସହିତ ଅନ୍ୟାନ୍ୟ ବିଷୟରେ) ଓଡ଼ିଆ ଅସ୍ମିତା ବୃଦ୍ଧି ହୁଏ। ଏହିପରି ବିଭିନ୍ନ ଲୋକ ନିଜ ନିଜ ଢଙ୍ଗରେ ଅସ୍ମିତାକୁ ଦର୍ଶାଇବାରେ ଲାଗିଛନ୍ତି। ମୋ ମତରେ ଅସ୍ମିତାର ପ୍ରକୃତ ଅର୍ଥ ହେଉଛି, ଯାହା ସବୁ ଆମ ପାଖରେ ଅଛି ଓ ଅନ୍ୟମାନଙ୍କଠୁ ସ୍ୱତନ୍ତ୍ର। ଅନ୍ୟ ଅର୍ଥରେ କହିଲେ, ଯାହା ଦ୍ୱାରା ଆମେ ଅନ୍ୟମାନ ସାମ୍ନାରେ ସ୍ୱତନ୍ତ୍ର ବୋଲି ବୁଝାପଡ଼ନ୍ତି। ଅର୍ଥାତ୍ ସେଇସବୁ ସ୍ୱତନ୍ତ୍ରତା ପାଇଁ ଆମେ ଅନ୍ୟଠୁ ବାରିହୋଇ ପଡ଼ନ୍ତି ଓ ଯାହା ପାଇଁ ଆମକୁ ଅନ୍ୟମାନେ ସମ୍ମାନ ପ୍ରଦର୍ଶନ କରନ୍ତି ;ଅନ୍ୟମାନଙ୍କ ପାଖରେ ଆମର ଆତ୍ମସମ୍ମାନ କିମ୍ବା ସ୍ୱାଭିମାନ ବୃଦ୍ଧି ହୁଏ। ଏହି ଓଡ଼ିଆ ଅସ୍ମିତା ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶିତ ହୋଇପାରେ ; ଯଥା ଭାଷା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ, କଳା, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ଶିକ୍ଷା, ଅର୍ଥନୀତି ଇତ୍ୟାଦି ଇତ୍ୟାଦି। ଆସନ୍ତୁ ଜାଣିବା ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ କେଉଁ କେଉଁ ପଦକ୍ଷେପ ନେବା ଆବଶ୍ୟକ।

ପ୍ରଥମରେ ଓଡ଼ିଶାର ଇତିହାସକୁ ଭାରତବାସୀଙ୍କୁ ଜଣାଇବା: ଭାରତ ଇତିହାସରେ ଓଡ଼ିଶାର ଇତିହାସ କଥା କହିବାର ଅର୍ଥ ହେଉଛି ଅଧା ପୃଷ୍ଠା କଳିଙ୍ଗ ଯୁଦ୍ଧ। ନା ସେଥିରେ ମହାମେଘବାହନ ଐର ଖାରବେଳଙ୍କ ବିଶାଳ ସାମ୍ରାଜ୍ୟର କଥା ଅଛି ନା ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର କଥା ଅଛି ନା ଓଡ଼ିଆ ପୁଅ କୌଣ୍ଡିନ୍ୟର କାମ୍ବୋଡିଆରେ ସାମ୍ରାଜ୍ୟ ପ୍ରତିଷ୍ଠା କଥା ଅଛି ନା ଭାରତର ପ୍ରଥମ ମୁକ୍ତି ସଗ୍ରାମ ପାଇକ ବିଦ୍ରୋହ ଗାଥା ଅଛି ନା ଦ୍ୱିତୀୟ ବୁଦ୍ଧ ରୂପେ ପରିଚିତ ଓଡ଼ିଆ ପୁଅ ପଦ୍ମସମ୍ଭବଙ୍କ କଥା ଅଛି ନା ଦେଶର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ କଥା ଅଛି ନା ଦେଶର ମୁକ୍ତି ସଂଗ୍ରାମର ଦୀର୍ଘତମ ବନ୍ଦୀ ବୀର ସୁରେନ୍ଦ୍ର ସାଏଙ୍କ କଥା ଅଛି ନା ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରେ ୨୨ ଥର ହୋଇଥିବା ଆକ୍ରମଣର ଇତିହାସ ଅଛି ? ଅଣଓଡ଼ିଆ କ'ଣ ପାଇଁ ଓଡ଼ିଆଙ୍କୁ ଏତେ ସମ୍ମାନ ପ୍ରଦର୍ଶନ କରିବେ ?

ଦ୍ୱିତୀୟରେ ଓଡ଼ିଶାର ମହାପୁରୁଷଙ୍କ ବିଷୟରେ ଭାରତବାସୀଙ୍କୁ ପଢ଼ାଇବା: ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସ୍ୱଭାବ କବି ଗଙ୍ଗାଧର ମେହେର, ଗୀତ ଗୋବିନ୍ଦର ରଚୟିତା ଜୟଦେବ, ସନ୍ଥକବି ଭୀମ ଭୋଇ, ରାମାନନ୍ଦ ରାୟ, ଜଗନ୍ନାଥ ଦାସ, ବଳରାମ ଦାସ ଏବଂ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଭଳି ସଂଗ୍ରାମୀଙ୍କୁ ମଧ୍ୟ ଏ ଜାତି କୋଳରେ ଧରିଥିଲା। ପରିତାପର ବିଷୟ, ଆଜି ପର୍ଯ୍ୟନ୍ତ ସର୍ବଭାରତୀୟ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଜଣଙ୍କୁ ସ୍ଥାନ ନ ମିଳିବା ଓଡ଼ିଆ ଅସ୍ମିତାକୁ ଅନେକାଂଶରେ କ୍ଷୁଣ୍ଣ କରିଛି।



ତୃତୀୟରେ ରାଷ୍ଟ୍ରୀୟ ସ୍ତରରେ ସାମରିକ ପରିଚୟ ବୃଦ୍ଧି: ଓଡ଼ିଶାର ପାଇକଙ୍କ ରଣକୌଶଳ ପ୍ରାଚୀନ କାଳରୁ ଅତ୍ୟନ୍ତ ସମୃଦ୍ଧ ଥିଲା। ସ୍ୱାଧୀନ ଭାରତରେ ବିଭିନ୍ନ ରାଜ୍ୟ ବା ଜାତିକୁ ନେଇ ଏକାଧିକ ରେଜିମେଣ୍ଟ ଗଠିତ ହୋଇଥିବା ବେଳେ (ଶିଖ୍ ରେଜିମେଣ୍ଟ, ପଞ୍ଜାବ ରେଜିମେଣ୍ଟ, ମାଡ୍ରାସ ରେଜିମେଣ୍ଟ, ବେଙ୍ଗଲ ରେଜିମେଣ୍ଟ, ମରାଠା ରେଜିମେଣ୍ଟ, ରାଜପୁତନା ରାଇଫଲ, ଗୋର୍ଖା ରେଜିମେଣ୍ଟ, ବିହାର ରେଜିମେଣ୍ଟ ଇତ୍ୟାଦି ଇତ୍ୟାଦି) ଓଡ଼ିଶାର ବା କଳିଙ୍ଗର ନାମ ବହନ କରୁଥିବା କଳିଙ୍ଗ ରେଜିମେଣ୍ଟର ଅନୁପସ୍ଥିତି ଓଡ଼ିଆ ଅସ୍ମିତା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରୁ ନାହିଁ କି ?

ଚତୁର୍ଥରେ ଓଡ଼ିଆ ଖାଦ୍ୟ ପେୟର ବ୍ୟାପକ ପ୍ରଚାର ପ୍ରସାର: ଓଡ଼ିଶା ବିଶ୍ୱବାସୀଙ୍କୁ ରସଗୋଲା, ଛେନା ପୋଡ଼, ଏଣ୍ଡୁରିପିଠା, ଆରିସାପିଠା, ଡାଲମା, ପଖାଳ, ଖିରି ଇତ୍ୟାଦି ଉପହାର ଦେଇଛି। ଓଡ଼ିଆ ଥାଳିରେ ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତବ ଲବଣ, ଭିଟାମିନ, ତନ୍ତୁ ଇତ୍ୟାଦିର ସମାହାର ଥିବା ସତ୍ତ୍ୱେ ଏହା ଓଡ଼ିଶା ବାହାରେ ବ୍ୟାପକ ପ୍ରଚାର ପ୍ରସାର ଲାଭ କରିପାରି ନାହିଁ। ବରଂ ପଞ୍ଜାବୀ ତଡ଼କା, ତନ୍ଦୁରୀ ରୋଟି, ଦକ୍ଷିଣ ଭାରତ ଥାଳି କିମ୍ବା ଦୋସା ଆଦୃତି ଲାଭ କରିଛି। ଓଡ଼ିଆ ଖାଦ୍ୟର ଚାହିଦା ଅନ୍ୟ ରାଜ୍ୟ ଓ ବିଦେଶରେ ବଢ଼ାଇ ପାରିଲେ ନିଶ୍ଚୟ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

ପଞ୍ଚମରେ ଆମ ବୟନ ଓ ହସ୍ତ ଶିଳ୍ପର ବ୍ୟାପକ ପ୍ରସାର ପ୍ରଚାର: ମହାତ୍ମା ଗାନ୍ଧୀ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପାଟକୁ ଦେଖି ହାତର ସୂକ୍ଷ୍ମତାକୁ କିଛି କ୍ଷଣ ପାଇଁ ମିଲ୍ ତିଆରି ଭ୍ରମରେ ପଡ଼ିଯାଇଥିଲେ। ସମ୍ବଲପୁରୀ ବସ୍ତ୍ର, ପିପିଲି ଚାନ୍ଦୁଆ, ପାରଳାଖେମୁଣ୍ଡି ଶିଙ୍ଗ କାମ ବିଶ୍ୱସ୍ତରୀୟ। ମାତ୍ର ଭାରତର ପ୍ରତି ସହରରେ ବନାରସୀ ଶାଢ଼ି ଦୋକାନ ଥିବା ବେଳେ ଆମ ସମ୍ବଲପୁରୀ ଶାଢ଼ି ଦୋକାନର ଅନୁପସ୍ଥିତି ନିଶ୍ଚିତ ରୂପେ ଓଡ଼ିଆ ଅସ୍ମିତାକୁ ନ୍ୟୂନ କରୁଛି। ଓଡ଼ିଶା ବାହାରେ ଏହାର ବ୍ୟାପକ ପ୍ରଚାର ପ୍ରସାର, ଓଡ଼ିଆ ଅସ୍ମିତାକୁ ବୃଦ୍ଧି କରିବ।

ଷଷ୍ଠରେ କୃଷିଜାତ ଦ୍ରବ୍ୟ ଆମଦାନୀକାରୀ ନ ହୋଇ ରପ୍ତାନିକାରୀ ହେବା: ପ୍ରଚୁର ଜଳ, ସବୁ ପ୍ରକାର ମୃତ୍ତିକା, ଅନୁକୂଳ ଜଳବାୟୁ ଥାଇ ମଧ୍ୟ ଓଡ଼ିଶା ରାଷ୍ଟ୍ରୀୟ ସ୍ତରରେ କୃଷିଜାତ ପଦାର୍ଥର ଏକ ବଡ଼ ଆମଦାନୀକାରୀ ରାଜ୍ୟ। ଏତିକି କୁହାଯାଇପାରେ, ଆମେ ମଧ୍ୟ ସରୁ ଓ ବାସ୍‌ମତୀ ଚାଉଳକୁ ମିଶାଇ ମୋଟ ବାର୍ଷିକ ୧୦ ଲକ୍ଷ ଟନ୍ ଚାଉଳ ଆମଦାନୀ କରୁଛୁ। ଏଣୁ ଆମ ରାଜ୍ୟକୁ କୃଷିଜାତ ପଦାର୍ଥରେ ରପ୍ତାନିକାରୀ ରାଜ୍ୟ କରିପାରିଲେ ଓଡ଼ିଆ ଅସ୍ମିତା ବଢ଼ିବ।

ସପ୍ତମରେ, ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ପ୍ରାଚୀନ କାଳରୁ ବଶ୍ୱରେ ଓଡ଼ିଶା ଶିକ୍ଷାର ଉତ୍କର୍ଷଲାଭ କରିଥିଲା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା। ଆଜି ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଉନ୍ନତି ହୋଇଛି ମାତ୍ର ରାଷ୍ଟ୍ରୀୟ ସ୍ତରରେ ବିଦ୍ୟାର୍ଥୀ ବାହାରିପାରୁ ନାହାନ୍ତି। ଆମ ଶିକ୍ଷାନୁଷ୍ଠାନରୁ ବିଶ୍ୱସ୍ତରର ବିଦ୍ୟାର୍ଥୀ ବାହାରିପାରିଲେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

ଅଷ୍ଟମରେ, ଓଡ଼ିଆ ଭାବୀପିଢ଼ିକୁ ଆମ ଐତିହ୍ୟ, ସଂସ୍କୃତି ଓ ଇତିହାସ ଉପରେ ସଚେତନ କରିବା। ନବମରେ, ଉପଯୁକ୍ତ ଭିତ୍ତିଭୂମି ସହିତ ପର୍ଯ୍ୟଟନସ୍ଥଳୀର ବିକାଶ କଲେ ଆମ ଅସ୍ମିତା ପ୍ରକାଶ ପାଇବ। ଦଶମରେ, ଦାଦନ ଶ୍ରମିକ ବୃଦ୍ଧି ଓଡ଼ିଆ ଅସ୍ମିତାକୁ ନ୍ୟୂନ କରୁଛି। ଏଣୁ ଓଡ଼ିଶାର ଅର୍ଥନୈତିକ ପ୍ରଗତି ହେଲେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର), ଭୁବନେଶ୍ୱର**
**ମୋ–୮୯୧୭୪୨୬୪୪୦**

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୁକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀକ୍ଷେତ୍ର ଧର୍ମ ସମନ୍ୱୟର କ୍ଷେତ୍ର

ମହାଶୟ,

ଆମ ସାହିତ୍ୟ, ସଂସ୍କୃତି, ଇତିହାସ, କିମ୍ବଦନ୍ତୀ, ନୃତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକ ଚେତନାରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁସ୍ପଷ୍ଟ। ଯେଉଁ ମହାପୁରୁଷଙ୍କ ଆଗମନରେ ଶ୍ରୀକ୍ଷେତ୍ର ଅଧିକ ମହିମାମଣ୍ଡିତ ହୋଇଛି, ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ହେଉଛନ୍ତି ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ, ନିମ୍ବାର୍କାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ମାଧବାଚାର୍ଯ୍ୟ, ତୁଳସୀ ଦାସ, କବିର, ରାମାନନ୍ଦ, ଶ୍ରୀଚୈତନ୍ୟ ଏବଂ ଗୁରୁନାନକ ପ୍ରମୁଖ। ମହାପ୍ରଭୁ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ ବିଶ୍ୱକର୍ତ୍ତା। ସେ ଆମ ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ଭକ୍ତବତ୍ସଳ। ମନୋବାଞ୍ଛା ସେ ସଦାସର୍ବଦା ପୂରଣ କରିଥାନ୍ତି। ସେ ଭକ୍ତଙ୍କ ଦ୍ୱାରା ବନ୍ଧାପଡ଼ନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁଣାଶ୍ରୟ ସୃଷ୍ଟିର କୌଣସି ପ୍ରାଣୀଠାରୁ ସେ ବିଚ୍ଛିନ୍ନ ନୁହନ୍ତି। ଏଣୁ ଶ୍ରୀଜଗନ୍ନାଥ ଧାମ ପୁରୀର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉ। ଏହା ସହ ନୀତିକାନ୍ତିରେ ହେଉଥିବା ବ୍ୟତିକ୍ରମ ଦୂର କରାଯାଉ। ଯେଉଁ ପୂଜକମାନେ ଭକ୍ତମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ।

**–ଦେବଦତ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାମ ପଞ୍ଜୀକରଣକୁ ନେଇ ଚାଷୀ ଅସନ୍ତୋଷ

## କଳିଙ୍ଗା, ଗେଡ଼ମା ସମିତିରେ ପଞ୍ଜୀକରଣ ସୁବିଧା ଦାବି

ହାଟଡିହି,୨୪।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧୀନ ଉଆଁର ସମିତିରେ ଚାଷୀଙ୍କ ନାମ ପଞ୍ଜୀକରଣକୁ ନେଇ ଅସନ୍ତୋଷ ଦେଖାଦେଇଛି। ଉଆଁରୁ ଅଲଗାହୋଇ ନୂତନଭାବେ ଗଠିତ ହୋଇଥିବା କଳିଙ୍ଗା ଓ ଗେଡ଼ମା ସମିତିରେ ପଞ୍ଜୀକରଣ ସୁବିଧା ହୋଇନାହିଁ। ଏ ନେଇ ୨ ସମିତିର ଚାଷୀ ବୁଧବାର ଉଆଁର ସମିତିରେ ନାମ ପଞ୍ଜୀକରଣ କରିବାକୁ ଆସୁଥିବାରୁ ବିବାଦ ଦେଖାଦେଇଥିଲା। ଏହାକୁ ଉଆଁର ସମିତିର ଚାଷୀ ବିରୋଧ କରିବାରୁ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି। ପ୍ରକାଶ ଯେ, ଉଆଁର ସେବା ସମବାୟ ସମିତି ଉପରେ ୩୩ଟି ଗ୍ରାମର ଲୋକ ନିର୍ଭର କରୁଥିଲେ। ଏବେ ଉଆଁର ସମିତିରୁ କିଛି ଗ୍ରାମ କଳିଙ୍ଗା ଏବଂ ଗେଡ଼ମାରେ ନୂତନ ଭାବେ ଖୋଲିଥିବା ନୂତନ ସମିତି ଅଧୀନକୁ ଚାଲିଯାଇଛି। ଧାନ ବିକ୍ରିକରିବା ପାଇଁ ଉଆଁର ସମିତିରେ ଏବେ ଚାଷୀମାନେ ନାମ ପଞ୍ଜୀକରଣ କରୁଛନ୍ତି। କଳିଙ୍ଗା ଏବଂ ଗେଡ଼ମା ସମିତିରେ ଚାଷୀ ବୁଧବାର ଉଆଁର ସମିତିକୁ ନାମ ପଞ୍ଜୀକରଣ କରିବାକୁ ଯାଇଥିଲେ। ଯାହାକୁ ଉଆଁର ସମିତିର ଚାଷୀ ଏହାକୁ ବିରୋଧ କରିଥିଲେ। ପ୍ରବଳ ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଥିଲା। ହାତାହାତି ପର୍ଯ୍ୟନ୍ତ କଥା ଯିବା ସହ ସମିତିରେ ତାଲା ଝୁଲିଥିଲା। ଘଟଣା ସମୟରେ ସମିତି ସମ୍ପାଦକ ଅନୁପସ୍ଥିତ ଥିବା ବେଳେ ଅନ୍ୟ ସମିତି କର୍ମଚାରୀ ଭୟରେ ଅଫିସରୁ ପଳାଇଥିଲେ। ଗେଡ଼ମା ଏବଂ କଳିଙ୍ଗା ସମିତିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ନିମନ୍ତେ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି ମଧ୍ୟ କରିଛନ୍ତି। ସମିତି ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି, ଗେଡ଼ମା ଏବଂ କଳିଙ୍ଗା ସମିତିରେ ପଞ୍ଜୀକରଣ ସୁବିଧା ନାହିଁ। ତେଣୁ ସବୁ ଚାଷୀ ଉଆଁର ସମିତିରେ ପଞ୍ଜୀକରଣ କରିଥାନ୍ତି। ସରକାରୀ ନିର୍ଦ୍ଦେଶ ଆସିଲେ ଗେଡ଼ମା ଏବଂ କଳିଙ୍ଗା ସମିତିରେ ଚାଷୀଙ୍କ ପଞ୍ଜୀକରଣ ବନ୍ଦ କରାଯିବ।

## ଭଣ୍ଡାରିଡ଼ିହା ସମିତିରେ ତାଲା ପକାଇଲେ ଚାଷୀ

ଆନନ୍ଦପୁର,୨୪।୭(ସୁଶାନ୍ତ କୁମାର ସାହୁ)- କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଭଣ୍ଡାରିଡ଼ିହା ସମବାୟ ସମିତିରେ ପଞ୍ଜୀକରଣ ବିଳମ୍ବକୁ ନେଇ ଉତ୍ତେଜନା ଦେଖାଯାଇଛି। ଚାଷୀ ଅସନ୍ତୋଷ ପ୍ରକାଶକରିବା ସହ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଅଭିଯୋଗ ମୁତାବକ, ଖରିଫ ଧାନ ବିକ୍ରି ନିମନ୍ତେ କିଛିଦିନ ତଳୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ମାତ୍ର ଭଣ୍ଡାରିଡ଼ିହା ସମବାୟ ସମିତିରେ ପଞ୍ଜୀକରଣ ବିଳମ୍ବ ହେଉଛି। ଗୁରୁବାର ସକାଳୁ ଆସିଥିବା ଚାଷୀ ପଞ୍ଜୀକରଣ ହେଉ ନ ଥିବାର ଦେଖିଥିଲେ। ଫଳରେ ସମବାୟ ସମିତି କାର୍ଯ୍ୟାଳୟକୁ ବନ୍ଦ କରିବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସଂଘସଭାପତି ନାୟକ, ସୁରେଶ ଚନ୍ଦ୍ର ସା ପ୍ରମୁଖ ଚେତାବନୀ ଦେଇଛନ୍ତି। ସମ୍ପାଦକ ପର୍ଶୁରାମ ଜେନା କହିଛନ୍ତି, ସ୍କିମ୍ ମେଶିନ ଆସି ନ ଥିବାରୁ ପଞ୍ଜୀକରଣ ଆରମ୍ଭ ହୋଇପାରୁନାହିଁ।

ଗେଡ଼ମା ସମିତିର ଚାଷୀ ବୁଧବାର ଉଆଁର ସମିତିକୁ ନାମ ପଞ୍ଜୀକରଣ କରିବାକୁ ଯାଇଥିଲେ। ଅପିସ କାର୍ଯ୍ୟାଳୟରେ ବସିଥିଲେ। ଚାଷୀ ନାମ ପଞ୍ଜୀକରଣକୁ ନେଇ ଚାଷୀମାନେ ଅପିସ ପରିସରରେ ଅଶାନ୍ତି ସୃଷ୍ଟିକରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଛନ୍ତି। ଏ ବାବଦରେ ଆନନ୍ଦପୁର ଏଆର୍ ଏବଂ କେନ୍ଦୁଝର ଡିଆର୍‌ଙ୍କୁ ଜଣାଇଛନ୍ତି। ଘଟଣାକୁ ନେଇ ଥାନାରେ ଅଭିଯୋଗହୋଇ ନ ଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

# ସ୍ଥିତି ଅନୁଧ୍ୟାନ କଲେ, ରୋଗୀଙ୍କ ଭଲମନ୍ଦ ବୁଝିଲେ

## ଧରଣୀଧର ମେଡିକାଲ ପରିଦର୍ଶନ କଲେ ବିଧାନସଭା ସ୍ଥାୟୀ କମିଟି

କେନ୍ଦୁଝର,୨୪।୭(ଦୀପକ ମିଶ୍ର)

ଓଡ଼ିଶା ବିଧାନସଭା ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି-୫ ଗୁରୁବାର କେନ୍ଦୁଝର ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। କମିଟିର ଅଧ୍ୟକ୍ଷ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ବିଧାୟକ ଡା. ଫକିର ମୋହନ ନାୟକ, ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ଉମାଚରଣ ମଲ୍ଲିକ, ବିଧାୟକ ପ୍ରଶାନ୍ତ ବେହେରା ପ୍ରଥମେ ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀଙ୍କ ଭଲ ମନ୍ଦ ବୁଝିଥିଲେ। ବହିଃ ବିଭାଗ କକ୍ଷରୁ ପ୍ରତୀକ୍ଷାଳୟ, ପଞ୍ଜୀକରଣ, ଔଷଧ ବିତରଣ କେନ୍ଦ୍ର ଏବଂ ସହାୟତା କେନ୍ଦ୍ର, ଆପାତକାଳୀନ ଏବଂ ଦୁର୍ଘଟଣା ଜନିତ ଚିକିତ୍ସା ବିଭାଗ(ଟ୍ରମା କେୟାର) ପରିଦର୍ଶନ କରିବା ସହ କମିଟି ଡାକ୍ତର ଏବଂ ରୋଗୀଙ୍କ ସହ ଆଲୋଚନା କରିଥିଲେ। ଧରଣୀଧର ଭେଷଜ ମହାବିଦ୍ୟାଳୟର କାଉନ୍ସେଲିଂ ରୁମରେ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବିଭିନ୍ନ



କମିଟିର ଅଧ୍ୟକ୍ଷ ବିଧାୟକ ବିଭୂତି ପ୍ରଧାନ ଓ ଅନ୍ୟମାନେ ରୋଗୀଙ୍କ ସହ କଥା ହେଉଛନ୍ତି।

ସମସ୍ୟା ସମ୍ପର୍କରେ ବୁଝିଥିଲେ। ସମୀକ୍ଷା ବୈଠକରେ କମିଟିର ଅଧ୍ୟକ୍ଷ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ କେନ୍ଦୁଝରରେ ରହିଥିବା ବଳିଷ୍ଠ ସମସ୍ୟା ନେଇ ସରକାରଙ୍କୁ ସୁପାରିଶ କରାଯିବ ବୋଲି କହିଥିଲେ। ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କେନ୍ଦୁଝର ମୁଖ୍ୟାଳୟଠାରୁ ୬ କିଲୋମିଟର ଦୂରରେ ଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଯିବା ଆସିବା ପାଇଁ ୨୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ବସ ସେବା ଯୋଗାଇ ଦେବାକୁ କମିଟିର ଅଧ୍ୟକ୍ଷ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଭେଷଜ ମହାବିଦ୍ୟାଳୟ ପରିସରରେ ବ୍ଲଡ଼ ବ୍ୟାଙ୍କ, ପୋଲିସ ଆଉଟପୋଷ୍ଟ, ଫାୟାର ଷ୍ଟେସନ, ଅକ୍ସିଜେନ ପ୍ଲାଣ୍ଟ, କ୍ୟାବିନ, ଇଣ୍ଟିଗ୍ରେଟେଡ୍ ଲ୍ୟାବରୋଟାରୀ, ଆହାର କେନ୍ଦ୍ର, ଅଲଟ୍ରାସାଉଣ୍ଡ ମେସିନ ଏବଂ ସିଟି ସ୍କାନ ସେବା ଯୋଗାଇ ଦେବା ନେଇ ଆଲୋଚନା କରିଥିଲେ। ବୈଠକରେ ଭେଷଜ ମହାବିଦ୍ୟାଳୟର ଡିନ୍ ଡା. ବିଜୟା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭେଷଜ ମହାବିଦ୍ୟାଳୟ ଅଧୀକ୍ଷକ ଡା. ମହେନ୍ଦ୍ର କୁମାର ନାୟକ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ତଥ୍ୟ ଏବଂ ପ୍ରସ୍ତାବିତ ନର୍ସିଂ କଲେଜ, ଡେଣ୍ଟାଲ କଲେଜ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାଇସ ପ୍ରିନ୍ସିପାଲ ପ୍ରଫେସର ପ୍ରଭାତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ବିଶାଲ ସିଂହ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ସମବାୟ ସମିତି ସମ୍ପାଦକଙ୍କୁ ମାଡ଼

ଛେନାପଦି/ହାଟଡିହି,୨୪।୭ (ନିରାକାର ପରିଡ଼ା/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲ୍ଲା ଉଆଁର ସେବା ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କୁ ମାଡ଼ ହୋଇଛି। କେଉଁମାନେ ତାଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିବା ସହ, ମୋବାଇଲ ଓ ଅଫିସ କାଗଜ ପତ୍ର ଛଡ଼ାଇନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସମ୍ପାଦକଙ୍କ ଅଭିଯୋଗ ମୁତାବକ, ସେ ପୂର୍ବାହ୍ନ ୧୧ଟାରେ କାର୍ଯ୍ୟାଳୟରୁ ଛେନାପଦିସ୍ଥିତ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ହାଟଡ଼ିହୀ ଶାଖାକୁ ଆସୁଥିଲେ। କଳିଙ୍ଗା ଓ ମୁଦୁଲିପଦା ମଧ୍ୟରେ ଉଦୁଳାଥପୁର ଗ୍ରାମର ଅମରେନ୍ଦ୍ର ଧଳ, ଅକ୍ଷୟ ଧଳ ଓ ତାମ୍ବଳା ଗ୍ରାମର ପ୍ରତାପ କୁମାର ରାଉତ ତାଙ୍କ ବାଇକକୁ ଅଟକାଇ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ସାଙ୍ଗରେ ନେଇ ବ୍ୟାଙ୍କକୁ ଯାଉଥିବା ସେବା ସମବାୟ ସମିତି କାର୍ଯ୍ୟାଳୟର ରସିଦ ବହି, ୨୦୨୩-୨୪ ମସିହାର କ୍ୟାସ ବୁକ୍ ସହ ଅଫିସର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଉମାକାନ୍ତ ଏନେଇ ଥାନାରେ ଅଭିଯୋଗ କରିଥିବା ବେଳେ ଘଟଣାକୁ ନେଇ ଜିଲ୍ଲା ସମ୍ପାଦକ ସଂଘର ଉପସଭାପତି ଶରତ ଚନ୍ଦ୍ର ସେଠୀ ଦୃଢ଼ ନିନ୍ଦା କରିବା ସହିତ ଡିଆରସିଏସଙ୍କୁ ଏସମ୍ପର୍କରେ ଅବଗତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ସମବାୟ ସମିତିର ସଭାପତି ଅକ୍ଷୟ ଧଳଙ୍କ ଅଭିଯୋଗ ମୁତାବକ, ସମ୍ପାଦକ ଗତବର୍ଷ ଧାନ କିଣିବା ପାଇଁ ତାଙ୍କଠାରୁ ଧାର ସୂତ୍ରରେ ୫ ଲକ୍ଷ ଟଙ୍କା ନେଇ ଧରାଛୁଆଁ ଦେଉ ନ ଥିଲେ। ଭେଟ ହେବାରୁ ଅକ୍ଷୟ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ମଗା ଘଟଣାକୁ ରଙ୍ଗଦେଇ ଉମାକାନ୍ତ ମିଛ ଅଭିଯୋଗ କରିଛନ୍ତି। ସେଭଳି କୌଣସି ଆପତ୍ତିଜନକ ଘଟଣା ଉପୁଜିନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ସୂଚନାଫଳକ କାନ୍ଥପଡ଼ି ଛାତ୍ରୀ ଆହତ

ପାଟଣା,୨୪।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢ଼ାକାଳିପୁଟି ପଞ୍ଚାୟତ ଲକ୍ଷ୍ମୀପସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ସୂଚନା ଫଳକର କାନ୍ଥପଡ଼ି ଜଣେ ଛାତ୍ରୀ ବୁଧବାର ଆହତ ହୋଇଛନ୍ତି। ଛାତ୍ରୀଜଣକ ହେଉଛନ୍ତି ପାଟଣା ବ୍ଲକ ବୁଢ଼ାକାଳିପୁଟି ଗ୍ରାମର ସଦାନନ୍ଦ ନାଏକଙ୍କ ଝିଅ ପ୍ରତିଶ୍ରୀ ନାଏକ। ସେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବୁଧବାର ଖେଳଛୁଟି ସମୟରେ ଖେଳୁଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ଏକ ସୂଚନା ଫଳକର କାନ୍ଥ ତାଙ୍କ ଡାହାଣ ଗୋଡ଼ ଉପରେ ଖସିପଡ଼ିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଛାତ୍ରୀଙ୍କ ଡାହାଣ ଗୋଡ଼ ଜଙ୍ଘରେ ଗଭୀର ଆଘାତ ଲାଗିଛି।

# ୨ଦିନରେ ୧୦ ଘର ଭାଙ୍ଗିଲେଣି ହାତୀ

## କାନ୍ଥପଡ଼ି ମହିଳା ଗୁରୁତର

ପାଟଣା,୨୪।୭(ବୀର କିଶୋରଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲ ଉପଦ୍ରବ କରୁଛନ୍ତି। ଗତ ୨ ଦିନ ମଧ୍ୟରେ ହାତୀ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲେଣି। ହାତୀପଲ ବୁଧବାର ରାତିରେ ପଲବିଷ୍ଣୁପୁର ଅରୁଣ ମିଶ୍ର, ପଟୁଳିଆରେ ଜଣଙ୍କର ଘର ଓ ଭିମାପଡ଼ାର କଲ୍ୟାଣ ନାଏକଙ୍କ ଗୁହାଳ ଓ ପାଚେରି ଭାଙ୍ଗିଦେଇଛନ୍ତି। ଏଥିସହ ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ମନ୍ଦିର ବଗିଚାର କଦଳୀ, ନଡ଼ିଆ, ଅମୃତଭଣ୍ଡା, ଡାଳିମ୍ବ ଓ ପିଜୁଳି ଗଛ ଭାଙ୍ଗି ନଷ୍ଟ କରିଛନ୍ତି। ଗୁରୁବାର ପାଟଣା ସଂଲଗ୍ନ ଗୋବରାବେଡ଼ା ଜଙ୍ଗଲରେ ଡେରା ପକାଇଛନ୍ତି। ଗୁରୁବାର ଅପରାହ୍ନ ଏକ ଗୋଟିଏ ଦନ୍ତା ପରମେଶ୍ୱର ମନ୍ଦିର ପଛ ବଗିଚା ଓ ଷ୍ଟାଫ କ୍ୱାର୍ଟର୍ସରେ ପଶିବା ସହ ସିଡିର ରେଲିଂ ଭାଙ୍ଗି ଦେଇଛି। ସେହିଭଳି ମଙ୍ଗଳବାର ରାତିରେ ୭ ଘର ଭାଙ୍ଗିଛନ୍ତି। ୨୯ ଟିକିଆ ହାତୀପଲ କେନ୍ଦୁଆପଡ଼ା ଗ୍ରାମରେ ୪ଟି ଘର ଭାଙ୍ଗିଦେଇଛନ୍ତି। ଆଉ ଏକ ଗୋଠଛଡା ଦନ୍ତା ସାହାରପଡା ସେକ୍ସନ ରାଧାପୁର ଓ ଚଢ଼େଇଭୋଳରେ ୩ଟି ଘର ଭାଙ୍ଗିଦେଇଛନ୍ତି। ଘରର କାନ୍ଥ ଖସିପଡି ଚଢ଼େଇଭୋଳ ଗ୍ରାମର ମାଳା ମାରାଣ୍ଡି ଗୁରୁତର ହୋଇଥିଲେ। ବନ କର୍ମଚାରୀ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି। ଆଉ ଏକ ୯ ଟିକିଆ ହାତୀପଲ ବଣମହୁଲଡିହା ଅଞ୍ଚଳରେ ଘୁରି ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ସୌମ୍ୟାଶ୍ରୀଙ୍କ ଏକାଦଶାହରେ ନୀରବ ପ୍ରାର୍ଥନା

କେନ୍ଦୁଝର,୨୪।୭(ନରେଶ ଚନ୍ଦ୍ର ପଟ୍ଟନାୟକ): ଫକୀର ମୋହନ କଲେଜର ମୃତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ କେନ୍ଦୁଝର କଂଗ୍ରେସ ଭବନରେ ନୀରବ ପ୍ରାର୍ଥନା କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଆତ୍ମାର ସଦ୍‌ଗତି ଲାଗି ଫଟୋ ଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପଧୂପ ପ୍ରଦାନ କରାଯାଇଥିଲା। ମହମବତୀ ଜଳାଇ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତା କର୍ମୀଙ୍କ ସହ ଅନେକ ଯୁବ ଛାତ୍ର ଯୋଗଦେଇଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜିକା ସୁଶ୍ରୀ ସଙ୍ଗୀତା ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ପୂର୍ବତନ ସଦର ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ପିସିସି ଦଳିତ ସେଲ୍ ସାଧାରଣ ସମ୍ପାଦକ ରଘୁନାଥ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ବସନ୍ତ ଦାସ, ରତ୍ନାକର ଜେନା, ପ୍ରତିଭା ମଞ୍ଜରୀ ନାୟକ, ଉତ୍ତମ ସାହୁ, ଐତିହ୍ୟ ଦିବ୍ୟସିଂହ, ସୁଡ଼ଳ ସେଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ଦିନେଶ ରାଉତ ପ୍ରମୁଖ ଯୋଗଦେଇଥିଲେ।

**GOVERNMENT OF ODISHA** No.L-43

**OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE)**

AT/PO - FARM ROAD, SAMBALPUR-768002 (email : eenzsbp@gmail.com)

Notice No. : 747 / EE / Hort / NZ / Dated : 22.07.2025

Bid Identification No. 05 / Hort / NZ / 2025-26 Date : 22.07.2025

| | | | |
|---|---|---|---|
| 01 | Total Nos. of works | : | One |
| 02 | Estimated cost | : | Rs.1051530.18/- |
| 03 | Period of completion | : | 60 days |
| 04 | Date & Time of availability of bid document in the portal | : | From 10.00 Hrs. of 29.07.2025 to 17.00 Hrs. of 08.08.2025 |
| 05 | Last date & time of dropping of copies of uploaded documents, draft. affidavits, Schedules etc. in the tender box at the office of the undersigned at Farm Road, Sambalpur-768002 | : | From 11:00 A.M. of 08.08.2025 to Before 17.00 Hrs. of 14.08.2025 |
| 06 | Date & Time of Opening of bids | : | 10.30 A.M. of 18.08.2025 onwards |
| 07 | Name and Address of the officer inviting bid | : | Executive Engineer (Agril.), Northern Zone, Horticulture, At/Po-Farm Road, Sambalpur, Pin-768002 |

Further details can be seen from the website www.tendersodisha.gov.in

Sd./- Executive Engineer, (Agril.)
Northern Zone, Horticulture, Sambalpur

OIPR-01465/11/0013/2526

**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, NABARANGPUR**

**ADVERTISEMENT**

No. : 7289 NHM/Nabarangpur Date : 23.07.2025

**No.E-256 :** The following contractual positions under Zilla Swasthya Samiti, Nabarangpur are filled up through walk-in-interview or inviting applications as mentioned against each. All the positions are purely temporary in nature, subject to renewal and co-terminus with the scheme as per the terms & conditions of OSH & FW Society. Lower age limit is 21 years as on dt- 01.07.2025

| Sl. No. | Category | Vacancy | Category | Base Remuneration | Remarks |
|---|---|---|---|---|---|
| 1 | Psychiatric Nurse | 01 | - | Rs.22,569/- + PI | Application requries to be submitted through regd. Post/Speed post only in the prescribed format on or before 18.08.2025 by 5.00 P.M. |
| 2 | DPMU Accountant/BAM | 01 | - | Rs.22,569/- + PI | |
| 3 | MO Ayush MHU | 01 | UR-1 | Rs.30,538/- + PI | |
| 4 | MO Ayush RBSK | 06 | BHMS:(M-ST-01, F-ST-04) BAMS (F-ST-01) | Rs.30,538/- + PI | |
| 5 | MO Ayush Co-located (Ayurvedic) | 11 | UR-08(F-01) ST-03(F-01) | Rs.30,538/- + PI | |
| 6 | MO Ayush Co-located (Homeopathic) | 07 | UR-01(F-01) ST-04(F-01) SC-02(F-01) | Rs.30,538/- + PI | |
| 7 | Consultant Medicine (NPHCE) | 01 | - | Rs.88,648/- + PI | WALK-IN-INTERVIEW ON Dt.05.08.2025 Office of CDM & PHO Nabarangpur Registration time 10.30 A.M. to 11.00 A.M. |
| 8 | Ophthalmic Surgeon (NPCB & VI) | 01 | - | Rs.88,648/- + PI | |
| 9 | Paediatrician DEIC | 01 | - | Rs.88,648/- + PI | |
| 10 | Medical Officer MBBS-DEIC | 01 | - | Rs.70,917/- + PI | |
| 11 | Medical Officer SNCU | 02 | - | Rs.70,917/- + PI | |

For the posts, as mentioned at **Serial No. 01 to 06**, the interested eligible candidates are required to submit application in the prescribed format along with copy of self- attested photocopies of required testimonials to the **CDM & PHO, Nabarangpur AT /PO-Mirganguda District:-Nabarangpur. PIN-764059 on or before dtd. 18.08.2025 up to 05.00 P.M through registered post/speed post only and the envelope of the application must be superscribed with the name of the post applied for. Incomplete application in any form shall be rejected.**

The interested candidates for the posts as at Serial No.07 to 11 may attend the **WALK-IN-INTERVIEW on dt- 05.08.2025** at the office chamber of CDM& PHO, Nabarangpur as per the scheduled date & time as mentioned against each. Candidates attending beyond the scheduled date & time shall not be entertained. The candidates must bring their original certificates along with their bio-data in specified format (same as application form) and a set of self- attested photocopies of required testimonials for verification.

The details eligibility criteria, remuneration & application form can be downloaded from the official website of Nabarangpur District i.e www.nabarangpur.odisha.gov.in. Incomplete application in any form and application received after the due date shall summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

Sd/- Chief District Medical & PHO cum-District Mission Director, NHM, Nabarangpur

OIPR-10164/11/0005/2526

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୨-୪୯-୨୫, ତାରିଖ: ୨୩।୦୭।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିଜି)/ଆଦ୍ରା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: କ୍ର.ସଂ. ଓ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ : (୧) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୨-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ସୋନାମୁଖୀ ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡର ଉନ୍ନତୀକରଣ ସଂକ୍ରାନ୍ତରେ ପି.ୱେ କାର୍ଯ୍ୟର ନିର୍ବାହ; ₹୨,୦୨,୫୨,୧୯୭.୧୧ । (୨) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୩-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି. ୱେ/ସୋନାମୁଖୀ ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡ ଉନ୍ନତୀକରଣ ସଂକ୍ରାନ୍ତରେ ବିବିଧ କାର୍ଯ୍ୟ ସହିତ କଂକ୍ରିଟ୍ ଡ୍ରେନ୍‌ର ନିର୍ମାଣ; ₹୭,୧୬,୯୦,୧୩୨.୬୧ । (୩) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୪-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଗାରବେଟା ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି. ୱେ/ବାଙ୍କୁରା/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡର ଉନ୍ନତୀକରଣ ସଂକ୍ରାନ୍ତରେ ପି.ୱେ କାର୍ଯ୍ୟର ନିର୍ବାହ; ₹୩,୯୫,୯୦,୭୭୨.୩୩ । (୪) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୫-୨୫, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଗାରବେଟା ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି. ୱେ/ବାଙ୍କୁରାଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡର ଉନ୍ନତୀକରଣ କାର୍ଯ୍ୟ ସଂକ୍ରାନ୍ତରେ ବିବିଧ କାର୍ଯ୍ୟ ସହିତ କଂକ୍ରିଟ୍ ଡ୍ରେନ୍‌ର ନିର୍ମାଣ; ₹୨,୭୭,୧୨,୬୮୬.୨୮ । (୫) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୬-୨୫, ତାରିଖ: ୨୩।୦୭।୨୦୨୫; ଆଦ୍ରା ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ (ଉତ୍ତର)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ (୧) ପୁରୁଲିଆ–କୋଟଶିଳା–ରାଜବେରା, ଅନାରା–ଗୁକନି, ମହୁଦା–ଚନ୍ଦ୍ରପୁରା ଏବଂ ଟିଟି ଲାଇନ୍ ସେକ୍ସନ ମଧ୍ୟରେ ୧୬ ଗୋଟି ଲେଭଲ କ୍ରସିଂ ଫାଟକରେ ଗେଟ୍ ବ୍ୟାରିୟରକୁ ସ୍ଥାନାନ୍ତର କରି ଲେଭଲ କ୍ରସିଂର ମାନକୀକରଣ, ଦୃଶ୍ୟମାନତା ବଢ଼ାଇବା, ସଡ଼କ ପୃଷ୍ଠ ଓ ଫାଟକ ଲଜ୍ ମାନକୀକରଣ (୨) ବିପଦପ୍ରବଣ ସ୍ଥାନଗୁଡ଼ିକରେ ଏପରି ଘଟଣାଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ଚଳନ୍ତା ରେଳଧାରଣାକୁ ସୁରକ୍ଷା ଦେବା ପାଇଁ ସଡ଼କର ବ୍ୟାରିକେଡିଂ/ଫେନ୍‌ସିଂ; ₹୩,୮୩,୮୦,୦୧୯.୧୬ । (୬) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୭-୨୫, ତାରିଖ: ୨୩।୦୭।୨୦୨୫; ଆଦ୍ରା ମଣ୍ଡଳରେ ଭାରତୀୟ ରେଳବାଇର ୪୦ ଗୋଟି ବିଦ୍ୟମାନ ଫ୍ରେଟ୍ ୟାର୍ଡଗୁଡ଼ିକୁ ପ୍ରଯୁକ୍ତି ପରିଚାଳିତ ୟାର୍ଡ (ସ୍ମାର୍ଟ ୟାର୍ଡ)ରେ ରୂପାନ୍ତରଣ କରାଯିବା ସଂକ୍ରାନ୍ତରେ ସଡ଼କ, ସୀମା ପାଚେରି ଆଦି ଭଳି ଆନୁଷଙ୍ଗିକ କାର୍ଯ୍ୟ ସହ ନଲେଜ୍ ରୁମ୍ (୧୦ ମି x ୫ ମି)ର ନିର୍ମାଣ; ₹୪୦,୫୦,୯୬୮.୪୬ । (୭) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୮-୨୫, ତାରିଖ: ୨୩।୦୭।୨୦୨୫; ଦ.ପୂ. ରେଳପଥର ଆଦ୍ରା ମଣ୍ଡଳରେ ଇଆଇ ୱାର୍କିଂ ସିଷ୍ଟମ୍ ସହିତ ଚଉରାଶୀ ଓ ରାମକନାଲି ମଧ୍ୟରେ ବ୍ଲକ୍ ୱାର୍କିଂ ସିଷ୍ଟମ୍ ସହ ବ୍ଲକ୍ ଷ୍ଟେଶନ ଭାବେ ଚଉରାଶୀ ସାଇଡିଂର ରୂପାନ୍ତରଣ; ₹୩,୭୫,୯୫,୪୫୫.୭୭ । (୮) ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୪୯-୨୫, ତାରିଖ: ୨୩।୦୭।୨୦୨୫; ଦ.ପୂ. ରେଳପଥର ଆଦ୍ରା ମଣ୍ଡଳରେ କଟ୍ ଆଣ୍ଡ କଭର୍ ପଦ୍ଧତି ଦ୍ୱାରା ଦାମୋଦର–ମୋହିଶିଲା ଏବଂ ରାମକନାଲି–ଚଉରାଶୀ ସେକ୍ସନ ମଧ୍ୟରେ ବିଭିନ୍ନ ଆକାରର ଆର୍‌ସିସି ବକ୍ସ ଦ୍ୱାରା ଅଣ ମାନକ ପାଇପ୍ ଓ ପଥର ସ୍ଲାବ୍ ବ୍ରିଜ୍‌ର ପ୍ରତିବଦଳ କରିବା; ₹୧୬,୮୦,୩୨,୩୮୧.୦୬ । ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୨୦।୦୮।୨୦୨୫ରିଖ ୧୫.୦୦ ଘଟିକା। ଉପରୋକ୍ତ ଇ-ଟେଣ୍ଡରଗୁଡ଼ିକର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଦେଖାଯାଇପାରିବ। (PR-438)

See Career Appointment on every Wednesday & Saturday

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୪୪ ତା:୧୫।୦୭।୨୫

**ବିଜ୍ଞାପନ**

No. CAD-1239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏସି.ଆର୍–୫୫, ବାଣିଜ୍ୟିକ ପ୍ରକଳ୍ପ ସହିତ ବାସଗୃହ, ସହିଦନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ପୁନମ ଦେବୀ ଲାଖୋଟିଆ, ସ୍ୱାମୀ: ଅଶୋକ କୁମାର ଲାଖୋଟିଆ, ସା: ପ୍ଲଟ ନଂ. ୨୪୧/୧୬, ଜି.ଟି. ରୋଡ, ଆଇ.ଏନ୍.ଆଇ–୧୭, ପୋ: ଲିଲୁହା, ଥାନା: ବଲି, ଜିଲ୍ଲା: ହାୱଡ଼ା (ପଶ୍ଚିମବଙ୍ଗ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ପୁନମ ଦେବୀ ଲାଖୋଟିଆ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କାଜଲ ପ୍ରଧାନ, ପିତା: ପ୍ରବୀର କୁମାର ପ୍ରଧାନ, ସା: ଜି.ଏ. ପ୍ଲଟ୍ ନଂ. ୨୧୬, ନୀଳାଦ୍ରି ବିହାର, ପୋ: ଶୈଳଶ୍ରୀ ବିହାର, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0751/2526

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**

No. ପ୍ର-68: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା୧୮।୦୩।୨୦୨୫ରିଖ ସନ୍ଧ୍ୟା ସମୟରେ ୪ବର୍ଷ ବୟସର ଏକ ଶିଶୁ ପୁତ୍ର ନନ୍ଦନକାନନ ବଜାର ଅଞ୍ଚଳରେ ଏକୁଟିଆ ବୁଲୁଥିବା ଅବସ୍ଥାରେ ଜନୈକ ଭଦ୍ର ମହିଳା ଶିଶୁଟିକୁ ଉଦ୍ଧାର କରି ବାରଙ୍ଗ ଥାନା, କଟକ ଅନ୍ତର୍ଗତ ଗୋଡ଼ିସାହି ପୋଲିସ ଫାଣ୍ଡିକୁ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଗୋଡ଼ିସାହି ଫାଣ୍ଡି ପୋଲିସ **ପୁଷ୍ପା**କୁ ମୁକ୍ତାଶ୍ରୟ କେନ୍ଦ୍ର, ବସୁନ୍ଧରା, କଟକରେ ଛାଡ଼ିଥିଲେ। ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ.



୦୬୮/୨୦୨୫, ତା୧୯।୦୩।୨୦୨୫ ଅନୁଯାୟୀ ମୁକ୍ତାଶ୍ରୟ କେନ୍ଦ୍ର, ବସୁନ୍ଧରାରେ କିଛିଦିନ ରହିଲା ପରେ ଶିଶୁ ମଙ୍ଗଳ କମିଟି, କଟକଙ୍କ ଚିଠି ନଂ. ୩୫୧/୨୦୨୫ ତା୨୩।୦୫।୨୦୨୫ ଅନୁଯାୟୀ ଶିଶୁଟି ବର୍ତ୍ତମାନ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି। ଶିଶୁଟି ତା'ର ନାମ ପୁଷ୍ପା @ ମଧୁ ବୋଲି କହୁଅଛି। ଯଦି ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦକ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ – ୭୫୪୦୭୧, ଫୋନ୍ ନଂ. ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ ପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ପରନ୍ତୁ ଶିଶୁ ପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ – ୨୦୨୧) ଅନୁଯାୟୀ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

OIPR-33038/11/0033/2526

**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

**(1st Call)**
**ई–प्रोक्योरमेंट सूचना**
**ई–टेन्डर रिफरेंस संख्या– RCD/LATEHAR /501/2025-26 दिनांक–19.07.2025**

| | | |
|---|---|---|
| 1. | कार्य का नाम | बरवाडीह–मंडल–भंडरिया पथ (पार्ट–1, चैनेज 0.00 कि0मी0 से चैनेज 25.00 कि0मी0) (कुल लम्बाई–25.00 कि0मी0) के चौड़ीकरण एवं मजबूतीकरण / पुनर्निर्माण कार्य। |
| 2क. | प्राक्कलित राषि (रू0 में) | रू0 :– 92,79,60,147.00 (बानबे करोड़ उनासी लाख साठ हजार एक सौ सैतालीस रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–92,80,000.00 (बानबे लाख अस्सी हजार) मात्र |
| 3. | कार्य पूर्ण करने की अवधि | 24 (चौबीस) माह |
| 4. | वेवसाईट पर निविदा प्रकाषन की तिथि | 01.08.2025 को पूर्वाहन 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 28.08.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमडल लातेहार, पिन कोड– 829206 |
| 7. | ई–प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता
पथ निर्माण विभाग, पथ प्रमण्डल
लातेहार

PR 358036 (Road)25-26*D

**S.V. GOVT. SCHOOL OF ART & CRAFTS**
**(+2 VOCATIONAL JUNIOR COLLEGE)**
**MAIN ROAD, PO : JEYPORE, PH : (06854) 230041, PIN NO. : 764001, ODISHA**
(Affiliated to Council of Higher Secondary Education, Odisha, Bhubaneswar)
**Letter No. : 159/2025 (i)** **Date : 16.07.2025**

**ADVERTISEMENT**

**No.RR-10** : Applications are invited from eligible candidates with self-attested photocopy of the certificates and marksheet of all examinations starting from HSC onwards along with latest Character Certificate from any Gazetted officer for the post of Guest faculties in S.V. Govt. School of Art & Crafts, Jeypore for the session 2025-26 as following subjects.

1. Guest Instructor, Graphic Art (01)
2. Guest Instructor, Painting (01)
3. Guest Instructor in Applied Art/Commercial Art (01)
4. Guest Craft Teacher (01)
in Traditional Art and Crafts

**Qualification :** A candidate must have Bachelor's Degree in Fine Art - Graphic Art, Painting, Applied Art/Commercial Art, Traditional Art & Crafts in the concerned subject from any recognised Govt. Art Colleges.

Applications in the following proforma complete in all respect documents should reach the office of the **Instructor, S.V. Govt. School of Art & Crafts, Main Road, Jeypore, Koraput-764001 by Regd. post / speed post within 20days of publishing of this advertisement.**

The Applicant will have superscribe **"Application for the post of Instructor in Graphic Art/ Painting/ Applied Art/Crafts Teacher"** on the top of the envelope. No application will be received after the last date is mentioned.

**Terms & Conditions :** The engagement of the Guest faculties is purely temporary and may be terminated at any time without giving any notice or assigning any reason thereof. Selection of the candidate by the selection committee is final and binding. The engagement will not confirm any right for regular appointment in future.

The date and time of interview will be notified later in the Notice board of Art School, Jeypore and communicated in their mobile Nos. /e-mail ids. According the applicants will have to attend the interview in the scheduled venue with their original certificates. No TA/DA will be paid to the candidate for attending the interview.

For further details, the candidates may contact the Instructor, S.V. Govt. School of Art & Crafts, Jeypore, Koraput Mobile No-9078994830/9438221159.

Sd/- Instructor,
S.V. Govt. School of Art & Crafts,
Jeypore (K), Odisha-764001

OIPR-03032/11/0002/2526

## ବାସୁଦେବପୁରରେ ଖୋଲିବ ନୂତନ ଅତିରିକ୍ତ ଦେୱାନୀ ଅଦାଲତ

ବାସୁଦେବପୁର,୨୪।୭(କାଳିପଦ ରାୟ)

ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ରାଜ୍ୟରେ ୫୬ଟି ନୂତନ ଦେୱାନୀ ଅଦାଲତ (କନିଷ୍ଠ ବିଭାଗ) ଜେଏମ୍‌ଏଫ୍‌ସି/ଅତିରିକ୍ତ ଦେୱାନୀ ଅଦାଲତ (କନିଷ୍ଠ ବିଭାଗ) ସହ ଜେଏମ୍‌ଏଫ୍‌ସି ଅଦାଲତ ଖୋଲାଯିବ। ବାସୁଦେବପୁରରେ ଏକ କନିଷ୍ଠ ବିଭାଗର ଅତିରିକ୍ତ ଦେୱାନୀ ଅଦାଲତ ଖୋଲାଯିବ ବୋଲି ସୂଚନା ମିଳିଛି। ବାସୁଦେବପୁର ଥାନା, ନାୟକାଣିଡିହୀ ଥାନା, କଷିଆ ସାମୁଦ୍ରିକ ଥାନା, ଚୁଡ଼ାମଣି ସାମୁଦ୍ରିକ ଥାନା ସମେତ ୩୬ ପଞ୍ଚାୟତର ଏବେ ସୁଦ୍ଧା ବହୁ ଦେୱାନୀ ମାମଲା ବାସୁଦେବପୁର କୋର୍ଟରେ ବିଚାରାଧୀନ ରହିଛି। ନୂତନ କୋର୍ଟ ସ୍ଥାପନ ହେଲେ ମାମଲାଗୁଡ଼ିକର ଶୀଘ୍ର ବିଚାର ହୋଇ ଲୋକେ ତ୍ୱରିତ ନ୍ୟାୟ ପାଇବାରେ ସହାୟକ ହେବ ବୋଲି ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ବାସୁଦେବପୁର ଶାଖା ସଭାପତି ପ୍ରଦୀପ କୁମାର ମହାନ୍ତି କହିଛନ୍ତି।

# ଚାଷୀ ପଞ୍ଜୀକରଣ ନେଇ ସମସ୍ୟା

ତିହିଡ଼ି,୨୪।୭ (ସଞ୍ଜିତ ବଳ)

■ ନୂଆ ନିୟମ ପାଇଁ ବିଳମ୍ବ ହେବ ପ୍ରକ୍ରିୟା
■ ସମିତିରେ ନାହିଁ ଅଧିକ ଆଇ ସ୍କାନ୍ ମେଶିନ

ଖରିଫ ଧାନ ବିକ୍ରି ପାଇଁ ବିଭିନ୍ନ ସମବାୟ ସମିତିରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପଞ୍ଜୀକରଣ ପାଇଁ କେତେକ ନୂଆ ନିୟମ ଲାଗୁ ହୋଇଥିବାରୁ ଉଭୟ ଚାଷୀ ଓ ସମ୍ପାଦକମାନେ ସମସ୍ୟାରେ ପଡ଼ିଛନ୍ତି। ଚଳିତ ମାସ ୧୯ ତାରିଖଠାରୁ ତିହିଡ଼ି ବ୍ଲକ ଅଧୀନରେ ଥିବା ୧୬ଟି ସମବାୟ ସମିତିରେ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଆସନ୍ତା ମାସ ୨୦ ତାରିଖରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଶେଷ ହେବ। ବ୍ଲକର ୩୧ ପଞ୍ଚାୟତରେ ମୋଟ ୨୫ହଜାର ଚାଷୀଙ୍କୁ ପଞ୍ଜୀକରଣରେ ସାମିଲ କରାଯିବାକୁ ଲକ୍ଷ୍ୟ ରହିଛି। ତେବେ ଏହି ସମୟସୀମା ମଧ୍ୟରେ ଚାଷୀମାନେ ପଞ୍ଜୀକୃତ ହୋଇପାରିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପଞ୍ଜୀକରଣ ନିୟମ ଅନୁଯାୟୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଲଗ୍ନ ହେବା ଜରୁରୀ। ଇ-କେୱାଇସି କରି ନ ଥିବା ଚାଷୀମାନେ ନିଜ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗ କରିବା ପରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ପଞ୍ଜୀକରଣ ପାଇଁ ଆବେଦନ ସମୟରେ ଚାଷୀମାନଙ୍କ ଆଇ ସ୍କାନ କରାଯିବ। ସମବାୟ ସମିତିରେ କେବଳ ଗୋଟିଏ ଲେଖାଏ ଆଇ ସ୍କାନ ମେଶିନ ଥିବାରୁ ଏନେଇ ସମସ୍ୟା ଉପୁଜିବା ସମ୍ଭାବନା ରହିଛି। ଏହାବ୍ୟତୀତ ସମିତିଗୁଡ଼ିକରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନ ଥିବାରୁ ଏହି କାର୍ଯ୍ୟ ପାଇଁ ଯଥେଷ୍ଟ ଅଧିକ ସମୟ ଲାଗିବ। ଭାଗଚାଷୀମାନେ ଆବେଦନ ଫର୍ମ ସହ ଜମି ମାଲିକଙ୍କ ଅନୁମତି ପତ୍ର ସଂଯୋଗ କରିବା ନିୟମ ହୋଇଛି। ଏହା କରା ନ ଗଲେ ଆବେଦନ ଫର୍ମ ବାତିଲ ହୋଇଯିବ। ଜମି ମାଲିକ ମୃତ ହୋଇଥିଲେ ତାଙ୍କ ଉତ୍ତରାଧିକାରୀ ମୃତ ପ୍ରମାଣପତ୍ର ଏବଂ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନ ଫର୍ମ ସହ ସଂଯୋଗ କରିବାର ନିୟମ ରହିଛି। ଜଣେ ମୃତ ଚାଷୀଙ୍କର ୨ କିମ୍ବା ତା'ଠାରୁ ଅଧିକ ଉତ୍ତରାଧିକାରୀ ଥିଲେ ଆବେଦନ ପାଇଁ ଉଭୟ ଚାଷୀ ଓ ସମ୍ପାଦକମାନେ ସମସ୍ୟାରେ ପଡ଼ିବାର ଆଶଙ୍କା ଥିବାରୁ ଏହା ସମ୍ପାଦକମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଧାନର ସହାୟକ ମୂଲ୍ୟ ବୋନସକୁ ମିଶାଇ ୩୧ଶହ ଟଙ୍କା ହେବା ପରେ ଅଧିକାଂଶ ଜମି ମାଲିକ ଧାନ ଚାଷ ପାଇଁ ଆଗ୍ରହ ପ୍ରକାଶ କରି ଚାଷ କରିବା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ଭାଗ ଚାଷୀଙ୍କ ସଂଖ୍ୟା କମିଯାଇଛି। ଏହି ଦୃଷ୍ଟିରୁ ଚଳିତବର୍ଷ ଅଧିକ ସଂଖ୍ୟାରେ ଚାଷୀ ପଞ୍ଜୀକରଣ ହେବା ନିଶ୍ଚିତ ହୋଇଛି। ତେବେ ଆସନ୍ତା ମାସରେ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହେବା ପରେ ସେପ୍ଟେମ୍ବରରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବାମନବିନ୍ଧା ସମିତି ସମ୍ପାଦକ ପ୍ରଭାତ ବେହେରା କହନ୍ତି, ମୃତ, ଉତ୍ତରାଧିକାରୀ ପ୍ରମାଣପତ୍ର ନେଇ ଉଭୟ ଚାଷୀ ଓ ସମ୍ପାଦକ ସମସ୍ୟାରେ ପଡ଼ିବେ। ଏପରିକି ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେବା ମଧ୍ୟ ସମ୍ଭାବନା ରହିଛି। ମଙ୍ଗଳପୁର ସମିତି ସମ୍ପାଦକ ଶଙ୍କର୍ଷଣ ଜେନା ଚାଷୀଙ୍କ ଆଇ ସ୍କାନ ବାଧ୍ୟତାମୂଳକ ହୋଇଥିବାରୁ ବିଭିନ୍ନ ସମସ୍ୟା ଉପୁଜିବା ସହ ପଞ୍ଜୀକରଣ ପ୍ରକ୍ରିୟାରେ ମଧ୍ୟ ଯଥେଷ୍ଟ ବିଳମ୍ବ ଘଟିବ ବୋଲି ପ୍ରକାଶ କରିଛନ୍ତି।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜଣେ ଛାତ୍ରୀଙ୍କୁ ସ୍ୱାଗତ କରାଯାଉଛି।

ଧାମନଗର, ୨୪।୭ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଯୁକ୍ତ ୨ ମହାବିଦ୍ୟାଳୟର ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ଗୁରୁବାର ପୂର୍ବାହ୍ନରେ କଲେଜ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ମୁଖ୍ୟବକ୍ତା ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ଡ.ମନୋଜ କୁମାର କର ଓ ସଜଳ କୁମାର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଡ. ସାଜିଆ ତମକୀନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚିତ


ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୨୪।୭ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତର ଯଶୋଟିକିରିଠାରେ ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅପରାହ୍ନରେ ତାଙ୍କ ପୁଅ ଯୁବ ଉଦ୍ୟୋଗୀ ବିରଞ୍ଚି ନାରାୟଣ ରାଉତଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ବନବିହାରୀ ରାଉତରାୟ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସ୍ୱର୍ଗତ ରାଉତଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ସଭ୍ୟ ବଦ୍ରୀନାରାୟଣ ରାଉତ, ସାମାଜିକ କର୍ମୀ ପ୍ରଦୀପ କୁମାର ସାମଲ, କଣ୍ଠଶିଳ୍ପୀ ହରିହର ପଲ୍ଲାଇ, ଶାନ୍ତିଲତା ରାଉତ, ସୁଧାଂଶୁ ଶେଖର ରାଉତ, ସରୋଜିନୀ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଅନୀଲ କୁମାର ରାୟ, ଉତ୍ତମ କୁମାର ଜେନା, ବିଳାସିନୀ ରାଉତ, ବିଜୟଲକ୍ଷ୍ମୀ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୨ ସପ୍ତାହରେ ୨ ଥର ଚଢ଼ାଉ: ଧରାପଡୁନାହାନ୍ତି ବେପାରୀ

### ତାଳପଦାରେ ଦେଶୀମଦ କାରଖାନା

ତିହିଡ଼ି,୨୪।୭ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଦେଶୀମଦ କାରଖାନା ଚାଲିଛି। ତିହିଡ଼ି ପୋଲିସ ପକ୍ଷରୁ ୨ ସପ୍ତାହ ମଧ୍ୟରେ ୨ ଥର ଚଢ଼ାଉ କରାଯାଇ ଦେଶୀମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ସରଞ୍ଜାମକୁ ନଷ୍ଟ କରାଯାଇଛି। ତଥାପି ସେଠାରେ ମଦ ପ୍ରସ୍ତୁତି ବନ୍ଦ ନ ହେବା ସ୍ଥାନୀୟ ଅଞ୍ଚଳବାସୀ, ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପୋଲିସ ସାଦା ପୋଷାକରେ ଚଢ଼ାଉ କରୁଥିଲେ ମଧ୍ୟ ଜଣେ ହେଲେ ବି ମଦ ବେପାରୀ ଧରା ନ ପଡ଼ିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଦେଶୀମଦ ପ୍ରସ୍ତୁତକାରୀମାନେ ଚଢ଼ାଉ ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇଯାଉଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିପାରୁ ନ ଥିବା ଏଥିରୁ ପ୍ରମାଣିତ ହେଉଛି।


ଦେଶୀ ମଦ ସରଞ୍ଜାମକୁ ପୋଲିସ ନଷ୍ଟ କରୁଛି।

ଗତ ୧୧ ତାରିଖରେ ପୋଲିସ ଏହି ପଞ୍ଚାୟତରେ ଚଢ଼ାଉ କରି ଦେଶୀମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ସରଞ୍ଜାମକୁ ନଷ୍ଟ କରିଥିଲା। ବୁଧବାର ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସ ସାଦା ପୋଷାକରେ ପୁଣିଥରେ ଚଢ଼ାଉ କରିଛି। ଦେଶୀମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ପୋଚ ଓ ବିଭିନ୍ନ ସରଞ୍ଜାମକୁ ପୋଲିସ ନଷ୍ଟ କରିଛି। ହେଲେ ମଦ ବିକ୍ରେତାଙ୍କୁ ଗିରଫ କରାଯାଇପାରି ନାହିଁ। ଏହି ପଞ୍ଚାୟତରେ କେତେଜଣ ଅସାମାଜିକ ବ୍ୟକ୍ତି ବିଭିନ୍ନ ସ୍ଥାନରେ ଦେଶୀମଦ ପ୍ରସ୍ତୁତ କରି ଦୀର୍ଘବର୍ଷ ହେଲା ବ୍ୟବସାୟ ଚଳାଇଛନ୍ତି। ନିୟମିତ ଭାବେ ଏହି ବ୍ୟବସାୟ ଚାଲିଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଛି। ତେବେ ଏହି ବ୍ୟବସାୟର କିପରି ସମ୍ପୂର୍ଣ୍ଣ ରୂପେ ମୂଳ ଉତ୍ପାଟନ ହୋଇପାରିବ, ସେ ଦିଗରେ ଦୃଢ଼ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ରୋଟାରି କ୍ଲବ୍‌ର ଅଧିଷ୍ଠାନ ଉତ୍ସବ



ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ, ୨୪।୭(ରବିନାରାୟଣ ଖିଲାର)

ଜିଲା ପରିଷଦ ସଭାଗୃହରେ ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ରୋଟାରି କ୍ଲବର ୫୪ତମ ଅଧିଷ୍ଠାନ ଓ ସଦ୍‌ଭାବନା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦାୟୀ ସଭାପତି ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱ ଓ ଚେୟାରମ୍ୟାନ ପ୍ରଣବ କୁମାର ସାହୁଙ୍କ ପରିଚାଳନରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ କୁମାର ରାଉତରାଏ ଏବଂ ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର ଯୋଗ ଦେଇଥିଲେ। ନବନିର୍ବାଚିତ ଡିଷ୍ଟ୍ରିକ୍ଟ ଗଭର୍ନର ଇନ୍ଦ୍ରଜିତ ସାହୁ, ଆସିଷ୍ଟାଣ୍ଟ ଗଭର୍ନର ପ୍ରଦୀପ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ଏସ୍‌ପି ବିକାଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଭାପତି ନାସିର ବକ୍ସ ଓ ସମ୍ପାଦକ ବାଦଲ କିଶୋର ମହାପାତ୍ରଙ୍କୁ ପୂର୍ବବର୍ଷ ସଭାପତି ସନ୍ତୋଷ ନାୟକ ଓ ସହସମ୍ପାଦକ ବସନ୍ତ କୁମାର ସାମଲ ଆନୁଷ୍ଠାନିକ ଭାବେ ରୋଟାରୀ କଲାର, ଚାର୍ଟର ସାର୍ଟିଫିକେଟ ପ୍ରଦାନ କରିଥିଲେ। ପୂର୍ବ ଡିଷ୍ଟ୍ରିକ୍ଟ ଗଭର୍ନର ପଦ ଗୋପନୀୟତାର ଶପଥପାଠ କରାଇଥିଲେ। ନୂତନ ଭାବେ ୪ ସଭ୍ୟଙ୍କୁ ମଧ୍ୟ ଶପଥପାଠ କରାଯାଇଥିଲା।

ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାରେ ପ୍ରଥମ ହୋଇଥିବା ଛାତ୍ରୀ ସ୍ୱୟଂପ୍ରଭା ନାୟକ ଓ ଛାତ୍ର ସାସ୍ୱତ ବେହେରାଙ୍କ ସହ ଭଦ୍ରକ ପୌରପାଳିକାର ୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ରୋଟାରି ଆୱାର୍ଡ, ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହପରି। ଜିଲାର ମୁଖ୍ୟ ସହର ଭଦ୍ରକ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭାଇଚାରା ଓ ସଦ୍‌ଭାବନା ରକ୍ଷା ପାଇଁ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ରୋଟାରୀ ସଦ୍‌ଭାବନା ସମ୍ମାନ ପ୍ରଦାନ କରାଯାଇଥିଲା। ବସନ୍ତ ପାଣିଗ୍ରାହୀ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଉମାକାନ୍ତ ଜେନା, ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଅଜିତ ଦାସ, ବୈରାଗୀ ଧଳ, ଭାସ୍କର ଚନ୍ଦ୍ର ପାଢ଼ୀ, ଶଶିଶେଖର କରଶର୍ମା, ବି.ଏନ୍. ଦାସ, ଗୟାଧର ପଣ୍ଡା, ଶାନ୍ତି ସ୍ୱରୂପ ମିଶ୍ର, ଅଜିତ ମହାପାତ୍ର, ପ୍ରମୋଦ କୁମାର ଜେନା, ସାଇସ୍ମିତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ରୋଟାରିଆନ ତପସ୍ୱିନୀ ଦାସ ଆୱାର୍ଡ କମିଟିକୁ ୪ ଶ୍ରେଷ୍ଠ ଛାତ୍ରଙ୍କ ପାଇଁ ୩୦ହଜାର ଟଙ୍କା ସ୍ଥାୟୀ ଜମା ଲାଗି ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥାନ ଘୋଷଣା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ପରିସରରେ ଚାରାରୋପଣ



ଚାରାରୋପଣ ଅବସରରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

ଧୁଷୁରୀ,୨୪।୭ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ହସନାବାଦ ପଞ୍ଚାୟତ ଗୋପବନ୍ଧୁ ନଗର ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଚାରାରୋପଣ ସହ ଛାତ୍ରୀଛାତ୍ରଙ୍କୁ ୩ଶହରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ ମଦନ ମୋହନ ସାମନ୍ତରାୟଙ୍କ ଅଧ୍ୟକ୍ଷତା ଓ ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରମୋଦ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ସାମାଜିକ କର୍ମୀ ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଧୁଷୁରୀ ପ୍ରେସ୍ ୟୁନିୟନ କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର, ଖବରଦାତା ସୁଜୟ ପାକଳ, ସିଆର୍‌ସିସି ଅଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଚାରାରୋପଣ ହିଁ ବିଶ୍ୱତାପନକୁ ନିୟନ୍ତ୍ରଣ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁକମ୍ପା ମହିଳା ସଙ୍ଗଠନର ସଭାପତି କବିତା ସାହୁ, ଉପସଭାପତି ବିମଳା ନାଥ, କୋଷାଧ୍ୟକ୍ଷା ନମିତା ପଣ୍ଡା, ପଙ୍ଗଟା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାଳିକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ

ଭଦ୍ରକ,୨୪।୭ (ସନାତନ ରାଉତ)

ଭଦ୍ରକ ବ୍ଲକର ଗେଲପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ପୂର୍ବାହ୍ନରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା ଓ ରାଜସ୍ୱ ନିରୀକ୍ଷକ ଶରତ କୁମାର ମହାନ୍ତି ଯୋଗଦେଇ ଲୋକଙ୍କୁ ସଂଶୋଧିତ ଜମିପଟ୍ଟା ବଣ୍ଟନ କରିଥିଲେ। ଏବେ ସରକାରଙ୍କ ପକ୍ଷରୁ ମୃତ ବ୍ୟକ୍ତିଙ୍କ ନାମରେ ଥିବା ପଟ୍ଟା ସଂଶୋଧନ ପାଇଁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପଟ୍ଟା ସଂଶୋଧନ ନିମନ୍ତେ ନୂତନ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରାଯାଇଥିଲା। ସାମରାଇପୁର, ଗେଲପୁର, ନଳାଙ୍ଗ ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଏକାଦଶାହରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ଭଦ୍ରକ,୨୪।୭ (ସନାତନ ରାଉତ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ମୋକିତ ଖାଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ନେତା ରାଧାକାନ୍ତ ସାମଲ, ଦେବେନ୍ଦ୍ର ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପୀତବାସ ଧଳ, ପ୍ରଦ୍ୟୁମ୍ନ ଦାସ, ରବି ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଲାଗି ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ନାରୀନେତ୍ରୀ ହସିନା ବେଗମ, ଅବଦୁଲ ସଲାମ, ମନୋରଞ୍ଜନ ଦାସ, ବିଜୟ ବାରିକ, ସୁଶାନ୍ତ ଦାସ, ରବିନାରାୟଣ ଜେନା, ଧରିତ୍ରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଗାଦି ଛାଡୁନାହାନ୍ତି ଅଧିକାରୀ

ଧାମନଗର,୨୪।୭ (ସନ୍ତୋଷ କୁମାର ମହାପାତ୍ର)

### ବଦଳି ନିର୍ଦ୍ଦେଶକୁ ୧୮ ଦିନ ବିତିଲାଣି

ବଦଳି ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଗାଦି ଛାଡୁନାହାନ୍ତି ସରକାରୀ ଅଧିକାରୀ। ଧାମନଗର ବନ୍ୟପ୍ରାଣୀ ବନଖଣ୍ଡ ଓ ବନାଞ୍ଚଳ କାର୍ଯ୍ୟାଳୟର ଅଧିକାରିଣୀ ସୁଷମା ସାହୁଙ୍କୁ ବଦଳି ପାଇଁ ଗତ ୫ ତାରିଖରେ ନିର୍ଦ୍ଦେଶ ହୋଇଥିଲା। ଏହାମଧ୍ୟରେ ୧୮ ଦିନ ବିତିଗଲାଣି, ହେଲେ ସେ ଏହି କାର୍ଯ୍ୟାଳୟରୁ ବଦଳି ନ ହେବା ସନ୍ଦେହ ସୃଷ୍ଟି କରୁଛି। ଓଡ଼ିଶା ବନ୍ୟପ୍ରାଣୀ ବନଖଣ୍ଡ ମୁଖ୍ୟ ସଚିବ ସୁରେଶ ପନ୍ଥଙ୍କ ଆଦେଶ ମୁତାବକ ଚିଠି ନଂ. ପିସିସିଏଫ୍‌ଓ-ଏନ୍‌ଜିଇ-ଏମ୍‌ଆଇଏସ୍‌ଇ-୦୦୦୨-୨୦୨୫ ନଂ. ୭୧୪/୫/୭/୨୦୨୫ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧୬ଜଣ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶ ରହିଥିଲା। ଧାମନଗର ଫରେଷ୍ଟର ସୁଷମା ସାହୁଙ୍କୁ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡ଼ା ଫରେଷ୍ଟକୁ ବଦଳି କରାଯାଇଛି। କିନ୍ତୁ ୧୮ଦିନ ବିତିଯାଇଥିଲେ ମଧ୍ୟ ସେ ଧାମନଗରରୁ ବଦଳି ହୋଇନାହାନ୍ତି।

ପ୍ରକାଶଥାଉ କି, ପ୍ରାୟ ୨ ବର୍ଷ ହେବ ଫରେଷ୍ଟର ସୁଷମା ସାହୁ ଧାମନଗର କାର୍ଯ୍ୟାଳୟରେ କାର୍ଯ୍ୟ କରି ଆସୁଛନ୍ତି। ଧାମନଗର ଫରେଷ୍ଟ ଡିଭିଜନ ଅଧୀନରେ ଛତୁ ଫୁଟିଲା ଭଳି ବେଆଇନ କରତକଳ ଗଢ଼ି ଉଠିଥିଲା। ଧାମନଗର ଫରେଷ୍ଟ ଅଫିସରୁ ମାତ୍ର ଅଳ୍ପ ଦୂରରେ ବେଆଇନ କରତକଳ ଚାଲିବା ତାଙ୍କ କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଧାମନଗର ଫରେଷ୍ଟ ଡିଭିଜନକୁ ଆଗୁଆ କୌଣସି ସୂଚନା ନ ଦେଇ ଭଦ୍ରକ, କଟକ ଭିଜିଲାନ୍ସ, ବାଲେଶ୍ୱର ଭିଜିଲାନ୍ସ, ଭଦ୍ରକ ଏସ୍‌ପି ଓ ଧାମନଗର ଥାନାଧିକାରୀଙ୍କ ମିଳିତ ସହଯୋଗରେ ବେଆଇନ କରତକଳ ଉପରେ ରାତିଅଧିଆ ବାରମ୍ବାର ଚଢ଼ାଉ କରାଯାଇଛି। ସେହିପରି ଧାମନଗର ଫରେଷ୍ଟର ଅଫିସକୁ କେହି ଜଣେ ବ୍ୟକ୍ତି ସୂଚନା ତଥ୍ୟ ଆଧାରରେ ତଥ୍ୟ ମାଗିଲେ ମଧ୍ୟ ଠିକ୍ ସମୟରେ ସୂଚନା ପ୍ରଦାନ ନ କରିବା ଭଳି ଘଟଣା ଆହୁରି ସନ୍ଦେହ ସୃଷ୍ଟି କରୁଛି। ଏଣୁ ସରକାର ତୁରନ୍ତ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅଧିକାରିଣୀ ସାହୁଙ୍କୁ ପଚାରିବାରୁ ସେ ବିରକ୍ତି ପ୍ରକାଶ କରିଥିଲେ। ସେ ଏଠାରୁ ସ୍ୱତଃପ୍ରବୃତ୍ତ ଭାବେ ବଦଳି ହେବାକୁ ଚାହୁଁଛନ୍ତି। ବଦଳି ନିର୍ଦ୍ଦେଶକୁ ଜିଲାସ୍ତରରେ କାହିଁକି କାର୍ଯ୍ୟକାରୀ କରାଯାଉ ନାହିଁ, ସେ କହିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏନେଇ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁ କହିଛନ୍ତି, ସୁଷମା ସାହୁ ଭଦ୍ରକ ଓ ଧାମନଗର ୨ଟି କାର୍ଯ୍ୟାଳୟ ଦାୟିତ୍ୱରେ ଥିବାରୁ ବଦଳି କରିବାକୁ ବିଳମ୍ବ ହେଉଛି। ଚଳିତ ମାସ ଶେଷ ସୁଦ୍ଧା ତାଙ୍କୁ ବଦଳି କରାଯିବ।

## ନବାଗତ ବିଦ୍ୟାର୍ଥୀଙ୍କ ପ୍ରବେଶ, ସ୍ୱାଗତ ସମାରୋହ

ଚରମ୍ପା,୨୪।୭ (ଅମରେନ୍ଦ୍ର ପଣ୍ଡା)

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିବିଏ (ବ୍ୟବସାୟିକ ସମନ୍ଧୀୟ ସ୍ନାତକ ପାଠ୍ୟକ୍ରମ)ରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଶ୍ରେଣୀ ପ୍ରବେଶ ଓ ସ୍ୱାଗତ ସମାରୋହ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରବୀନ୍ଦ୍ର କୁମାର ସାହୁ ଓ ଅନ୍ୟତମ ଅତିଥି ଭାବେ ରସାୟନ ବିଭାଗର ମୁଖ୍ୟ ଡ. ପଦ୍ମନାଭ ପତ୍ରୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବାଣିଜ୍ୟ ବିଭାଗୀୟ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଧ୍ୟବସାୟ ପୂର୍ବକ ମା' ବାପାଙ୍କ ସ୍ୱପ୍ନ ସାକାର କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବ ବର୍ଷରେ ବିବିଏ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟସ୍ତରରେ କିପରି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ ତାହାର ବିବରଣୀ ଅଧ୍ୟକ୍ଷ ଦାଶ ପ୍ରଦାନ କରିଥିଲେ। ବିବିଏ କୋର୍ଡିନେଟର ଅଧ୍ୟାପକ ପୀତାମ୍ବର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସତ୍ୟସ୍ୱରୂପ ନନ୍ଦୀ ଧନ୍ୟବାଦ ଦେଇଥିଲେ। ବିବିଏ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଶୁଭଶ୍ରୀ ବିଶ୍ୱାଳ ଓ ଅଧ୍ୟାପକ ରୁଦ୍ର ନାରାୟଣ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବାସୁଦେବପୁର,୨୪।୭(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ଭୈରବପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚକ୍ରଧର ବେହେରା(୭୫)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ବୟସାଧିକ କାରଣରୁ ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ଜଣାଶୁଣା ଥିଲେ। ଏତଦ୍‌ଭିନ୍ନ ଜଣେ ଅନୁଷ୍ଠାନପ୍ରେମୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ଅଞ୍ଚଳରେ ତାଙ୍କର ସୁନାମ ଥିଲା। ସେ ଦୀର୍ଘଦିନ ଧରି ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଚାନ୍ଦିମାଳ କେକେଜିପି ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା ପରେ ଶେଷକୃତ୍ୟ କରାଯାଇଥିଲା।

## ନିର୍ମାଣାଧୀନ ପାର୍କ ପରିଦର୍ଶନ କଲେ ବିଧାୟକ

ଭଦ୍ରକ,୨୪।୭ (ସନାତନ ରାଉତ)

ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଗୁରୁବାର ପୂର୍ବାହ୍ନରେ ସଦର ବ୍ଲକ କୋରକୋରା ନିକଟସ୍ଥ କେନ୍ଦ୍ରୀୟ ବିଦ୍ୟାଳୟଠାରେ ନିର୍ମାଣାଧୀନ କାନ୍ତକବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କର କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଧାୟକ ପ୍ରଶାସନିକ ଅଧିକାରୀମାନଙ୍କ ସହ ପରିଦର୍ଶନରେ ଆସି ପାର୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ନୂତନତା ଆଣିବା ପାଇଁ ଆଲୋଚନା କରିଥିଲେ। ପୁଷ୍କରିଣୀ ମଧ୍ୟରେ ଦ୍ୱୀପପୁଞ୍ଜ, ନୌକା ବିହାର, କଫି ପିଇବା ଘର, ଅତ୍ୟାଧୁନିକ ରେଷ୍ଟୁରାଣ୍ଟ, ସଙ୍ଗୀତ ସହ ଆଲୋକୀକରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।


ପାର୍କ ପରିଦର୍ଶନ ସମୟରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପରିଦର୍ଶନ ସମୟରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁଦର୍ଶନ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବୈଶିଙ୍ଗା,୨୪ା୭(ରତନ ଦାଶ)– ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର +୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷ ବୀରେନ୍ଦ୍ର କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜକୁ ସଚେତନ ରଖି ନିଜର ଲକ୍ଷ୍ୟ ହାସଲ କରିବା, ବିଦ୍ୟାଳୟରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା, ଅଭିଭାବକମାନଙ୍କର ଆଶୀର୍ବାଦ ନେବା, ନିଜର କର୍ମକୁ ଅଗ୍ରାଧିକାର ଦେଇ ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ପ୍ରେରଣା ଦେଇଥିଲେ। ଏଥିସହିତ ନିଜନିଜର ସୁରକ୍ଷା ନିଶ୍ଚିତ କରିବା ସହିତ ସରକାରଙ୍କ ପ୍ରଦତ୍ତ ସମସ୍ତ ହେଲ୍ପ ଲାଇନ ନମ୍ବରଗୁଡ଼ିକ ଅବଗତ କରାଇଥିଲେ। ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ପ୍ରାଧ୍ୟାପକ, ଅଧ୍ୟାପକ ନିଜର ମନ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ଓ ଚାରିତ୍ରିକ ବିକାଶ ଏବଂ ଭବିଷ୍ୟତରେ ସଫଳତା ହାସଲ କରିବାପାଇଁ ପ୍ରେରଣା ଯୋଗାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଶ୍ରୀ ପୁଷ୍ପପ୍ରିୟା ମହାଳିକ ଏବଂ ଶିକ୍ଷା ବିଭାଗର ଅଧ୍ୟାପିକା ସୁଶ୍ରୀ ଶୁଭଶ୍ରୀ ଦାସ ସଂଯୋଜନା କରିଥିଲେ।

# ସ୍ଥାୟୀ କୁଳପତି ନିଯୁକ୍ତି ଦାବି

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ବାରିପଦା,୨୪ା୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତିକୁ ନେଇ ଭଞ୍ଜସେନା ପକ୍ଷରୁ ଦାବି ହୋଇଛି । ଏହା ସହିତ ପୂର୍ବତନ କୁଳପତିଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଏକ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଭଞ୍ଜସେନାର ଅଭିଯୋଗ ଅନୁଯାୟୀ, ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅସ୍ଥାୟୀ ଭାବେ ୬ମାସ ପାଇଁ କୁଳପତି ନିଯୁକ୍ତି କରାଯାଇଛି। ଏହାକୁ ନେଇ ବିଦ୍ୟାର୍ଥୀ ଓ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଦୀର୍ଘ ୩ବର୍ଷ ହେବ ଭାରପ୍ରାପ୍ତ କୁଳପତିଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୨୦୨୨–୨୩ ଶିକ୍ଷା ବର୍ଷଠାରୁ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇନାହିଁ। ବିନା ସାର୍ଟିଫିକେଟରେ ସମାବର୍ତ୍ତନ ଉତ୍ସବ କରି ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରିତ କରି ଅପମାନ ଜନକ ସ୍ଥିତି ଉପୁଜିଥିଲା । ଯାହାକୁ ନେଇ ବିଶ୍ୱ ଦରବାରରେ ବିଶ୍ୱବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ସମାଲୋଚନା ଜୋର ଧରିଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣବେଳେ ବିଦ୍ୟୁତ୍ ବିଭ୍ରାଟ ଘଟଣାରେ ଦୋଷୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ଛାତ୍ରୀଛାତ୍ରଙ୍କ ଅର୍ଥରେ ଗଚ୍ଛିତଥିବା ପରୀକ୍ଷା ଫଣ୍ଡକୁ ବିନା ଟେଣ୍ଡର ଦ୍ୱାରା କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଦିବ୍ୟାଙ୍ଗ ର୍‍ୟାମ୍ପ ନିର୍ମାଣ କରିବା ସମସ୍ତଙ୍କର ସନ୍ଦେହ ଘେରକୁ ଟାଣିଛି। ସେହିପରି ବିଶ୍ୱବିଦ୍ୟାଳୟ ପାଣ୍ଠିରୁ ଭଲ ପିଚୁକୁ ଉଠାଇ ପେବର ବ୍ଲକ କରିବାକୁ ନେଇ ଛାତ୍ର ଅଶାନ୍ତି ଦାନା ବାନ୍ଧିଛି। ଦୀର୍ଘ ବର୍ଷ ଧରି ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ନିୟମିତ ନ ହେବା ଏବଂ ଚୁକ୍ତି ଭିତ୍ତିକ ଅଧ୍ୟାପକ ନିଯୁକ୍ତି ଦ୍ୱାରା ଶିକ୍ଷାରମାନଙ୍କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉପରୋକ୍ତ ବ୍ୟବସ୍ଥାରେ ହୋଇଥିବା ଅନିୟମିତତାର ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ସ୍ଥାୟୀ କୁଳପତି ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଭଞ୍ଜସେନା ଛାତ୍ର ଶାଖା ସଭାପତି କିଷନ କୁମାର ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁକ୍ତିଦତ୍ତ ପରିଡ଼ା, ମନୋଜ ସାହୁ, ରାଜେଶ ଦାଶ, ସତ୍ୟ ପୃଷ୍ଟି, ରମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଭଞ୍ଜସେନା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଉଛି।

## ବୁଦ୍ଧିଜୀବୀଙ୍କ ସହ ଆଲୋଚନା କଲେ ଅତିରିକ୍ତ ଏସ୍‌ପି



ଆଲୋଚନାରତ ଅତିରିକ୍ତ ଏସ୍‌ପି ଓ ବୁଦ୍ଧିଜୀବୀମାନେ।

### ପାଞ୍ଚପୀଢ଼ ପୋଲିସ ଜିଲା ଗଠନ ଦାବି

କରଞ୍ଜିଆ,୨୪ା୭(କବିତା ମହାନ୍ତ)

ପାଞ୍ଚପୀଢ଼ ପୋଲିସ ଜିଲା ଗଠନ ସଂକ୍ରାନ୍ତରେ ବୁଧବାର ଆଲୋଚନା ହୋଇଛି। କରଞ୍ଜିଆ ଥାନାରେ ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା ପହଞ୍ଚି ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ସହ ଏନେଇ ଆଲୋଚନା କରିଛନ୍ତି। କରଞ୍ଜିଆଠାରେ ଜିଲାସ୍ତରୀୟ କାର୍ଯ୍ୟାଳୟ ଖୋଲିବା ପାଇଁ ଦୀର୍ଘ ଦିନହେଲା ଦାବି ହୋଇଆସୁଥିଲା। ଇତିମଧ୍ୟରେ ରାଇରଙ୍ଗପୁରକୁ ପୋଲିସ ଜିଲା କରିବା ପାଇଁ ସରକାର ଘୋଷଣା କରିଥିବାବେଳେ ପାଞ୍ଚପୀଢ଼ ଉପଖଣ୍ଡକୁ ଅନ୍ୟଏକ ପୋଲିସ ଜିଲା କରିବାର ଯଥାର୍ଥତା ଓ ଆବଶ୍ୟକତା ଥିବା ଦୃଷ୍ଟିରୁ ଦାବି ହୋଇଥିଲା। ଦାବି ଅନୁଯାୟୀ କରଞ୍ଜିଆଠାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଖୋଲିବାରେ କି ଆବଶ୍ୟକତା ରହିଛି ତାହା ଉପରେ ଅତିରିକ୍ତ ଏସ୍‌ପି ଜେନା ଲୋକଙ୍କ ମତାମତ ନେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

କରଞ୍ଜିଆ ଅଞ୍ଚଳର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ଯେ,ଭୌଗଳିକ ଦୃଷ୍ଟି କୋଣରୁ ଜିଲା ହେଡ୍‌କ୍ୱାର୍ଟରଠାରୁ ୧୩୦–୨୦୦କିମି. ଦୂରରେ ଉପଖଣ୍ଡର ଅନେକ ଅଞ୍ଚଳ ରହିଛି। ଏହି ସ୍ଥାନରେ ତ୍ୱରିତ ସେବା ଯୋଗାଇବା ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟ ଖୋଲିବା ନିହାତି ଦରକାର। ଏହି ଉପଖଣ୍ଡ ତୁଳନାତ୍ମକ ଭାବେ ଅଧିକ ରାଜସ୍ୱ ସରକାରଙ୍କୁ ଦେଉଛି। ଧାର୍ମିକ, ସାଂସ୍କୃତିକ, ଶିକ୍ଷା ଦୃଷ୍ଟିରୁ ଏହି ଉପଖଣ୍ଡ ସବୁବେଳେ ଅଗ୍ରଣୀ ଭୂମିକା ନେଇ ଆସୁଛି। ବିଶ୍ୱବିଖ୍ୟାତ ଶିମିଳିପାଳ ଜାତୀୟ ଉଦ୍ୟାନ, ଐତିହାସିକ ଖିଚିଂ ମନ୍ଦିର, ପ୍ରକୃତିର ଅନନ୍ୟ ସମ୍ପଦ ଭୀମକୁଣ୍ଡ ଏହି ଅଞ୍ଚଳରେ ରହିଛି। ଏହା ଜିଲାର ଏକ ବାଣିଜ୍ୟିକ ପେଣ୍ଠସ୍ଥଳ। ଏଠାରେ ଜାତୀୟକରଣ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବିଭିନ୍ନ କମ୍ପାନୀର ଶୋ'ରୁମ୍‌ମାନ ରହିଛି। ଲୋକ ସଂଖ୍ୟା ଓ ଆୟତନ ଦୃଷ୍ଟିରୁ ଏଠାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଖୋଲିବା ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ବାଞ୍ଛାନିଧି ପୃଷ୍ଟି, ଦିବ୍ୟପ୍ରସାଦ ସାହୁ, ଉମା ଶଙ୍କର ଦାସ, କର୍ଣ୍ଣାର୍ଜୁନ ଶାହା, ଅଭିମନ୍ୟୁ ତ୍ରିପାଠୀ, ସର୍ବେଶ୍ୱର ମିଶ୍ର, ବିନ୍ଦୁସାର ଦାସ, ହରେକୃଷ୍ଣ ମହାନ୍ତ, ଗୌରାଙ୍ଗ ବାରିକ, ସଞ୍ଜୟ ସାହୁ, ସତ୍ୟବ୍ରତ, ମିଶ୍ର, ଅରୁଣ ବେହେରା, ଜଗମୋହନ ମହାନ୍ତ, ମହମଦ ଫିରୋଜ, କବିତା ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାୟକ ବୈଠକ ପରିଚାଳନା କରିଥିଲେ।

# ଧରାପଡ଼ିଲେ ଲୁଟେରା

### ମେଡିକାଲ ପରିସରରୁ ସାଇକେଲ ଚୋରି

ଉଦଳା,୨୪ା୭(ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ମେଡିକାଲ ପରିସରରୁ ଗୁରୁବାର ପୂର୍ବାହ୍ନ ୧୧ଟା୩୦ ସମୟରେ ରୋଗୀ ସମ୍ପର୍କୀୟଙ୍କ ସାଇକେଲ ଚୋରିବେଳେ ଜଣେ ଲୁଟେରା ଧରାପଡ଼ିଛନ୍ତି। ମେଡିକାଲରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ତାଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ଅନ୍ୟ ରାଜ୍ୟର ଏହି ଲୁଟେରା ଜଣକ ସାଇକେଲ ଚୋରାଇ ନେଉଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ତେବେ ପୋଲିସ ଉକ୍ତ ଲୁଟେରାଙ୍କୁ ଥାନାକୁ ନେବା ପରେ ତାଙ୍କ ସ୍ତ୍ରୀ ମେଡିକାଲ ପରିସରରୁ ଚୋରି କରି ନେଇଥିବା ସାଇକେଲକୁ ଆଣି ଥାନାରେ ଫେରାଇଥିବା ଦେଖିବାକୁ ମିଳିଛି। ଉକ୍ତ ଲୁଟେରା ଏବଂ ତାଙ୍କ ପରିବାର ସଦସ୍ୟମାନେ ଯାଯାବର ଜୀବନ ଯାପନ କରୁଛନ୍ତି। ସେମାନେ ବିଭିନ୍ନ ଅଞ୍ଚଳକୁ ଯାଇ ସେଠାରେ ରହି ଏହିଭଳି ସାଇକେଲ ଚୋରି କରି ବିକ୍ରି କରୁଥିବା ତଦନ୍ତବେଳେ ଜଣାପଡ଼ିଥିବା ପୋଲିସ କହିଛି।

# ବ୍ଲକ ଅଧ୍ୟକ୍ଷ,ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା



ଧାରଣାରେ ବସିଥିବା ଲୋକପ୍ରତିନିଧିମାନେ।

### କାର୍ଯ୍ୟ ଭାଗବଣ୍ଟାକୁ ନେଇ ବିବାଦ

ମୋରଡ଼ା,୨୪ା୭(ସ୍ମାରକ ମାଜୀ)

ଉନ୍ନୟନମୂଳକ କାର୍ଯ୍ୟ ଭାଗବଣ୍ଟାକୁ ନେଇ ମୟୂରଭଞ୍ଜ ଜିଲା ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ତୁମ୍ବି ତୋଫାନ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ମୋରଡ଼ା ବ୍ଲକରେ ମୋଟ ୮୮ଟି ଉନ୍ନୟନମୂଳକ କାର୍ଯ୍ୟ ହେବାକୁ ସ୍ଥିର ହୋଇଛି। ଏହି କାର୍ଯ୍ୟକୁ ନେଇ ଭାଜପା ଏବଂ ବିଜେଡି ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ବ୍ଲକ ଅଧକ୍ଷ ବିଜେଡିର ହୋଇଥିବା ବେଳେ ମୋରଡା ବିଧାୟକ ଭାଜପାର। ତେଣୁ ଆସିଥିବା କାର୍ଯ୍ୟର ୬୦ ପ୍ରତିଶତ କାର୍ଯ୍ୟ ଭାଜପା କର୍ମୀ ଓ ଅବଶିଷ୍ଟ ୪୦ ପ୍ରତିଶତ କାର୍ଯ୍ୟ ବିଜେଡି କର୍ମୀ କରିବେ ବୋଲି ଏକ ପ୍ରକାର ସ୍ଥିର ହୋଇଛି। ଏ ସମ୍ପର୍କରେ ବୁଝିବା ପାଇଁ ବ୍ଲକ ଅଧକ୍ଷ ପୀଥନାଥ ସୋରେନ, ସରପଞ୍ଚ ଓ ସମିତି ସଭ୍ୟମାନେ ଗୁରୁବାର ମଧ୍ୟାହ୍ନ ୧୨ଟା ସମୟରେ ବିଡିଓ ଅଣାକର ନାଏକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଭାଜପାର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଆଲୋଚନାରେ କୌଣସି ସୁଫଳ ନ ମିଳିବାରୁ ଅଧକ୍ଷ ସୋରେନ, ସରପଞ୍ଚ, ସମିତି ସଭ୍ୟମାନେ ବିଡିଓଙ୍କ କାର୍ଯ୍ୟାଳୟରୁ ବାହାରି ବାରଣ୍ଡାରେ ଧାରଣା ଦେଇଥିଲେ। ବିଡିଓ ସେମାନଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିଛି ସମୟ ପରେ ପୂର୍ବତନ ବିଜେଡି ବିଧାୟକ ରାଜକିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ଘଟଣାର କୌଣସି ସମାଧାନ ହୋଇ ପାରିନାହିଁ।

## ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ବୈଠକ

ମୋରଡ଼ା,୨୪ା୭(ସ୍ମାରକ ମାଜୀ)

ଦ୍ୱିତୀୟ ବିଶ୍ୱ ଯୁଦ୍ଧର ମୂକ ସାକ୍ଷୀ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର ଏବଂ କାର୍ଯ୍ୟକ୍ଷମ ନିମନ୍ତେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ ଗୁରୁବାର ମୋରଡା ବ୍ଲକ ଅଧୀନ ଧଡ଼ାସାହି ଗ୍ରାମରେ ପ୍ରଶାସନ ଏବଂ ଗ୍ରାମବାସୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଦୟାସିନ୍ଧୁ ପରିଡା, ମୋରଡା ବିଡିଓ ଅଣାକର ନାଏକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସୋରେନ, ପୂର୍ବତନ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ, ପୂର୍ତ୍ତବିଭାଗ ଅଧିକାରୀ, ଧଡ଼ାସାହି ସରପଞ୍ଚ ତିଲକା ହାଁସଦା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ତେବେ ଉକ୍ତ ଏୟାରଷ୍ଟ୍ରିପର ପୁନଃରୁଦ୍ଧାର ପାଇଁ ୪୦୦ ପରିମିତ ଜାଗା ଦରକାର ହେବାକୁ ଥିବା ବେଳେ ପୂର୍ବରୁ ୧୪୦ ଏକର ଜାଗା ଅଧିଗ୍ରହଣ ହୋଇସାରିଛି। ୧୦୦ ଏକର ଜାଗା ମଧ୍ୟ ସରକାର କିଣି ସାରିଛନ୍ତି । ତେବେ ଉକ୍ତ ଏୟାରଷ୍ଟ୍ରିପ ପାଇଁ ମୋରଡା ବ୍ଲକର ବେଣାପାତିଆ, ସାହାରାଜୁଡ଼ି, ଧଡ଼ାସାହି, ହରେକୃଷ୍ଣପୁର ଏବଂ ବେଲାଝୁରୀ ଗ୍ରାମର ଅଧିକାଂଶ ଲୋକଙ୍କ ଜାଗା ଉଚ୍ଛେଦ ହେବାକୁ ଯାଉଥିବାରୁ ଗ୍ରାମବାସୀ ନିଜ ଭିଟାମାଟି ଛାଡ଼ିବେ ନାହିଁ ବୋଲି କହିଛନ୍ତି। ତେବେ ଜମି ହରାଇବାକୁ ଥିବା ଲୋକଙ୍କୁ ସରକାରଙ୍କ ତରଫରୁ ଅନ୍ୟତ୍ର ଜାଗା ସହିତ ଆର୍ଥିକ ସହାୟତା ମିଳିବ ବୋଲି ଉପଜିଲାପାଳ ପରିଡ଼ା କହିଛନ୍ତି। ଉକ୍ତ ଏୟାରଷ୍ଟ୍ରିପ୍‌ର ପୁନଃରୁଦ୍ଧାର ଲାଗି ୨୮୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି ।




ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ମୟୂରଭଞ୍ଜ ଜିଲାରେ ପ୍ରତିଷ୍ଠାହେବ ୧୩ ନୂଆ କୋର୍ଟ

ବାରିପଦା,୨୪ା୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ୧୩ଟି ନୂତନ କୋର୍ଟ କାର୍ଯ୍ୟାରମ୍ଭ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ସମସ୍ତ ବ୍ଲକ ମୁଖ୍ୟାଳୟରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବାର ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଜିଲାରେ ବାକିଥିବା ୧୨ଟି ବ୍ଲକ୍ ଓ ରାଇରଙ୍ଗପୁରରେ ଏକ ଅତିରିକ୍ତ କୋର୍ଟ କାର୍ଯ୍ୟାରମ୍ଭ ହେବାକୁ ଯାଉଛି। ବ୍ଲକ୍‌ଗୁଡ଼ିକ ମଧ୍ୟରେ ବଡ଼ସାହି, ଖୁଣ୍ଟା, ଗୋପବନ୍ଧୁନଗର, କପ୍ତିପଦା, ଶୁଳିଆପଦା, ବାଙ୍ଗିରିପୋଷି, ସାରସକଣା, ଶୁକ୍ରୁଲି, ଜାମଦା, ବିଜାତଳା, ତିରିଂ ଓ କୁସୁମୀ ରହିଛି। କୁସୁମୀରେ ସିଭିଲ ଜଜ୍(ଜୁନିଅର ଡିଭିଜନ–କମ୍ ଜେଏମ୍‌ଏଫ୍‌ସି) କୋର୍ଟ କାର୍ଯ୍ୟ କରିବ। ସେହିପରି ରାଇରଙ୍ଗପୁରରେ ଅତିରିକ୍ତ ସିଭିଲ ଜଜ୍ (ଜୁନିଅର ଡିଭିଜନ–କମ୍ ଜେଏମ୍‌ଏଫ୍‌ସି) କୋର୍ଟ କାର୍ଯ୍ୟ କରିବାକୁ ଯାଉଛି। ଏଥିପାଇଁ ଆଇନ ବିଭାଗର ଯୁଗ୍ମ ସଚିବ ଜୟନ୍ତୀ କୁମାର ଦେଇ ଆକାଉଣ୍ଟ ଜେନେରାଲଙ୍କୁ ଗେଜେଟେଡ୍ ଓ ନନ–ଗେଜେଟେଡ୍ ପଦବୀ ସୃଷ୍ଟି ପାଇଁ ସୁପାରିଶ କରିଛନ୍ତି। ପଦବୀ ମଞ୍ଜୁର ପରେ କୋର୍ଟ କାର୍ଯ୍ୟ ପ୍ରଥମେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବ। ୧୩ଟି ସ୍ଥାନରେ ନିଜସ୍ୱ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୁପଣ କରାଯିବା ନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍, ଯୁବକ ଗିରଫ

ବୈଶିଙ୍ଗା,୨୪ା୭(ରତନ ଦାଶ)– ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ଅଭିଯୋଗରେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟା ଥାନା ଅଞ୍ଚଳର କେଶ ମୁର୍ମୁଙ୍କ ପୁଅ ଭବାନୀଶଙ୍କର (୨୦)। ସୂଚନା ଅନୁଯାୟୀ, ଭବାନୀଶଙ୍କର ତାଙ୍କ ସହପାଠୀଙ୍କ ସହିତ ବନ୍ଧୁତା ସ୍ଥାପନ କରି ଦୁର୍ବଳତାର ସୁଯୋଗ ନେଇ ବିଭିନ୍ନ ସମୟରେ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏହି ଫଟୋ ଦେଖାଇ ଦୀର୍ଘ ଦିନ ହେଲା ବ୍ଲାକମେଲିଂ କରି ଆସୁଥିଲେ। ବିଭିନ୍ନ ସମୟରେ ଅର୍ଥ ଆଦାୟ ସହ ଶାରୀରିକ ସମ୍ପର୍କ ରଖିବାକୁ ମଧ୍ୟ ବାଧ କରୁଥିବା ନେଇ ସହପାଠୀ ଜଣକ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ।

# ୪ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଗଣିଲେ ଅମାନିଆ

### ବୈଶିଙ୍ଗା ପୋଲିସ ଓ ପରିବହନ ବିଭାଗର ମିଳିତ ଯାଞ୍ଚ

ବୈଶିଙ୍ଗା,୨୪ା୭(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ବୁଧବାର ରାତି ୧୦ଟା ସମୟରେ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା। ବୈଶିଙ୍ଗା ରୁପସା ମୁଖ୍ୟ ରାସ୍ତାର କଦଳିଆ ଛକ ଓ ବୈଶିଙ୍ଗା–ବଡ଼ସାହି ମୁଖ୍ୟ ରାସ୍ତାର ମୋହନପୁର ଛକଠାରେ ଯାନବାହନ ଯାଞ୍ଚ ଚାଲିଥିବା ବେଳେ ମଦ୍ୟପାନ କରି ଗାଡ଼ି ଚାଳନା, ନାବାଳକ ଗାଡ଼ି ଚାଳକ, ବିନା ହେଲମେଟ ଓ ବିନା ସିଟବେଲ୍ଟରେ ଗାଡ଼ି ଚାଳନା ସହ ଟ୍ରାଫିକ ନିୟମର ଉଲ୍ଲଂଘନ ଆଦି ଅଭିଯୋଗରେ ୪ ଲକ୍ଷ ୧୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ପରିବହନ ବିଭାଗ ଓ ବୈଶିଙ୍ଗା ପୋଲିସର ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଏଭଳି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ କରାଗଲେ ରାସ୍ତା ଦୁର୍ଘଟଣାକୁ ବହୁ ମାତ୍ରାରେ ଏଡ଼ାଇବା ସମ୍ଭବ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଛିନ୍ତାଇ ଗ୍ୟାଙ୍ଗର ୧୩ ଗିରଫ, ୮ ବାଇକ୍ ଜବତ

### ୨୦୦ରୁ ଊର୍ଦ୍ଧ୍ୱ ମାମଲାରେ ଜଡ଼ିତ

କେନ୍ଦୁଝର,୨୪ା୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପୋଲିସ ଗୁରୁବାର ଏକ ଆନ୍ତଃରାଜ୍ୟ ଅପରାଧ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଛିନ୍ତାଇ ସମେତ ବିଭିନ୍ନ ମାମଲାରେ ଜଡ଼ିତ ୧୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲାର ବିକି ପ୍ରଧାନ (୨୩), କିଶନ ପ୍ରଧାନ (୨୩), ଅଜୁ ପ୍ରଧାନ (୨୨), ଅର୍ଜୁନ ପ୍ରଧାନ (୨୪), ସଗଲ ଚନ୍ଦନ (୨୦), ସାଗର ପ୍ରଧାନ (୨୪), ରାଜୁ ପ୍ରଧାନ (୪୧), ରମା ପ୍ରଧାନ (୩୨), ଦିଲ୍ଲୀପ ପ୍ରଧାନ (୩୮), ରାଜୁ ପ୍ରଧାନ (୨୭), ଗୋପୀ ପ୍ରଧାନ (୨୮), ସିନୁ ପ୍ରଧାନ (୧୯) ଓ ଗଞ୍ଜାମ ଜିଲାର ଏ. ଆଏଶୁ (୨୫)। ସନ୍ଧ୍ୟା ସମୟରେ ବାଇକରେ ଆସି ମହିଳାଙ୍କୁ ଟାର୍ଗେଟ କରୁଥିଲେ। ସେମାନଙ୍କ ନିକଟରୁ ୮ ବାଇକ ଓ ମଦ ବୋତଲ ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ୧୬ ଜୁଲାଇରେ କେନ୍ଦୁଝରର ଡିଏନ୍ ହାଇସ୍କୁଲ ନିକଟରେ ଏକ ସୁନା ଚେନ ଛିନ୍ତାଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ସମୟରେ ଟାଉନ୍ ପୋଲିସ ରାଜ୍ୟ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଚେନ୍ ଛିନ୍ତାଇ, ଚୋରି, ଡକାୟତି ଏବଂ ଡକାୟତି ମାମଲାରେ ଜଡ଼ିତ ଆନ୍ତଃରାଜ୍ୟ ସଂଗଠିତ ଅପରାଧ ଗ୍ୟାଙ୍ଗକୁ ସଫଳତାର ସହ ଠାବ କରିଥିଲା। ସବ୍ ଇନ୍‌ସପେକ୍ଟର ଦିଲୀପ କୁମାର ମୁର୍ମୁଙ୍କ ନେତୃତ୍ୱରେ ପୋଲିସ ଅଧିକାରୀଙ୍କ ଏକ ଦଳ ଗ୍ୟାଙ୍ଗର ୧୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮ ବାଇକ୍, ଖାଲି ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ, ଅପରାଧ ସମୟରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗ୍ୟାଙ୍ଗ ୧୬ ଜୁଲାଇରେ କେନ୍ଦୁଝର ସହରରେ ୯୦ ମିନିଟ୍ ମଧ୍ୟରେ ୯ଟି ଚେନ୍ ସ୍ନାଚିଂ ଘଟଣା ଘଟାଇଥିଲା। ଅଭିଯୁକ୍ତମାନେ ୨୦୦ରୁ ଅଧିକ ଅପରାଧରେ ସମ୍ପୃକ୍ତିକୁ ସ୍ୱୀକାର କରିଛନ୍ତି। ଓଡ଼ିଶା ଓ ଅନ୍ୟ ରାଜ୍ୟର ବିଭିନ୍ନ ଜିଲାରେ ପଞ୍ଜିକୃତ ବହୁ ଅପରାଧିକ ମାମଲାରେ ଜଡ଼ିତ ଅଛନ୍ତି। ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁ କହିଛନ୍ତି, ଗ୍ୟାଙ୍ଗ ମୁଖ୍ୟତଃ ଯାଜପୁର ଜିଲାର ଦଶମାନିଆ, ମୁଣ୍ଡମାଲା ଏବଂ ପୂର୍ବକୋଟ ଅଞ୍ଚଳରେ କାର୍ଯ୍ୟ କରୁଛି। ଓଡ଼ିଶା ଏବଂ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ଏବଂ ଛତିଶଗଡ଼ ରାଜ୍ୟ ସମେତ ବିଭିନ୍ନ ଜିଲାରେ ଅପରାଧିକ ନେଟ୍‌ୱାର୍କ ବିସ୍ତାର କରିଛନ୍ତି। ମହାସମୁନ୍ଦ (ଛତିଶଗଡ଼) ଏବଂ ଆସ୍କା (ଗଞ୍ଜାମ)ର ଅପରାଧୀ ତତ୍ତ୍ୱଙ୍କ ସହିତ ସମ୍ପର୍କ ଥିବା ସନ୍ଦେହ କରାଯାଉଛି। ଏକ ମାମଲା(ନଂ. ୪୯୨/୨୦୨୫) ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଆନ୍ତଃରାଜ୍ୟ ଅପରାଧିକ ଲିଙ୍କ ଖୋଜିବା ପାଇଁ ଅଧିକ ତଦନ୍ତ ଚାଲିଛି।

# ପଡ଼ିରହିଛି ୫୦ କୋଟି ଟଙ୍କାର ଖଣିଜ



### ଯୋଡ଼ା ଖଣି ମଣ୍ଡଳ

### ଦାବିଦାର ନାହାନ୍ତି, ଚୋରାଚାଲାଣ ବଢୁଛି

ଯୋଡ଼ା,୨୪ା୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ବନ୍ଦ ପଡ଼ିଥିବା କ୍ରଶର, ରେଳ ସାଇଡିଂ ନିକଟବର୍ତ୍ତୀ ଅଞ୍ଚଳରେ ୫୦ କୋଟି ଟଙ୍କାର ଲୁହାପଥର ପଡ଼ିଛି। ଖଣିଜର କେହି ଦାବିଦାର ନ ଥିବା ବେଳେ ଚୋରା ଖଣିଜ ବ୍ୟବସାୟୀ ଟ୍ରକ୍, ଟ୍ରେଲର ଯୋଗେ ଖଣିଜ ଜିଲା ତଥା ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ବିଭାଗ ଅବହେଳା କାରଣରୁ ସରକାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଯୋଡ଼ା ଖଣି ମଣ୍ଡଳର ନୟାଗଡ଼ ରେଳସାଇଡିଂ ନିକଟସ୍ଥ ଏକ ଘରୋଇ ଜମି ସମେତ କାଶିଆ, ମାଟକାମବେଡ଼ା, ବଡ଼ବିଲ, ବଲାଣି, ବାଂଶପାଣି, ଜୁରୁଡି, ଦେଓଝର, ବେହେରାହଟିଂ ପ୍ରଭୃତି ସ୍ଥାନରେ ବନ୍ଦ ପଡ଼ିଥିବା କ୍ରଶର ହତାରେ ପ୍ରାୟ ୧ଲକ୍ଷ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଲୁହାପଥର ପଡ଼ିରହିଛି। ଲୁହାପଥର ପ୍ରାୟ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ଆକଳନରୁ ଜଣାପଡ଼ିଛି। ଖଣିଜର କେହି ଦାବିଦାର ନ ଥିବା ବେଳେ ଜଗୁଆଳି ବ୍ୟବସ୍ଥା ନାହିଁ। ଖଣି ମଣ୍ଡଳର ବିସ୍ତୀର୍ଣ୍ଣ ପରିବ୍ୟାପ୍ତ ଅଞ୍ଚଳରେ ଥିବା ଏହିପରି ମୂଲ୍ୟବାନ୍ ଲୁହାପଥରକୁ ଖଣିଜ ଚୋରା ବ୍ୟବସାୟୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ରାଜ୍ୟ ସମେତ ସୁନ୍ଦରଗଡ଼ ଜିଲାର ରାଉରକେଲା, ବଣାଇଗଡ଼, ଲହୁଣୀପଡ଼ା ପ୍ରଭୃତି ଅଞ୍ଚଳକୁ ବୋହି ନେଉଛନ୍ତି। ଖଣି ବିଭାଗର ଅବହେଳା, ଅଣଦେଖା ଓ ଓଡ଼ିଶା ଖଣି ନିଗମର ଇଚ୍ଛାଶକ୍ତି ଅଭାବରୁ ଅମୂଲ୍ୟ ସମ୍ପଦ ଚୋରାଚାଲାଣ ହେଉଛି। ଯୋଡ଼ା ଖଣି ବିଭାଗ ଏହି ଅଣଦାବିଦାର ଲୁହାପଥରକୁ ଓଡ଼ିଶା ଖଣି ନିଗମକୁ ହସ୍ତାନ୍ତରକଲେ ରାଜ୍ୟ ସରକାର ଏହାର ନିଲାମ କରିପାରନ୍ତେ। ଲୁହାପଥର ସମେତ ମାଙ୍ଗାନିଜକୁ ବନାଞ୍ଚଳରୁ ଉତ୍ତୋଳନକରି ଯୋଡ଼ା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ ହେଉଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି, ଖଣି ନିର୍ଦ୍ଦେଶକ ସବୁ ଅଞ୍ଚଳ ଦେଖିବା ପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିତ୍ୟକ୍ତ କ୍ରଶର ହତାରେ ଥିବା ଲୁହାପଥର ଷ୍ଟକ୍ ବାଲାନ୍ସ କାଗଜପତ୍ର କ୍ରଶର ମାଲିକମାନେ ଦେଇପାରୁନାହାନ୍ତି। ବିଭିନ୍ନ ରେଳ ସାଇଡିଂ ନିକଟରେ ଥିବା ଜମା ଖଣିଜକୁ ରଖିଥିବା ଜମି ମାଲିକଙ୍କୁ ଖଣି ବିଭାଗ ପକ୍ଷରୁ ଜମି କିଏ ଭଡ଼ାସୂତ୍ରରେ ନେଇଥିଲା ଏବଂ ଖଣିଜ କାହାର, ସେ ନେଇ ଚିଠି କରାଯାଉଛି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ଉଦ୍ୟମ କରୁଛି। କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନ୍‌ରାଜ କହିଛନ୍ତି, ବନାଞ୍ଚଳରେ ଖଣିଜ ଚୋରିକୁ ପ୍ରତିହତ ପାଇଁ ୧୯୮୦ ପୂର୍ବରୁ ଖୋଳାଯାଇଥିବା ଖଣି ଏବଂ ଜଙ୍ଗଲ ଭିତରେ ପ୍ରତି ମାସ ରେଞ୍ଜ ଅଧିକାରୀ ପରିଦର୍ଶନକରି ରିପୋର୍ଟ ଦେବେ। ଚୋରା ଖଣିଜ ଖନନ ହେଉଥିବା ଅଞ୍ଚଳ ନିକଟବର୍ତ୍ତୀ ୫ କି.ମି. ପରିଧିରେ କାର୍ଯ୍ୟକ୍ଷମ ଖଣିଗୁଡ଼ିକ ଚୋରା କାରବାର ନେଇ ବନ ବିଭାଗକୁ ଗୁପ୍ତ ସୂଚନା ଦେବେ। ଏସିଏଫ୍, ରେଞ୍ଜ ଅଫିସର, ଫରେଷ୍ଟ ଅଫିସର, ଅଞ୍ଚଳର ଭୌଗୋଳିକ ବିଶାରଦଙ୍କୁ ନେଇ ଗଠିତ ଟିମ୍ ବନାଞ୍ଚଳରେ ନଜର ରଖିବ।







## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ବସ୍ତା, ୨୪।୭(ହରିଶଙ୍କର ପାଢ଼ୀ)

ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ବରୁଣଗଡ଼ିଆ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସେହି ଗ୍ରାମର ଶ୍ରୀକାନ୍ତ ସାମଲ ଗୁରୁବାର ସକାଳେ ବିଲକୁ ଧାନ ଚଷି ରୋଇବା ପାଇଁ ଯାଇଥିଲେ। ହେଲେ ଅପରାହ୍ନରେ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ଏହାରି ଭିତରେ ହଠାତ୍ ଘଡ଼ଘଡ଼ି ଆରମ୍ଭ ହେବା ଦେଖି ସେ ବିଲରୁ ଘରକୁ ଆସୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଉକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ଶ୍ରୀକାନ୍ତଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଇଙ୍ଗଳେଶ୍ୱର, ୨୪।୭(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅଧୀନ କଇଁନଗରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଏବଂ ମୂଲ୍ୟବାନ କାଗଜପତ୍ର ଚୋରି ହୋଇଯାଇଛି। ଗୁରୁବାର ସକାଳ ୯ଟା ୩୦ମିନିଟରେ କାର୍ଯ୍ୟାଳୟର ଏଡିଓ ଏବଂ ଜିଆରଏସ୍ ଅଫିସ୍ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ଅଫିସର ମୁଖ୍ୟଦ୍ୱାରର ତାଲା ଖୋଲି ଭିତରକୁ ପ୍ରବେଶ କରିବା ବେଳକୁ ପିଇଓ ରୁମର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଉପର ମିଟିଂ ହଲରେ ତାଲା ମଧ୍ୟ ଭଙ୍ଗାଯାଇଛି। ଚୋର ପଛ ପଟୁ ଉପର ମହଲାକୁ ତାଲା ଭାଙ୍ଗି ପ୍ରବେଶ କରି ଅଫିସ୍‌ରୁ ବିଭିନ୍ନ ପ୍ରକାର ମୂଲ୍ୟବାନ କାଗଜ ସହିତ ଇନଭର୍ଟର, ବ୍ୟାଟେରି ଓ ଏଲ୍‌ଇଡି ଆଦି ଲକ୍ଷାଧିକ ଟଙ୍କାର ବହୁ ମୂଲ୍ୟବାନ ଜିନିଷ ଚୋରି କରି ନେଇଛନ୍ତି। ସରପଞ୍ଚ ଏହି ଖବର ବିଡିଓ ମିହିର ରଞ୍ଜନ ବେହେରାଙ୍କୁ ଜଣାଇବା ସହ ସିଂଲା ଥାନାକୁ ମଧ୍ୟ ଜଣାଇଥିଲେ। ଘଟଣାସ୍ଥଳରେ ସିଂଲା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ନଦୀରେ ବୁଡ଼ି ଦିବ୍ୟାଙ୍ଗ ଯୁବତୀ ମୃତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମହାବଳା ଗାଁରେ ବୁଧବାର ନଦୀରେ ବୁଡ଼ି ଜଣେ ଦିବ୍ୟାଙ୍ଗ ଯୁବତୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ ମହାବଳା ଗାଁର ପ୍ରଦୀପ କୁମାର ସିଂହଙ୍କ ସାନ ଝିଅ ବିନୟା ସିଂ(୩୮)। ସେ ଜନ୍ମରୁ ବାତ ରୋଗରେ ପୀଡ଼ିତ ଥିଲେ। ଯୁବତୀ ଜଣକ ବୁଧବାର ସକାଳେ କାହାରିକୁ ନ ଜଣାଇ କୁଆଡେ ଚାଲିଯାଇଥିଲେ। ପରିବାରଲୋକେ ଖୋଜାଖୋଜି କରି ବାଡ଼ି ପଛପଟେ ବୋହି ଯାଇଥିବା ନଦୀ ଜଳରେ ଝିଅଟି ଭାସୁଥିବା ଦେଖି ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

# ଦୂର ହେବ ସହରର ଜଳ ନିଷ୍କାସନ ସମସ୍ୟା

ବାଲେଶ୍ୱର, ୨୪।୭(ବାଞ୍ଛାନିଧି ଦେ)

- ସରିଲା ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ
- ପୂର୍ଣ୍ଣାଙ୍ଗ ଡିପିଆର ପ୍ରସ୍ତୁତି ପରେ ଆରମ୍ଭ ହେବ ପ୍ରକଳ୍ପ କାର୍ଯ୍ୟ

ବାଲେଶ୍ୱର ସହରରେ ଉଦ୍ଭବ ବର୍ଷାଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ସହରରେ ମହାନାଳଗୁଡ଼ିକର ପୁନରୁଦ୍ଧାର ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁଙ୍କ ଉପସ୍ଥିତିରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଭାଗିରଥୀ ମହାନ୍ତି ଗୁରୁବାର ସହର ତଥା ସହର ଉପକଣ୍ଠରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ସମସ୍ୟା ସୃଷ୍ଟି କରୁଥିବା ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ।

ବିଧାୟକ ଦତ୍ତ ବାଲେଶ୍ୱର ପୌରାଞ୍ଚଳ ତଥା ଆଖପାଖ ଅଞ୍ଚଳ ଦେଇଯାଇଥିବା ମହାନାଳଗୁଡ଼ିକର ଅବସ୍ଥିତି ସମ୍ପର୍କରେ ମ୍ୟାପ୍ ଜରିଆରେ ବୁଝାଇଥିଲେ। ବିଭିନ୍ନ ସ୍ଥାନରେ ମହାନାଳ ଅବରୋଧ ହେବାକୁ ନେଇ ସର୍ଭେ ସମୟରେ ଉଦ୍‌ବେଗ ପ୍ରକାଶ ସହ ମହାନାଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ଅବରୋଧ ହଟାଯିବା ଉପରେ ମୁଖ୍ୟଯନ୍ତ୍ରୀ ମହାନ୍ତି ଗୁରୁତ୍ୱାରୋପ କରିଥିଲେ। ସେହିପରି ପୁନରୁଦ୍ଧାର ଯୋଜନାରେ ନାଳଗୁଡ଼ିକର ସମସ୍ତ କାର୍ଯ୍ୟ କଂକ୍ରିଟ ମାଧ୍ୟମରେ କରିବାକୁ ବିଧାୟକ ଦତ୍ତ ପ୍ରସ୍ତାବ ଦେଇଥିଲେ। ଏହି ସର୍ଭେ ସମୟରେ ଜଳସେଚନ, ଡ୍ରେନେଜ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ସହରର ଆଖପାଖ ଅଞ୍ଚଳ ଓ ସହର ମଧ୍ୟ ଦେଇ ଯାଇଥିବା ମୋଟ ୬ଟି ମହାନାଳର ସଂସ୍କାର ଯୋଜନା ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଡିପିଆର ପ୍ରସ୍ତୁତ ହେବା ସହିତ ରାଜ୍ୟ ସରକାରଙ୍କ ପାଖରୁ ଆବଶ୍ୟକ ଅନୁମୋଦନ ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଦତ୍ତ ସୂଚନା ଦେଇଛନ୍ତି। ମହାନାଳ ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରିତା ପରେ ଉଦ୍ଭବ ବର୍ଷାଜଳ ନିଷ୍କାସନକୁ ନେଇ ସହରବାସୀଙ୍କ ଦୀର୍ଘବର୍ଷର ସମସ୍ୟା ସମ୍ପୂର୍ଣ୍ଣ ନିରାକରଣ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପରିଷଦ ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, କାଉନସିଲର ସଦାଶିବ ସୁନ୍ଦର ଦାସ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତି ଓ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କ ସମେତ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଉପେନ୍ଦ୍ର ଶତପଥୀ, ସୀତାନାଥ ସ୍ୱାଇଁ, ଲୋକନାଥ ଭୂୟାଁ, ଧ୍ରୁବଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟଯନ୍ତ୍ରୀଙ୍କୁ ମ୍ୟାପ୍ ଦେଖାଉଛନ୍ତି ବିଧାୟକ।

## ବଣ୍ଟା ଯାଇପାରୁନି ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ୍ ଚାଉଳ

ବାଲିଆପାଳ, ୨୪।୭(ଗୋପାଳ ଚନ୍ଦ୍ର ସାହୁ)

**କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳିକୁ ନେଇ ଟଣାଓଟରା**

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳିକୁ ନେଇ ଟଣାଓଟରା ଲାଗି ରହିଛି। ବନ୍ୟାବିପନ୍ନଙ୍କୁ ସରକାର ୭ ଦିନର ରିଲିଫ ପ୍ରଦାନ କରିବା ପାଇଁ ମଞ୍ଜୁର କରି ବ୍ଲକକୁ ଚାଉଳ ପଠାଇବା ପରେ ବି ଆଜିପର୍ଯ୍ୟନ୍ତ ରିଲିଫ ଚାଉଳ ବଣ୍ଟାଯାଇପାରୁନାହିଁ।

ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ବନ୍ୟା ସମୟରେ ଅନ୍ତି ପଞ୍ଚାୟତର କିଛି ଗ୍ରାମରେ ଶୁଖିଲା ଖାଦ୍ୟ ବଣ୍ଟନ ହୋଇ ନ ପାରିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜିଲାପାଳ ଅନ୍ତି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)କରୁଣାକର ଜେନାଙ୍କୁ ଗତ ୧୭ ତାରିଖରେ ରିଲିଫ କାର୍ଯ୍ୟରେ ଅବହେଳା ପାଇଁ ରେମୁଣା ବ୍ଲକକୁ ବଦଳି କରି ରିଲିଫ କରିଥିଲେ। ଜିଲାପାଳଙ୍କ ବଦଳି ନିର୍ଦ୍ଦେଶକୁ ଅନ୍ତି ପଞ୍ଚାୟତର କେତେକ ରାଜନୈତିକ ଦଳର ନେତୃବୃନ୍ଦଙ୍କ ବିରୋଧ କରି ସମ୍ପୃକ୍ତ ପିଇଓ କରୁଣାକର ଜେନାଙ୍କୁ ପୁନଃ ଅନ୍ତି ପଞ୍ଚାୟତରେ କାର୍ଯ୍ୟ କରିବା ପାଇଁ ବିଡିଓଙ୍କୁ ଚାପିପତ୍ର ପ୍ରଦାନ କରିଛନ୍ତି। ଫଳରେ ଅନ୍ତି ପଞ୍ଚାୟତର ଅନ୍ତ୍ୟୋଦୟ ବିକାଶ ମୂଳକ କାର୍ଯ୍ୟ ସହିତ ବନ୍ୟା ପ୍ରପୀଡ଼ିତଙ୍କୁ ଆଜି ପର୍ଯ୍ୟନ୍ତ ରିଲିଫ ଚାଉଳ ବଣ୍ଟାଯାଇ ପାରୁ ନାହିଁ। ସୁବର୍ଣ୍ଣରେଖା ନଦୀରେ ଗତ ଜୁନ୍ ୨୦ ତାରିଖରୁ ମଙ୍ଗଳବାର ପୁଣି ଥରେ ବନ୍ୟା ଆସିବା ଫଳରେ ସମ୍ପୂର୍ଣ୍ଣ ଭାବରେ ଚାଷ ଉଜୁଡ଼ିଯିବା ସହିତ ଅଧିକାଂଶ ଲୋକମାନେ ସର୍ବସ୍ୱାନ୍ତ ହୋଇଛନ୍ତି। ଏଭଳି ପରିସ୍ଥିତିରେ ପିଇଓଙ୍କ ବଦଳି ପାଇଁ ପରେ ପଞ୍ଚାୟତବାସୀ ଛନ୍ଦି ହେଉଛନ୍ତି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜିଲାପାଳ ତୁରନ୍ତ ପଦକ୍ଷେପ ନେଇ କାର୍ଯ୍ୟ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଶ୍ରମିକଙ୍କ ସ୍ୱାର୍ଥ ପାଇଁ ବିଜେଡିର ଲଢ଼େଇ ଜାରି ରହିବ

ବାଲେଶ୍ୱର, ୨୪।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ବିର୍ଲା ଟାୟାର୍ସ ମିଲିତ ଶ୍ରମିକ ସଙ୍ଘଠନର ଆମ୍ଭହୁତି ଭଳି ପଦକ୍ଷେପ ଠିକ୍ ନୁହେଁ। ଶ୍ରମିକଙ୍କ ସ୍ୱାର୍ଥ ପାଇଁ ବିଜେଡିର ଲଢ଼େଇ ଜାରି ରହିବ। ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆସନ୍ତା ବିଧାନସଭାରେ ଆଲୋଚନା ହେବ। ଆସନ୍ତା ୩୧ତାରିଖରେ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ସାମୂହିକ ଆତ୍ମାହୁତି ଡାକରାକୁ ଶ୍ରମିକମାନେ ନିବୃତ୍ତ ରୁହନ୍ତୁ ବୋଲି ବାଲେଶ୍ୱର ଷ୍ଟେସନ ଛକ ନିକଟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲା ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ସୂଚନା ପ୍ରଦାନ କରି ସମସ୍ତ ଶ୍ରମିକଙ୍କ ସହ ବିଜେଡି ରହିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅଶ୍ୱିନୀ ପାତ୍ର, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସ୍ୱରୂପ ଦାସ ଓ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇ ଶ୍ରମିକଙ୍କ ଦାବି ପୂରଣ ଦିଗରେ ଜିଲ୍ଲା ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତରେ ତ୍ରିପାକ୍ଷିକ ଆଲୋଚନା ହୋଇ ସମସ୍ୟାର ସମାଧାନ କରାଯାଉ ବୋଲି ଦାବି କରିଥିଲେ। ଶ୍ରମିକଙ୍କ ହକ୍ ପାଇଁ ସମସ୍ତ ଟ୍ରେଡ୍ ୟୁନିଅନ୍ ଏକାଠି ହେବୁ। ଜିଲ୍ଲା ଓ ରାଜ୍ୟ ଶ୍ରମିକ ସମନ୍ୱୟ କମିଟି ସହ ଏ ସମ୍ପର୍କରେ ଆଲୋଚନା ହେବ। କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କ ନ୍ୟାୟ ଦାବି ପୂରଣ ନ କଲେ ବିର୍ଲା ଟାୟାର୍ସକୁ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯାଇଛି। ସମସ୍ୟାର ସମାଧାନ ନିମନ୍ତେ ଜିଲାପାଳଙ୍କୁ ଚିଠି କରାଯାଇଥିବା ସୂଚନା ଦେଇଥିଲେ।

ସୂଚନା ଯେ, ଶ୍ରମିକଙ୍କ ଦାବି ପୂରଣ କରୁ ନ ଥିବାରୁ ଆସନ୍ତା ୩୧ ତାରିଖରେ ପରିବାର ସହ ସାମୂହିକ ଆତ୍ମହୁତି ଦେବେ ବୋଲି ଗତ ୨୧ ତାରିଖରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

**ରହସ୍ୟ ଘେରରେ କଲ୍ପନା ମୃତ୍ୟୁ ଘଟଣା**

## ମିଳୁନି ନ୍ୟାୟ, ପରିବାର ଲୋକଙ୍କ ଧାରଣା ଚେତାବନୀ

ବାଲେଶ୍ୱର, ୨୪।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ନରହରିପୁର ଗ୍ରାମର କଲ୍ପନା ଦାସଙ୍କ ମୃତ୍ୟୁ ଘଟଣା ଏବେବି ରହସ୍ୟ ଘେରରେ ରହିଛି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ ପୋଲିସ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ୍ ବସିଛି। ସୂଚନା ଅନୁଯାୟୀ, ବାପା ଅର୍ଜୁନ ଦାସ ଓ ମା' ପ୍ରମିତା ଦାସଙ୍କର ଝିଅ କଳ୍ପନା ବିଏସ୍‌ସି ନର୍ସିଂ ସାରି କଟକ ମାଲଗୋଦାମ ଥାନା ଅଧୀନ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ହସ୍ପିଟାଲ ପକ୍ଷରୁ ଦିଆଯାଇଥିବା ଏକ ମେସ୍‌ରେ ସେ ସହକର୍ମୀଙ୍କ ସହ ରହୁଥିଲେ। ଗତ ମେ' ୩୦ ତାରିଖରେ କଳ୍ପନାଙ୍କ ଝୁଲନ୍ତା ମୃତଦେହ ମେସ୍‌ର ଗାଧୁଆ ଘର ଭିତରୁ ଜବତ ହୋଇଥିଲା। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ପରିବାର ଲୋକେ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ମେସ୍‌ରେ ରହୁଥିବା ସହକର୍ମୀମାନେ ପୂର୍ବରୁ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ପରିବାର ପକ୍ଷରୁ ହସ୍ପିଟାଲ କର୍ତ୍ତୃପକ୍ଷ ଓ ମାଲିକଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଘଟଣାକୁ ପାଖାପାଖି ୨ ମାସ ବିତିବାକୁ ବସିଲାଣି। ତୁରନ୍ତ ନ୍ୟାୟ ନ ମିଳିଲେ ପରିବାର ଲୋକେ ଥାନା ଓ ଆବଶ୍ୟକ ହେଲେ ବିଧାନସଭା ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଖରିଫରେ ପଞ୍ଜୀକରଣ କଟକଣାକୁ ନେଇ ଅସନ୍ତୋଷ



ବୋର୍ଡ ବୈଠକରେ ଉପସ୍ଥିତ ସଦସ୍ୟ।

ଖଇରା, ୨୪।୭(ଉତ୍କଳବନ୍ଧୁ ପଣ୍ଡା)

- କୁରୁଣ୍ଡା ସେବା ସମବାୟ ସମିତି ପରିଚାଳନା ବୋର୍ଡ ବୈଠକ
- ସରଳୀକରଣ କରା ନ ଗଲେ ଆନ୍ଦୋଳନ ଚେତାବନୀ

ଚଳିତବର୍ଷ ଧାନ ବିକ୍ରି ପାଇଁ ଅନଲାଇନ ପଞ୍ଜିକରଣରେ ସରକାର ଲଗାଇଥିବା କଟକଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁବାର ଏହି ପ୍ରସଙ୍ଗରେ ଆଲୋଚନା ପାଇଁ କୁରୁଣ୍ଡା ପରିଚାଳନା ବୋର୍ଡର ଏକ ବୈଠକ ମୁକୁନ୍ଦ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଜେନା ସରକାରଙ୍କ ତରଫରୁ ଦିଆଯାଇଥିବା ନୂଆ ନିୟମକୁ ଅବଗତ କରାଇଥିଲେ। ପରେ ବୋର୍ଡ ସଭ୍ୟମାନେ ନିଜର ପ୍ରତିବାଦ ଜଣାଇବା ସହ ଯଦି ତୁରନ୍ତ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସରଳୀକରଣ କରା ନ ଯାଏ ତେବେ ଏହି ସମବାୟ ସମିତି ଅଧୀନରେ ଥିବା ମାଖନପୁର, ଶ୍ୟାମସୁନ୍ଦରପୁର, ନନ୍ଦର ଓ କୁରୁଣ୍ଡା ପଞ୍ଚାୟତର ହଜାର ହଜାର ଚାଷୀଙ୍କ ସାଥିରେ ନେଇ ରାଜରାସ୍ତା ଅବରୋଧ କରିବାକୁ ସଭ୍ୟମାନେ ଚେତାବନୀ ଦେଇଥିଲେ।

## ସମବାୟ ସାକ୍ଷରତା ଅଭିଯାନ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବାଲିଆପାଳ, ୨୪।୭(ଗୋପାଳ ଚନ୍ଦ୍ର ସାହୁ)

ନାବାର୍ଡ ସହାୟତାରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବାଲିଆପାଳ ଶାଖା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ସମବାୟ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖାର ପରିଚାଳକ ଅରୁଣ କୁମାର ମାଇତି ସଭା ପରିଚାଳନା କରିଥିବା ବେଳେ ନାବାର୍ଡର ଡିଏମ୍ ତାପସ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ସମବାୟରେ ଅନ୍ତର୍ଭୁକ୍ତ ସମସ୍ତ ଯୋଜନା ବିଷୟରେ ଅବଗତ କରାଇବା ସହିତ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲିଆପାଳ ଶାଖା ଅଧୀନରେ ଥିବା ସମସ୍ତ ସମିତିର ସମ୍ପାଦକ, ସମିତି ପରିଚାଳନା ପରିଷଦର ସମସ୍ତ ସଦସ୍ୟାସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହିତ ବ୍ୟାଙ୍କ ଗ୍ରାହକମାନେ ଉପସ୍ଥିତ ଥିଲେ। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା କର୍ମଚାରୀ ସଞ୍ଜୟ କୁମାର ପାତ୍ର, ପ୍ରଣବ କୁମାର ସିଂହ, ଦେବସ କୁମାର ଦେ, ଗଣେଶ ଚନ୍ଦ୍ର ଦାସ, ରଖାଲ ଚନ୍ଦ୍ର ସାହୁ, ଅକ୍ଷୟ ନାରାୟଣ ମହାନ୍ତିଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଥିଲା।

## ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ସୋର, ୨୪।୭(ଜନ୍ମେଜୟ ମିଶ୍ର)

ଅଧିକ ଯୌତୁକ ଦାବିରେ ପାରିବାରିକ କଳହରୁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି। ଝିଅକୁ ମାରିଦିଆଯାଇଥିବା ନେଇ ବାପା ଅଭିଯୋଗ କରିଛନ୍ତି। ୨୦୨୦ରେ ସୋର ଥାନା ନଟାପଡା ଗ୍ରାମର ବସନ୍ତ ସେଠୀଙ୍କ ସହ ଭଦ୍ରକ ଜିଲ୍ଲା ଧାମନଗର ଥାନା ଗୁଡ଼ାକୁଟି ବିଦ୍ୟାଧରପୁର ଗ୍ରାମର ଗୌରାଙ୍ଗ ଦାସଙ୍କ ଝିଅ ଗୁରୁବାରୀ ଦାସଙ୍କର ବିବାହ ହୋଇଥିଲା। ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଗତ ୨୨ତାରିଖରେ ଗୁରୁବାରୀ ଶୋଇବା ଘର ଫ୍ୟାନରେ ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜ୍ୟୋତି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋର ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ କରୁଛି।

## ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବସ୍ତା, ୨୪।୭(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ସଦର ବ୍ଲକ ଅଧୀନ ସାର୍ଥା ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାର୍ଥା ପରିସରରେ ପ୍ରଥମ ବର୍ଷ କଳା ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ କଲେଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାରେ କଲେଜ ଅଧ୍ୟକ୍ଷ ମାନସ କୁମାର ମାଇତି ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ପ୍ରାକ୍ତନ ପ୍ରଧାନ ତରଣୀ ସେନ ଜେନା ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଜୟନ୍ତ ପାଣି ବିଦ୍ୟାର୍ଥୀମାନଙ୍କୁ ଅନୁଶାସିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଖାଡ଼େଶ୍ୱର ମଲ୍ଲିକ, ଭୁବନେଶ ସାହୁ, କାନ୍ଦୁଚରଣ ପ୍ରଧାନ, ସାର୍ଥା ସରପଞ୍ଚ ଧନେଶ୍ୱର ପାତ୍ର, ପରିଚାଳନା ସମିତିର ପ୍ରାକ୍ତନ ସଭାପତି ବଳରାମ ସାହୁ, ପ୍ରାକ୍ତନ ସମ୍ପାଦକ ବଟକୃଷ୍ଣ ମହାନ୍ତି, ପ୍ରାକ୍ତନ ସଦସ୍ୟ ଦୋଳଗୋବିନ୍ଦ ପାଣି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସଭାରେ ସାର୍ଥା ପୂର୍ବତନ ସରପଞ୍ଚ କମଳାକାନ୍ତ ମଲ୍ଲିକ, ପ୍ରଦୀପ ମହାନ୍ତି, ନିଶ୍ଚିନ୍ତ ବେହେରା ଯୋଗଦେଇଥିଲେ। ଅଧ୍ୟକ୍ଷ ମାନସ କୁମାର ମାଇତି ସରକାରଙ୍କ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ସମ୍ପର୍କରେ ଆଲୋକପାତ କରିଥିଲେ। ଇଂଲିଶ ଅଧ୍ୟାପକ ରମେଶ ଚନ୍ଦ୍ର ସେନାପତି ଧନ୍ୟବାଦ ଦେଇଥିଲେ।

## ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର ଫକୀର ମୋହନ କଲେଜ ଆଗରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।



ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।



ନୀଳଗିରି କଲେଜ ଫାଟକ ସମ୍ମୁଖରେ ଶୋକସଭା।

## ଡ. ମହତାବ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

ଖଇରା, ୨୪।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଡ. ହରେକୃଷ୍ଣ ମହତାବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨)ରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭା ପ୍ରାରମ୍ଭରେ +୨ କଳା, ବିଜ୍ଞାନ ଓ ବାଣିଜ୍ୟ ପ୍ରଥମ ବର୍ଷରେ ନାମ ଲେଖାଇଥିବା ପିଲାମାନଙ୍କୁ ସିନିୟରମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭାଷା ସାହିତ୍ୟ ଅଧ୍ୟାପକ ଗୋପୀନାଥ ପାତ୍ର ପ୍ରାରମ୍ଭିକ ସୂଚନା ଉପସ୍ଥାପନା କରିଥିବା ବେଳେ ରସାୟନ ବିଜ୍ଞାନ ପ୍ରାଧ୍ୟାପକ ସୁରେନ୍ଦ୍ରନାଥ ରାଉତ, ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଯୁଧିଷ୍ଠିର କୁଅଁର, ଇତିହାସ ବିଭାଗ ମୁଖ୍ୟ ଦୀପକ କୁମାର ଦାସ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ମାଳତୀଲତା ହାତୀ ପ୍ରମୁଖ ବକ୍ତବ୍ୟରେ ମହାବିଦ୍ୟାଳୟ ନିୟମକାନୁନ, ଶୃଙ୍ଖଳା, ପାଠ୍ୟଖସଡ଼ା, ଶିକ୍ଷାପଦ୍ଧତି, ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ରାଉତ ଛାତ୍ରୀଛାତ୍ରଙ୍କ ସୁରକ୍ଷା, ଶୈକ୍ଷିକ ପରିବେଶ ଉପରେ ଆଲୋଚନା ରଖିଥିଲେ। ପ୍ରାଧ୍ୟାପକ ଲିଙ୍ଗରାଜ କର, ଅଧ୍ୟାପିକା କବିତା କବବଡାୟାର, ଜ୍ୟୋତିଷ୍ମତ୍ର ନିବାସିନୀ ପଣ୍ଡା, ଜ୍ୟୋତ୍ସ୍ନା ଦାସ, ତପସ୍ୱିନୀ ବିଶ୍ୱାଳ, ରଶ୍ମିତା ବିଶ୍ୱାଳ ଓ ଡ. ଆଭାରାଣୀ ବଳ, ଅଧ୍ୟାପକ ଦତ୍ତାତ୍ରେୟ ଦାଶ, ଚିରଞ୍ଜୀବୀ ଦାସ, ଅଜୟ କୁମାର ସାହୁ, ଭକ୍ତବନ୍ଧୁ ସାହୁ, ଅଂଶୁମାନ ନାଏକ, କୃପାସିନ୍ଧୁ ମଲ୍ଲିକ, ପ୍ରଦୀପ କୁମାର ବାରିକ, ଦେବାଶିଷ ଗୋଛାୟତ, ବିଚିତ୍ର ଭୂଷଣ ନାୟକ, ପ୍ରଫୁଲ୍ଲ କୁମାର ଜେନା, ଗଣେଶ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।





ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

## ଚାଷ ଜମିକୁ ଯିବା ପାଇଁ ବାଧକ ସାଜିଛି ଶାଖା ନଦୀ

କାଳିପଦା, ୨୪।୭(ରାଜଶ୍ରୀ ପାଣିଗ୍ରାହୀ)

**ପୋଲ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ**

ବାଲିଆପାଳ ବ୍ଲକ କାଳିପଦା ବଜାରଠାରୁ କଳକପାଳ ମୁହାଣ ପର୍ଯ୍ୟନ୍ତ ଲିଙ୍କ ରାସ୍ତା। ରାସ୍ତାର ଗୋଟିଏ ପାର୍ଶ୍ୱରେ ରହିଛି ହେକ୍ଟର ହେକ୍ଟର ଚାଷଜମି। ଅନ୍ୟ ପାର୍ଶ୍ୱରେ ବହିଯାଉଛି ସୁବର୍ଣ୍ଣରେଖାର ଶାଖା ନଦୀ। ନଦୀ ପାର୍ଶ୍ୱକୁ ଲାଗି ରହିଛି ଡଗରା ଓ ପ୍ରତାପପୁର ପଞ୍ଚାୟତର ମାଣିକ ସିମୁଳିଆ, ଧମାଡ଼ପୁର, ସାରପଞ୍ଜା, ପାକମୁଣ୍ଡି, ଯୁଗଡ଼ିହା, ହଣ୍ଡକୁଳି, ଡଗରା, ଚଉପୁଖ, ସରାଙ୍ଗିପୁର, ଯୋଗୀ, ଆମ୍ବୁଆ, ସାତରୁହାଳିଆ ଆଦି ଗାଁ। ଶାଖା ନଦୀର ନିକଟସ୍ଥ ଦୁଇ ପଞ୍ଚାୟତର ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି। ମଣିଷ ଗୁହାଳ କି ଗାଈଗୋରୁ ଗଭୀର ପାଣିରେ ପହଁରି ଯିବାକୁ ପଡ଼େ। କ୍ଷେତକୁ ଯିବା ପାଇଁ ବାଧକ ସାଜିଛି ଶାଖା ନଦୀ। ସେତୁ ବନ୍ଧ ଯୋଜନାରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ବାଲିଆପାଳ ଗଦାଧର ସ୍ମୃତି ପରିଷଦର ଆବାହକ ବିକାଶ ଚନ୍ଦ୍ର ଗିରିଙ୍କୁ ଜଣାଇଥିଲେ। ଲୋକଙ୍କ ଦାବିକୁ ଗିରି ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ରବିନାରାୟଣ ନାୟକଙ୍କଠାରେ ଉପସ୍ଥାପନ କରିଥିଲେ। ତେବେ ମନ୍ତ୍ରୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସର୍ଭେ ଯନ୍ତ୍ରୀଙ୍କ ଚିଠି (ନଂ. ୧୭୫୧୫/୨୫) ଅନୁଯାୟୀ ସୋମବାର ଅପରାହ୍ନରେ ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଅବନୀ କୁମାର ରାଉତ, ସହକାରୀ ଯନ୍ତ୍ରୀ ଭବେନ୍ଦ୍ର ଟୁଡୁ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପୋଲ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଛି ଏବଂ ତାହା ସରକାରଙ୍କୁ ଯଥାଶୀଘ୍ର ଅବଗତ କରାଯିବ ବୋଲି ରାଉତ କହିଛନ୍ତି।

ପାଚିଲା ଶସ୍ୟ ହେଉ କି ଲଙ୍ଗଳ ପାଇଁ ପାୱାର ଟିଲର ବା ଅନ୍ୟ ଚାଷ ସାମଗ୍ରୀ ହେଉ ନେବା ଆଣିବା ପାଇଁ ଡଙ୍ଗା ଉପରେ ଆଣି ଅଧିକ ଖର୍ଚ୍ଚାନ୍ତ ଓ ହରକତ ହୋଇଥାନ୍ତି ଚାଷୀ। ଦିବାକର ପାତ୍ର, ଶ୍ରୀକାନ୍ତ ପାତ୍ର, ଜଗନ୍ନାଥ ପାତ୍ର, ଗଙ୍ଗାଧର ମାହାନା, ଦିବାକର ବେହେରା, କମଳାକାନ୍ତ ଦାସ, ସଞ୍ଜୟ ପାତ୍ର ପ୍ରମୁଖ ଗ୍ରାମବାସୀ ବିଭିନ୍ନ ସମୟରେ ଏହି ଶାଖା ନଦୀ ଉପରେ ଯୁଗଡ଼ିହାଠାରେ ଏକ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ହେଲେ ଏଯାଏ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି।



ସୁବର୍ଣ୍ଣରେଖାର ଶାଖା ନଦୀ।

# ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଗିରଫ, ୧୪୮ % ଆୟବହିର୍ଭୂତ ସମ୍ପତ୍ତି ଠାବ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକଙ୍କୁ ଗୁରୁବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଠାବ ହୋଇଥିବା ବିପୁଳ ସମ୍ପତ୍ତି ଜଗନ୍ନାଥଙ୍କ ପ୍ରକୃତ ଆୟ ଠାରୁ ୧୪୮ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୬/୨୦୨୫) ରୁଜୁ କରାଯାଇ ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ସମ୍ପତ୍ତି ଠୁଳ କରିବାରେ ପତ୍ନୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଅଭିଯୁକ୍ତ ଜଗନ୍ନାଥଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଜଗନ୍ନାଥ ବେଆଇନ ଭାବେ ନିଜ ଘରେ ହରିଣ ଶିଙ୍ଗ ରଖିଥିବାରୁ ବନ ବିଭାଗ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ରିପୋର୍ଟ


ଜଗନ୍ନାଥ ପଟ୍ଟନାୟକ

ଆଧାରରେ ଖୋର୍ଦ୍ଧା ବନ୍ୟଜୀବ ବନଖଣ୍ଡ ଅନ୍ତର୍ଗତ ବାଲିପାଟଣା ବନାଞ୍ଚଳ ପକ୍ଷରୁ

**ହରିଣ ଶିଙ୍ଗ ରଖିବା ଅଭିଯୋଗରେ ବାଲିପାଟଣା ବନାଞ୍ଚଳ ପକ୍ଷରୁ ମାମଲା**

ଜଗନ୍ନାଥଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଭୁବନେଶ୍ୱର ବଡ଼ଗଡ଼ରେ ଏକ ୩ ମହଲା କୋଠା ସହ ୩ଟି ବହୁମୂଲ୍ୟ ପ୍ଲଟ୍ ଥିବା ଜଣାପଡ଼ିଥିଲା। ଜଗନ୍ନାଥଙ୍କ ବାସଭବନରୁ ହଳେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ସେହିପରି ବାଲିଅନ୍ତା ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଥିବାବେଳେ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଥିଲା। ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦.୩୫ ଲକ୍ଷ ଓ ଘରୁ ୭ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ନଗଦ ଟଙ୍କା ଏବଂ ଗୋଟିଏ କାର୍ ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଥିଲା।

# ବାଘଛାଲ ଜବତ, ଦୁଇ ଚାଲାଣକାରୀ ଗିରଫ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

**ଭୁବନେଶ୍ୱରରେ ଏସ୍‌ଟିଏଫ୍ ଚଢ଼ାଉ**



କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ରୋଡରେ ଚଢ଼ାଉ କରି ଦୁଇଜଣ ବନ୍ୟଜନ୍ତୁ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ରାଜେଶ ନାୟକ ଓରଫ ରାଜା (୨୬) ଓ ଗଙ୍ଗାଧର ନାଏକ ଓରଫ ଅର୍ଜୁନ (୨୫)। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୧୬/୨୦୨୫) ରୁଜୁ ସହ ଅଧିକ ତଦନ୍ତ କରାଯାଉଛି। ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପରୀକ୍ଷା ପାଇଁ ଜବତ ବାଘଛାଲକୁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍(ଡବ୍ଲ୍ୟୁଆଇଆଇ)କୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତଦ୍ୱୟ ନିଜେ ବାଘ ଶିକାର କରିଥିଲେ ନା କାହାଠାରୁ ଆଣିଥିଲେ ସେନେଇ ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟ କିଛିଦିନ ହେଲା ବାଘଛାଲ ରଖିଥିବାବେଳେ ଏହାକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ସେମାନେ ବାଇକ୍‌ରେ ବାଘଛାଲ ନେଇ ଭୁବନେଶ୍ୱରକୁ ଆସୁଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ମାଡ଼ି ବସିଥିଲେ।

# ନକଲି ପାସ୍‌ରେ ଲୋକସେବା ଭବନକୁ ପ୍ରବେଶ

## ଅଭିଯୁକ୍ତ ଗିରଫ, ଚାକିରି ଠକେଇ ପାଇଁ ବିଛାଇଥିଲେ ଜାଲ

**ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)**

ନକଲି ପାସ୍ ଜରିଆରେ ଲୋକସେବା ଭବନକୁ ପ୍ରବେଶ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଣପୁର ଥାନା ବାଲୁଗାଁ ଅଞ୍ଚଳର ସନ୍ଦୀପ କୁମାର ପ୍ରଧାନ (୩୦)। ତାଙ୍କ ପାଖରୁ ଏକ ନକଲି ଆଇ କାର୍ଡ ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସନ୍ଦୀପ ଅପରାହ୍ନ ପ୍ରାୟ ୩.୪୨ବେଳେ ୬ ନଂ. ଗେଟ୍‌ରେ ସୁରକ୍ଷାକର୍ମୀଙ୍କୁ ନକଲି ପରିଚୟ ପତ୍ର ଦେଖାଇ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେଠାରେ ଡ୍ୟୁଟିରେ ଥିବା ଏସ୍‌ଆଇ ମନୋରଞ୍ଜନ ମହାନ୍ତି ଉକ୍ତ ଆଇକାର୍ଡ ଦେଖି ସନ୍ଦେହ କରିଥିଲେ। ସେ ସନ୍ଦୀପଙ୍କ ଆଇକାର୍ଡ ଯାଞ୍ଚ ସହ ଅଟକାଇ ଅଧିକ ପଚରାଉଚରା କରିଥିଲେ। ଏହାଦେଖି ସନ୍ଦୀପ ପରିଚୟ ପତ୍ର ଛାଡ଼ିଦେଇ ଏଜି ଛକ ଅଭିମୁଖେ ଦୌଡ଼ି ପଳାଇ ଯାଇଥିଲେ। ମନୋରଞ୍ଜନ ତାଙ୍କୁ ପିଛା କରି ଏଜି ଛକ ନିକଟରେ କାବୁ କରିଥିଲେ।


ସନ୍ଦୀପ କୁମାର ପ୍ରଧାନ

ଏନେଇ ଏତଲାକ୍ରମେ କ୍ୟାପିଟାଲ ଥାନା ମାମଲା (ନଂ.୩୬୦/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ସନ୍ଦୀପ ଚାକିରି ଠକେଇ ପାଇଁ ଜାଲ ବିଛାଇଥିଲେ ବୋଲି ଜଣାପଡ଼ିଛି। ସନ୍ଦୀପ ଏକ ଡିଟିପି ସେଣ୍ଟରରେ ଜାଲ୍ ପରିଚୟପତ୍ର ତିଆରି କରିଥିଲେ। ଅଧିକ ଟଙ୍କା ଦାବି କରି ଜଣେ ଯୁବକଙ୍କୁ ସରକାରୀ ଚାକିରି ଯୋଗାଇବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି। ସନ୍ଦୀପ ଉକ୍ତ ଜାଲ୍ ପରିଚୟପତ୍ର ବଳରେ ଗତ ଜୁନ୍ ମାସରେ ଲୋକସେବା ଭବନରେ ପ୍ରବେଶ କରିଥିବା ସ୍ୱୀକାର କରିଛନ୍ତି। ତେବେ ସନ୍ଦୀପ ଅନ୍ୟ କୌଣସି ଯୁବକଙ୍କଠାରୁ ଚାକିରି ଯୋଗାଇବା ପାଇଁ ଟଙ୍କା ଆଣିଛନ୍ତି କି ନାହିଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

**ଯୁବକଙ୍କ ଗଳା କାଟିବା ମାମଲା**

# ଜେଲ ଗଲେ ସମ୍ପର୍କୀୟା ଶାଳୀ

**କେନ୍ଦ୍ରାପଡ଼ା, ୨୪।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ସଦର ଥାନା ହଜାରୀ ଛକଠାରେ ରକ୍ତ ଜୁଡୁବୁଡୁ ଯୁବକଙ୍କୁ ମଙ୍ଗଳବାର ରାତିରେ ଉଦ୍ଧାର ମାମଲାରେ ଜିଲା ପୋଲିସ ଗୁରୁବାର ଅଭିଯୁକ୍ତା ସମ୍ପର୍କୀୟା ଶାଳୀଙ୍କୁ ଗିରଫ କରିଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଢ଼ାବତି ଗ୍ରାମର ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ନଂ.୩୪୩/୨୫ରେ ମାମଲା ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ ଲଗାଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଲକ୍ଷ୍ମୀପ୍ରିୟା ହେଉଛନ୍ତି ଗୁରୁତର ଥିବା ଯୁବକ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆଠେଙ୍ଗ ଗ୍ରାମର ସତ୍ୟଜିତ ଷଡଙ୍ଗୀଙ୍କ ସମ୍ପର୍କୀୟ ଶାଳୀ। ସତ୍ୟଜିତଙ୍କ ସ୍ତ୍ରୀ ମରିଯିବା ପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ତେବେ ଲକ୍ଷ୍ମୀପ୍ରିୟାଙ୍କ ଅନ୍ୟ ସହିତ ପ୍ରେମ ସମ୍ପର୍କ ରହିଥିବା ଜାଣିବା ପରେ ସତ୍ୟଜିତଙ୍କ ସହ ବିବାଦ ରହିଥିଲା। ସତ୍ୟଜିତ କେନ୍ଦ୍ରାପଡ଼ା ବୁଲିବାକୁ ମଙ୍ଗଳବାର ଆସିଥିବା ବେଳେ ଏକ ଧାରୁଆ ଅସ୍ତ୍ରରେ ଗଳା କାଟି ଲକ୍ଷ୍ମୀପ୍ରିୟା ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ପ୍ରାୟ ୯ଟାରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ ସମୟରେ ଏଏସ୍‌ଆଇ ଲୋଭାବତୀ ସାହୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରେ ସତ୍ୟଜିତଙ୍କୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସେ ଏବେ ସେଠାରେ ଚିକିତ୍ସିତ ହେଉଛନ୍ତି।

# ବ୍ୟବସାୟୀଙ୍କ ନିକଟରୁ ୨ ଲକ୍ଷ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**ଆଳି, ୨୪।୭(ବନମାଳୀ ସେନାପତି)**

ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମ ମଧ୍ୟରୁ ଖନ୍ଦୋଳ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ନିକଟରୁ ଗୁରୁବାର ୨ ଲକ୍ଷ ଟଙ୍କା ଦୁର୍ବୃତ୍ତ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ବ୍ୟବସାୟୀ ହେଲେ ଖନ୍ଦୋଳ ଗ୍ରାମର ପୀତାମ୍ବର ଦାସ। ପୀତାମ୍ବର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଷ୍ଟେଟ ବ୍ୟାଙ୍କ ଆଳି ଶାଖାରୁ ୨ ଲକ୍ଷ ଟଙ୍କା ଉଠାଇବା ପରେ ସାଇକେଲରେ ନିଆଳ ଗ୍ରାମ ଦେଇ ଖନ୍ଦୋଳ ଯାଉଥିଲେ। ଏହି ସମୟରେ ୨ ଯୁବକ ବାଇକ୍‌ରେ ଯାଇ ତାଙ୍କ ନିକଟରେ ପହଞ୍ଚି ମଉସା ତୁମ ଟଙ୍କା ପଡ଼ିଗଲା କହିବାରୁ ପୀତାମ୍ବର ସାଇକେଲ ବ୍ରେକ୍ ମାରି ସେଠାରେ ରହିଯାଇଥିଲେ। ପରେ ଦୁର୍ବୃତ୍ତ ଦ୍ୱୟ ପୀତାମ୍ବରଙ୍କ ଟଙ୍କା ବ୍ୟାଗ୍ ଛଡ଼ାଇନେଇ ପଳାଇଯାଇଥିଲେ। ଦୁର୍ବୃତ୍ତଦ୍ୱୟ ପୀତାମ୍ବରଙ୍କୁ ବ୍ୟାଙ୍କ ପରିସରରୁ ପିଛା କରୁଥିବା ପୋଲିସ ଅନୁମାନ କରୁଛି। ତେଣୁ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଦେଖିଲେ ଦୁର୍ବୃତ୍ତମାନଙ୍କ ଗତିବିଧି ସମ୍ପର୍କରେ ସୂଚନା ମିଳିବ ବୋଲି ଲୋକେ କହୁଛନ୍ତି। ବ୍ୟବସାୟୀ ପୀତାମ୍ବର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତନାଘନା ଆରମ୍ଭ କରିଛି।

# ଉଦୟପୁର ବେଳାଭୂମିରେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ଜବତ

**ଭୋଗରାଇ, ୨୪।୭(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ବେଳାଭୂମିରେ ଗୁରୁବାର ମଧ୍ୟାହ୍ନରେ ଜଣେ ପର୍ଯ୍ୟଟକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଳସାରୀ ମେରାଇନ ପୋଲିସ ମୃତଦେହ ଜବତ କରି ପରିଚୟ ଖୋଜୁଛି।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ମିନିଟ୍‌ରେ ଉଦୟପୁର ବେଳାଭୂମିରେ ମଦ୍ୟପାନ କରି କେତେକ ବଙ୍ଗୀୟ ପର୍ଯ୍ୟଟକ ଗାଧୋଉଥିଲେ। ୩ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକଙ୍କୁ ଚେତାଶୂନ୍ୟ ଅବସ୍ଥାରେ କାନ୍ଧରେ ପକାଇ ଅନ୍ୟ ପର୍ଯ୍ୟଟକମାନେ କୂଳକୁ ଆଣିଥିଲେ। ଚେତାଶୂନ୍ୟ ପର୍ଯ୍ୟଟକଜଣକ ସମୁଦ୍ରରେ ବୁଡ଼ି ପାଣି ପିଇଯାଇଥିବା କହି ଅନ୍ୟ ୩

**ମୃତଦେହ ଛାଡ଼ି ସମ୍ପର୍କୀୟ ଫେରାର**

ପର୍ଯ୍ୟଟକ ବ୍ୟାଟେରୀ ଚାଳିତ ରିକ୍ସା ଡାକିବା ଆଳରେ ଯାଇ ମୃତଦେହ ଛାଡ଼ି ପଳାଇ ଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଓ ବେଳାଭୂମିର ଅନ୍ୟ ପର୍ଯ୍ୟଟକ ଚେତାଶୂନ୍ୟ ଯୁବକଙ୍କୁ ଦେଖି ୧୧୨ନମ୍ବରକୁ କଲ କରି ସୂଚନା ଦେବା ପରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଚମ୍ପାବତୀ ସୋରେନ ଓ ସମସ୍ତ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପୋଲିସ ଦୀର୍ଘସମୟ ଧରି ତଦନ୍ତ ଜାରି ରଖିଥିଲେ ମଧ୍ୟ ମୃତ ଯୁବକଙ୍କ କୌଣସି ପରିଚୟ କିମ୍ବା ସମ୍ପର୍କୀୟଙ୍କ ଠିକଣା ପାଇପାରିନାହିଁ। ଫଳରେ ଅପରାହ୍ନରେ ପୋଲିସ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## Business

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଡିଜିଟାଲ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୭ (ଅଭୟ ଦାଶ)**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନୂତନ ଡିଜିଟାଲ ଦକ୍ଷତା କେନ୍ଦ୍ର ନିକଟରେ କେନ୍ଦୁଝରର ବଡ଼ବିଲଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଏହା କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ 'ଦକ୍ଷ' ଜରିଆରେ ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ କମ୍ପାନୀ ସ୍ଥାନୀୟ ଯୁବକମାନଙ୍କର ଡିଜିଟାଲ୍ ଜ୍ଞାନ ବୃଦ୍ଧି କରିବା ସହ ବୃତ୍ତିଗତ ତାଲିମ ମାଧ୍ୟମରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ନାସ୍‌କମ୍ ଫାଉଣ୍ଡେଶନ ସହଭାଗିତାରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ସେହିଭଳି ଏହି କେନ୍ଦ୍ରରେ ସ୍ଥାନୀୟ ଯୁବକମାନଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଏବଂ ଘରୋଇ ଆଇଟି ହେଲପଡେସ୍କ ଆଟେଣ୍ଡାଣ୍ଟ ଭଳି ବ୍ୟବସାୟ ପ୍ରକ୍ରିୟା ପରିଚାଳନା (ବିପିଏମ୍)



ଭୂମିକାରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଦକ୍ଷତା ଉପରେ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ସ୍ଥାନୀୟ ଯୁବତୀଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ବଡ଼ବିଲର ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁଙ୍କ ସମେତ ଠାକୁରାଣୀ ଲୌହଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା, ଠାକୁରାଣୀ ଖଣି କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ନାସ୍‌କମ୍ ଫାଉଣ୍ଡେଶନ ପ୍ରକଳ୍ପ ପ୍ରବନ୍ଧକ ତିଳକ ଦ୍ୱିବେଦୀ ଏବଂ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ବର୍ତ୍ତମାନର ନିଯୁକ୍ତି କ୍ଷେତ୍ରରେ ଅତ୍ୟାବଶ୍ୟକ ଡିଜିଟାଲ କୌଶଳ ସହ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ଦିଗରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଏହି ପଦକ୍ଷେପ ଖୁବ୍ ପ୍ରଶଂସନୀୟ। ଏହା ବଡ଼ବିଲ ଲୋକମାନଙ୍କ ପାଇଁ ଜୀବିକା ନିର୍ବାହର ନୂତନ ସୁଯୋଗ ଖୋଲିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ସହାୟକ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି, ପ୍ରକଳ୍ପ 'ଦକ୍ଷ' ମାଧ୍ୟମରେ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଅନ୍ତର୍ଭୁକ୍ତକାରୀ ଏବଂ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ବଡ଼ବିଲରେ ଡିଜିଟାଲ ଦକ୍ଷତା କେନ୍ଦ୍ର ସ୍ଥାନୀୟ ଗୋଷ୍ଠୀଙ୍କ ଉତ୍ଥାନ ଏବଂ ଡିଜିଟାଲ ଦକ୍ଷତା କ୍ଷେତ୍ରରେ ଥିବା ଅଭାବକୁ ଦୂରକରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଫାଉଣ୍ଡେଶନର ପ୍ରକଳ୍ପ ପ୍ରବନ୍ଧକ ତିଳକ ଦ୍ୱିବେଦୀ, ଶିଳ୍ପଜଗତର ଦକ୍ଷତା ଅଭାବକୁ ଦୂର କରିବା ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ଦିଗରେ ପଦକ୍ଷେପ ପାଇଁ ଏଏମ୍‌ଏନ୍‌ଏସ୍ କୁ ଧନ୍ୟବାଦ ଜଣାଇଥିଲେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପୂର୍ବରୁ ଓଡ଼ିଶାର କେନ୍ଦୁଝର, ପାରାଦୀପ ଏବଂ କେନ୍ଦ୍ରାପଡ଼ାର ଆଉ ୬୦୦ଯୁବକଙ୍କୁ ତାଲିମ ଦେବା ପାଇଁ ତିନୋଟି ଡିଜିଟାଲ୍ ଦକ୍ଷତା କେନ୍ଦ୍ର ଆରମ୍ଭ କରିସାରିଛି।

# ଜିପିଏଟି ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ସଫଳତା



**ଭୁବନେଶ୍ୱର,୨୪।୭**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ହାଇଟେକ୍ ଫାର୍ମାସି କଲେଜ ଭୁବନେଶ୍ୱରକୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ଗ୍ରାଜୁଏଟ୍ ଫାର୍ମାସି ଆପ୍ଟିଚ୍ୟୁଡ୍ ଟେଷ୍ଟ (ଜିପିଏଟି) ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ବିଦ୍ୟାର୍ଥୀ ସାଇ ସରସ୍ୱତୀ ଖୁଣ୍ଟିଆ, ରତୁପର୍ଣ୍ଣା ରାଉତ, ଅନନ୍ୟା କୁମାରୀ ସେଠୀ ପ୍ରମୁଖ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଏହି ସର୍ବଭାରତୀୟସ୍ତରୀୟ ଜିପିଏଟି ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ବିଦ୍ୟାର୍ଥୀ ଦମୟନ୍ତୀ ପାଏର, ଅର୍ପିତା ବାରିକ, ଜନ୍ମେଜୟ କାସ୍ତା, ରାଜଶ୍ରୀ କାସ୍ତା, ବିକାଶ ଗୁଡୁ, ରତୁପର୍ଣ୍ଣା ରାଉତ, ଅର୍ଘ୍ୟରୂପା ରାଉତ, ଭୂମିକା ସାହୁ, ଶାଶ୍ୱତୀ ମହାନ୍ତି, ସ୍ମୃତିରେଖା ଲେଙ୍କା, ସ୍ୱସ୍ତି ସାର ଏବଂ ସ୍ମାରକ ରଏଙ୍କ ସମେତ ୧୩ଜଣ ବିଦ୍ୟାର୍ଥୀ କ୍ରମାନ୍ୱୟରେ ୯୦% ନମ୍ବର ରଖି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ସେହିପରି ଜିପିଏଟିରେ ସଫଳତା ହାସଲ କରିଥିବା ସମସ୍ତ ବିଦ୍ୟାର୍ଥୀ ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପିକାଙ୍କର ଶ୍ରେୟ ବୋଲି କହିଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଅଧ୍ୟାପକଅଧ୍ୟାପିକା ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର କର, ଉପାଧ୍ୟକ୍ଷା ବବିତା ସାହୁ , ଅଧ୍ୟାପକ ଦେବାଶିଷ କରନ୍, ନମିତ ନାୟକ, ସୌମ୍ୟରଞ୍ଜନ ଘଡ଼େଇ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, ତମନ୍ନା ତୃଷ୍ଣା ସାହୁ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଜନସାଧାରଣଙ୍କ ପାଇଁ ସେମାନଙ୍କର ସ୍ୱାସ୍ଥ୍ୟସେବା ନିରନ୍ତର ଜାରି ରହୁ ବୋଲି ଆହ୍ୱାନ ଦେଇଥିଲେ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୦୦ କୋଟିରୁ ଅଧିକ ନିବେଶ

**ଭୁବନେଶ୍ୱର,୨୪।୭**

ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ରର ଚାହିଦା ଦ୍ରୁତଗତିରେ ବୃଦ୍ଧିପାଉଛି। ଗୁଣାତ୍ମକ ସେବା ଓ ସୁବିଧା ସାଙ୍ଗକୁ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ଆବଶ୍ୟକତା ପୂରଣକୁ ସବୁ ବର୍ଗର ଲୋକ ଅଧିକ ସମର୍ଥନ ଓ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନ୍ୟୁ ବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ୍ କେନ୍ଦ୍ରର ପ୍ରଥମ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ର ରାଞ୍ଚିଠାରେ ଆରମ୍ଭ କରିଛି। ଏପରିକି ନ୍ୟୁବର୍ଗ ଗ୍ରୁପ୍ ଆସନ୍ତା ୨-୩ ବର୍ଷ ମଧ୍ୟରେ ଝାଡ଼ଖଣ୍ଡରେ ନିଦାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୦୦କୋଟିରୁ ଅଧିକ ଟଙ୍କାର ନିବେଶ କରିବାକୁ ଯାଉଛି। ବର୍ତ୍ତମାନ ୩୦କୋଟି ଟଙ୍କାରେ କମ୍ପାନୀର ପ୍ରଥମ ଅତ୍ୟାଧୁନିକ ସମନ୍ୱିତ ନିଦାନ କେନ୍ଦ୍ରର ଶୁଭାରମ୍ଭ କରିଛି। ଏହି ଅବସରରେ ମହେନ୍ଦ୍ର ସିଂହ ଧୋନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁବର୍ଗ ଡାଇଗ୍ନୋଷ୍ଟିକର ଅଧ୍ୟକ୍ଷ ତଥା ଏମ୍‌ଡି ଡା. ଜି.ଏସ୍. କେ. ବେଲୁ, ସିଇଓ ତଥା ଏମଡି ସୁନିତା ବିହାନି ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରାଞ୍ଚିର ନ୍ୟୁବର୍ଗ ପଲ୍ସ ଡାଇଗ୍ନୋଷ୍ଟିକ ସେଣ୍ଟର ହର୍ମୁ କଲୋନିସ୍ଥିତ ମହେନ୍ଦ୍ର ସିଂହ ଧୋନୀଙ୍କର ପୁରୁଣା ବାସଭବନରେ ସ୍ଥାପନ କରାଯାଇଛି, ଯେଉଁଠି ସେ ଅତୀତରେ ପରିବାର ସହ ରହୁଥିଲେ। ଏହି କେନ୍ଦ୍ର ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ନିଦାନ ସୁବିଧା ପ୍ରଦାନ କରିଥାଏ। ଏପରିକି ନ୍ୟୁ ବର୍ଗ ଡାଇଗ୍ନୋଷ୍ଟିକ୍ସ କୋଲକାତାର ପଲ୍ସ ଗ୍ରୁପ୍ ସହଭାଗିତାରେ ପୂର୍ବ ଭାରତର ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବ ରାଜ୍ୟରେ ନିଜର ସ୍ଥିତି ମଜବୁତ କରିବା ପାଇଁ ଏଭଳି ମିଳିତ ପଦକ୍ଷେପ ନେଇଛି। ଏ ସମ୍ପର୍କରେ ଡା. ଜି.ଏସ୍.କେ. ବେଲୁ କହିଛନ୍ତି, ଆମେ ଏହି ସମନ୍ୱିତ ନିଦାନ କେନ୍ଦ୍ରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଝାଡ଼ଖଣ୍ଡବାସୀଙ୍କ ପାଇଁ ନିୟମିତ ପ୍ରତିଷେଧକମୂଳକ ପରୀକ୍ଷାଠାରୁ ଆରମ୍ଭକରି ଉନ୍ନତ ପାଥୋଲୋଜି ଏବଂ ରେଡିଓଲୋଜି ସେବା ସୁଲଭ ମୂଲ୍ୟରେ ପ୍ରଦାନ କରୁଛୁ।

# ଉଶୁ ବିଜେତାଙ୍କୁ ସମ୍ମାନିତକଲେ ରାଜ୍ୟପାଳ

**ଭୁବନେଶ୍ୱର,୨୪।୭**

ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ପ୍ରତିଷ୍ଠାନ ତଥା ଜିନ୍ଦଲ ଫାଉଣ୍ଡେଶନର ୨ ଜଣ ତାରକା କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ମାନିତ କରିଛନ୍ତି। ଭୁବନେଶ୍ୱରର ରାଜଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଜିନ୍ଦଲ ଫାଉଣ୍ଡେଶନ ଉଶୁ ତାଲିମ କାର୍ଯ୍ୟକ୍ରମର ୨ ଯୁବ ଖେଳାଳି ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ସମ୍ମାନିତ କରିଛନ୍ତି। ଏହି ଯୁବ ଖେଳାଳିମାନେ ସମ୍ପ୍ରତି ରୁଷଆର ମସ୍କୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଶୁ ଚାମ୍ପିୟନଶିପରେ ଭାରତକୁ ପ୍ରତିନିଧିତ୍ୱକରି ପୁରୁଷ ୪୮କିଲୋଗ୍ରାମ ଏବଂ ୫୨ କିଲୋଗ୍ରାମରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ରାଜକୁମାର ଏବଂ ପ୍ରେମ ବଡବିଲର ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲରେ ରହୁଛନ୍ତି। ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ସେମାନଙ୍କୁ ପ୍ରତିଦିନ କ୍ରୀଡା ପ୍ରଶିକ୍ଷଣ, ଖାଦ୍ୟ, ପୋଷାକ, ଶିକ୍ଷା,



ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ଯାହା ଜଣେ କ୍ରୀଡାବିତଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମରେ ପ୍ରତିଯୋଗିତା ପାଇଁ ଆବଶ୍ୟକ ରହିଥାଏ।

ରାଜ୍ୟପାଳଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଏହା ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଯୁବକମାନେ କେବଳ କ୍ରୀଡାରେ ଉତ୍କର୍ଷ ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ଯେ ଠିକ୍ ସମର୍ଥନ ମିଳିଲେ ସଫଳତା ସୁନିଶ୍ଚିତ ଏବଂ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବ। ସେମାନଙ୍କର ସଫଳତା ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି। ଭାରତର ଗ୍ରାମାଞ୍ଚଳରେ ଅସୀମ ସମ୍ଭାବନା ରହିଛି, ସଶକ୍ତ ହେବାକୁ ଅପେକ୍ଷା କରିଛି।

# ଭାରତୀୟ ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସେବା

**ଭୁବନେଶ୍ୱର,୨୪।୭**

ଭାରତର ଅଗ୍ରଣୀ ଅନ୍‌ଲାଇନ ଟ୍ରାଭେଲ କମ୍ପାନୀ ମେକ୍ ମାଇଁ ଟ୍ରିପ୍‌ର ବହୁ ପ୍ରତୀକ୍ଷିତ ସେବା 'ଟୁର୍‌ସ ଆଣ୍ଡ ଆଟ୍ରାକ୍ସନ ବୁକିଂ ପ୍ଲାଟ୍‌ଫର୍ମ'ର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ପ୍ଲାଟ୍‌ଫର୍ମ ଜରିଆରେ ଭାରତୀୟ ପର୍ଯ୍ୟଟକମାନେ ବିଶ୍ୱସ୍ତରୀୟ ସେବା ଓ ସୁବିଧା ସାଙ୍ଗକୁ ୧୩୦ ଦେଶର ୧୧୦୦ ସହରରେ ୨୦୦,୦୦୦ରୁ ଅଧିକ ବୁକିଂଯୋଗ୍ୟ କାର୍ଯ୍ୟକଳାପ ସୁବିଧା ପାଇପାରିବେ। ସେହିଭଳି ଏହି ପ୍ଲାଟ୍‌ଫର୍ମରେ ଭାରତୀୟ ଯାତ୍ରୀମାନେ ସହର ପଦଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନଠାରୁ ଆରମ୍ଭ କରି ଥିମ୍ ପାର୍କ ଏବଂ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟନ୍ତ ସମସ୍ତ ବିଶ୍ୱସ୍ତରୀୟ ଅଭିଜ୍ଞତା ଆବିଷ୍କାର ଏବଂ ବୁକ୍ କରିପାରିବେ। ଭାରତରୁ ବାହାରକୁ ଯାଉଥିବା ପର୍ଯ୍ୟଟକମାନେ ଯାତ୍ରା ବୁକିଂ କରିବା ସମୟରେ ପ୍ରାୟତଃ ବିକ୍ଷିପ୍ତ ସୂଚନା, ବିଦେଶୀ ମୁଦ୍ରା ମୂଲ୍ୟ ଏବଂ ଅସଂଯୁକ୍ତ ଯୋଜନା ସହ ସଂଘର୍ଷ କରନ୍ତି। ସେହିଭଳି ମେକ ମାଇଁ ଟ୍ରିପ୍ ସବୁକିଛିକୁ ଗୋଟିଏ ସୁଗମ ଇଣ୍ଟରଫେସ୍‌ରେ ଏକାଠିକରି ଏହି ସମସ୍ୟା ଦୂର କରିବା ଏବଂ ବିଶ୍ୱ ଅଭିଜ୍ଞତା ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ମେକ୍ ମାଇଁ ଟ୍ରିପ୍‌ର ସହ-ପ୍ରତିଷ୍ଠାତା ଏବଂ ଗ୍ରୁପ ସିଇଓ ରାଜେଶ ମାଗୋ କହିଛନ୍ତି, ଆମର ପ୍ରୟାସ ହେଉଛି ବିମାନ, ହୋଟେଲ ଏବଂ ସ୍ଥଳ ପରିବହନ ବୁକିଂ ପରି ଆବିଷ୍କାର ଏବଂ ବୁକିଂ ଅଭିଜ୍ଞତାକୁ ସରଳ, ସୁବିଧାଜନକ ଏବଂ ବ୍ୟକ୍ତିଗତ କରିବା।

# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

## ୧୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



କପ୍ତାପିପଲ ନାଳ ଉପରେ ଥିବା ପୋଲ ଭାଙ୍ଗିଯାଇଛି।

ନୂଆପଡ଼ା,୨୪।୭ (ମକାରୁ ବେମାଲ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନୂଆପଡ଼ା ଜିଲା କୋମନା ବ୍ଲକର ଏକ ନାଳ ଉପରେ ଥିବା ପୋଲ ଭାଙ୍ଗିଯାଇଛି। ଫଳରେ ଆଖପାଖର ୧୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସୂଚନା ଅନୁଯାୟୀ କୋମନା ବ୍ଲକର ସୁନାବେଡାରୁ ଗାତବେଡାକୁ ସଂଯୋଗ କରୁଥିବା ରାସ୍ତାରେ କପ୍ତାପିପଲ (ତେତେଲଖୁଣ୍ଟି) ନାଳ ବହିଯାଇଛି। ବୁଧବାର ରାତିରେ ଲଗାଣ ବର୍ଷା ଯୋଗୁ ପାହାଡରୁ ପାଣି ଖସି ନାଳ ଉଛୁଳି ଉଠିଥିଲା। ଏପରି କି ନାଳ ଉପରେ ଥିବା ପୋଲରେ ୩ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଜଳ ସ୍ରୋତରେ ଉଭୟ ପାର୍ଶ୍ୱ ଧୋଇଯାଇ ବହୁ ପୁରାତନ ପୋଲ ଭାଙ୍ଗିଯାଇଥିଲା। ଫଳରେ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ଗାତିବେଡା, ଢେକୁନପାଢଣି, ସାଲେପଡା, କୋନ୍ଦାଧୁଆ, କୋଟରାବେଡା, ଦେଓସିଲ, ଗୁରୁପାଣି, ଛିନମୁଣ୍ଡି, ଦୋହେଲପଡା ଆଦି ଗାଁଗୁଡିକ ବିଚ୍ଛିନ୍ନ ହୋଇଯାଇଛି। ଏଥିଯୋଗୁ ନାଳ ପାରି ହୋଇ ନ ପାରି ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ସ୍କୁଲ, କଲେଜ ଯାଇ ନ ପାରିବାରୁ ଛାତ୍ରୀଛାତ୍ରଙ୍କ ପାଠପଢା ବନ୍ଦ ହୋଇଯାଇଛି। ସେହିପରି ଚେରେଚୁଆଁ-ଜାମଗାଁ ଘାଟିରେ ବଡ ବଡ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡି ଯାଇଥିବାରୁ ସୁନାବେଡାକୁ ଯାତାୟାତ ଠପ ହୋଇଯାଇଛି। ଅତ୍ୟଧିକ ବର୍ଷା ଯୋଗୁ ଗୋଡା ପାହାଡରୁ ବଡ ବଡ ପଥର ଖଣ୍ଡ ଖସି ଆସିଥିବା ବେଳେ ପାଣିରେ ଧୋଇ ହୋଇ ରାସ୍ତା ଖାଲଖମା ହୋଇଯାଇଛି। ଫଳରେ ବସ୍ ଓ ଅନ୍ୟ ଗାଡିମୋଟର ଯିବା ସମ୍ଭବ ହେଉନାହିଁ। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପୋଲ ମରାମତି ସହ ରାସ୍ତାରେ ପଡିଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ସୁନାବେଡା ଅଞ୍ଚଳବାସୀ ଦାବି କରିଛନ୍ତି।

# ଭୋଟ ହେଲା, କିନ୍ତୁ ଗଣତି ହେଲା ନାହିଁ

ଗୁଡାରି,୨୪।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଗୁରୁବାର ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଗୁଡାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବଳୟରେ ମତଦାନ ହୋଇଥିଲା। ବ୍ଲକ୍‌ର ୯ଟି ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ମୋଟ ୧୮ ଜଣ ସମିତିସଭ୍ୟଙ୍କ ମଧ୍ୟରୁ ୧୬ ଜଣ ଭୋଟଦାନରେ ଭାଗ ନେଇଥିଲେ। ତେବେ ଅନାସ୍ଥା ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ଗଣତି ହୋଇନାହିଁ କି ଫଳାଫଳ ଘୋଷଣା କରାଯାଇନାହିଁ। ଫଳରେ କେତେ ଭୋଟ ଅନାସ୍ଥା ସପକ୍ଷରେ ଓ ବିପକ୍ଷରେ ଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ହାଇକୋର୍ଟଙ୍କ ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଫଳାଫଳ ଘୋଷଣା କରାଯାଇପାରିବନାହିଁ ବୋଲି ସ୍ଥାନୀୟ ତହସିଲଦାର ତଥା ରିଟର୍ନିଂ ଅଫିସର ଏ. ସ୍ନେହଲତା ସୂଚନା ଦେଇଛନ୍ତି। ଗୁଡ଼ାରି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ



କଡ଼ା ସୁରକ୍ଷା ବଳୟରେ ବାଲଟ ବକ୍ସ ଗୁଣପୁର ନିଆଯାଉଛି।

## ଗୁଡ଼ାରି ବ୍ଲକ୍ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା

କୁମାର ପାଢ଼ୀ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବାବୁଲି ନାୟକ ଏବଂ ଗୁଡ଼ାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମତଦାନ କେନ୍ଦ୍ରରେ ପୋଲିସ ମୁତୟନ ହୋଇଥିଲେ। କଡ଼ା ସୁରକ୍ଷା ବଳୟରେ ବାଲଟ ବକ୍ସ ଗୁଣପୁର ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, କଂଗ୍ରେସ ସମର୍ଥିତ ଗୁଡାରି ବ୍ଲକ୍ ଅଧକ୍ଷା ଶବରଙ୍କ ମନମୁଖି କାର୍ଯ୍ୟକଳାପକୁ ବିରୋଧକରି ଗତ ଜୁନ୍ ୧୮ରେ ବ୍ଲକ୍‌ର ୧୪ ଜଣ ସରପଞ୍ଚ ଓ ସମିତି ସଭ୍ୟ ତାଙ୍କ ବିରୋଧରେ ଅନାସ୍ଥା ଆଗତ କରିବା ପାଇଁ ଗୁଣପୁର ଉପଜିଲାପାଳଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ଉପଜିଲାପାଳ ସମସ୍ତ ଦସ୍ତଖତ ଯାଞ୍ଚକରି ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଅନାସ୍ଥା ଭୋଟ ପାଇଁ ନୋଟିସ୍ ମିଳି ନ ଥିବା ଦର୍ଶାଇ ନିର୍ବାଚନକୁ ସ୍ଥଗିତ ରଖିବାକୁ ଅଧକ୍ଷା ଶବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣିକରି ୨୪ରେ ଭୋଟ ଗ୍ରହଣ ହେବ, କିନ୍ତୁ କୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଯାଏଁ ଫଳାଫଳ ଘୋଷଣା ହେବନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଅନାସ୍ଥାରେ ନିଶ୍ଚିତ ଭାବେ ଅଧକ୍ଷାଙ୍କ ପଦବୀ ଯିବ ବୋଲି ଦୃଢ଼ତାର ସହ ଭୋଟ ଦେଇଥିବା ସରପଞ୍ଚ ଓ ସମିତି ସଭ୍ୟମାନେ କହିଛନ୍ତି। ଭୋଟ ଗ୍ରହଣ ପରେ ଅଧକ୍ଷାଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇ ରହିଛି।

# ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀ ନିଖୋଜ

## ଅପହରଣ ସନ୍ଦେହ

ନୀଳଗିରି, ୨୪।୭ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଉଁରିଆଁବାଡ଼ ପଞ୍ଚାୟତ ବଣଭୂଇଁ ଏସ୍ଏସ୍‌ଡି ସରକାରୀ ସେବାଶ୍ରମ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି। ଉକ୍ତ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଗତ ୨୧ ତାରିଖ ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ସମୟରେ ବିଦ୍ୟାଳୟର ରୋଷେୟା ତଥା ଜଗୁଆଳି ପ୍ରତିମା ମଲ୍ଲିକ ଏବଂ ଛାତ୍ରୀଙ୍କ ମା' ମେଡିକାଲ ବେଡ୍‌ରେ ଜଗି ରହିଥିଲେ। ମାତ୍ର ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଛାତ୍ରୀଜଣକ ଶୌଚ ଯାଇଥିବା ବେଳେ କୁଆଡେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ପରେ ଜଗୁଆଳି ଏବଂ ଛାତ୍ରୀଙ୍କ ମା' ମିଶି ମେଡିକାଲ ପରିସରରେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଝିଅର ସନ୍ଧାନ ପାଇ ନ ଥିଲେ। ନିରୁପାୟ ହୋଇ ଶେଷରେ ଜଗୁଆଳି ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ମେଡିକାଲରେ ପହଞ୍ଚି ଘଟଣାକୁ ଅନୁଧ୍ୟାନ କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କ ନିଖୋଜ ଘଟଣା ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରିଣୀଙ୍କୁ ଜଣାଇ ନ ଥିଲେ ବୋଲି ଜିଲା ମଙ୍ଗଳ ଅଧିକାରିଣୀ କହିଛନ୍ତି। ଅପରପକ୍ଷରେ ଗଣମାଧ୍ୟମକୁ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କ ନିଖୋଜ ପଛରେ ତଥ୍ୟ ସଂଗ୍ରହ କଲା ପରେ ଗୁରୁବାର ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଜଣାଇଥିବା କହିଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନା ପକ୍ଷରୁ ଏକ ମାମଲା(ନଂ. ୨୯୨/୨୫) ରୁଜୁ ହୋଇଛି।

# ୬୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବସ୍ତର ଡିଭିଜନର ୫ ମାଓବାଦୀ ପ୍ରଭାବିତ ଜିଲାରେ ୬୬ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ପୁରସ୍କୃତ ଓ ହାର୍ଡକୋରମାନେ ରହିଛନ୍ତି। ଯାହାଙ୍କ ଉପରେ ୨ କୋଟି ୨୭ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ବିଜାପୁର ଜିଲାରୁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ରମାନ୍ନା ଇର୍ପା ଓରଫ ଜଗଦୀଶ ଓରଫ ବିକେଶ ରହିଛନ୍ତି । ତାଙ୍କ ଉପରେ ୨୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଥିଲା। ଏଥିସହ ବିଜାପୁର ଜିଲାରେ ସର୍ବାଧିକ ୧ କୋଟି ୧୫ ଲକ୍ଷର ପୁରସ୍କାର ଘୋଷିତ ୨୫ ଜଣ ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡା ଜିଲାରେ ୧୫, କାଙ୍କେରରେ ୧୩, ନାରାୟଣପୁରରେ ୮ ଓ ସୁକ୍‌ମା ଜିଲାରେ ୫ ଜଣଙ୍କ ସମେତ ମୋଟ ୬୬ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତକୁ ଫେରିବା ଏବଂ ସମ୍ମାନର ସହ ଜୀବନଯାପନ ନିମନ୍ତେ ନିଷ୍ପତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।



ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

# ଜିଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ

## ଶିଶୁଙ୍କ ସୁରକ୍ଷା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର,୨୪।୭ (ସୁନିତ୍ ମିଶ୍ର)

ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ ତଥା ସମୀକ୍ଷା କମିଟି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାରେ ରହିଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା, କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୂଚନା ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ଏବଂ ସମର୍ଥନ ଉପରେ ବିଶେଷ ଆଲୋଚନା ହୋଇଛି। ମୁଖ୍ୟ ଶାସନ ସଚିବ ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସହ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଗୃହ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆଦି ସମ୍ପୃକ୍ତ ବିଭାଗ ଏ ଦିଗରେ ସମ୍ମିଳିତ ପ୍ରୟାସ ଏବଂ ସହଯୋଗକରି ଶିଶୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବାକୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ଶିଶୁ ସୁରକ୍ଷା ଭଳି ପ୍ରସଙ୍ଗରେ ଜିଲାସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ଅନୁଷ୍ଠାନଗୁଡିକ ଅଧିକ ତତ୍ପରତା ଓ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ କହିଛନ୍ତି। କେନ୍ଦ୍ରସ୍ତରୀୟ ମିଶନ ବାତ୍ସଲ୍ୟ ଅନୁମୋଦନ ପରିଷଦ ଓ ମିଶନ ବାତ୍ସଲ୍ୟ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ ୟୁନିଟ୍, ରାଜ୍ୟ ସ୍ତରରେ ରାଜ୍ୟ ଶିଶୁ ସୁରକ୍ଷା ସମିତି, ରାଜ୍ୟ ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା(ସାରା), ସେବା ପ୍ରଦାନ କ୍ଷେତ୍ରରେ ରାଜ୍ୟସ୍ତରୀୟ ତଦାରଖ କମିଟି, ରାଜ୍ୟ, ଜିଲା ଏବଂ ଗ୍ରାମ ଓ ପଞ୍ଚାୟତ ସ୍ତରରେ ତ୍ରିସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଆଦି କାର୍ଯ୍ୟ କରୁଛି। ରାଜ୍ୟର ୩୦ଟି ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ), ୩୧ଟି ଶିଶୁ କଲ୍ୟାଣ କମିଟି(ସିଡବ୍ଲ୍ୟୁସି), ୩୪ଟି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ୩୬ଟି ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ୍ ୟୁନିଟ୍ , ୨୨୦ଟି ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ) କାର୍ଯ୍ୟ କରୁଛି। ପ୍ରତ୍ୟେକ ବର୍ଷ ପୁଅ ଅପେକ୍ଷା ଝିଅ ପୋଷ୍ୟ ସନ୍ତାନ ସଂଖ୍ୟା ବଢୁଛି। ୧୬୦ଟି ଶିଶୁ ଗୃହ, ୩୩ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ୧୨ଟି ମୁକ୍ତ ଆଶ୍ରୟ ଗୃହ, ୭ଟି ପର୍ଯ୍ୟବେକ୍ଷଣ ଗୃହ ଓ ୭ଟି ସ୍ୱତନ୍ତ୍ର ଗୃହ ବ୍ୟବସ୍ଥା ରହିଛି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, KEONJHAR (R&B) CIRCLE, KEONJHAR
No.3447/Date.22.07.2025
INVITATIONS FOR BIDS (IFB)

No.B-338 — 1st Corrigendum to Bid Identification No. CCEKC - 05/2025-26

The following changes are made to the works invited vide Bid Identification No CCEKC - 05/2025-26 vide Letter No. 3170 dt. 08.07.2025.
1. The bid documents in the website www.tendersodisha.gov.in will be available in the website from 11.00 Hours of 17.07.2025 to 16.00 Hours of 06.08.2025 for online bidding. 2. Bids shall be received only on "online" on or before 16.00 Hours of 06.08.2025. 3. Bids received "on-line" shall be opened at 11.30 Hours on 07.08.2025 in the office of the Chief Construction Engineer, Keonjhar (R&B) Circle, Keonjhar. 4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

| Sl. No. | Name of the Work | Sub Head | Sl. No. | Uploaded Specification | Modified Specification Now uploaded |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Transit House for Judicial Officers at Rourkela Station, Rourkela in the district of Sundargarh | Percentage BOQ | BOQ item No. | Bid Identification No CCEKC - 05/2025-26 | Bid Identification No CCEKC-05/2025-26 |
| | | | 7 | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel/HYSD bars for all heights) complete as per specification & direction of Engineer-in-charge. **Ground Floor** **Qty - 214.09, Unit - Qntl., Rate 8768.42, Amount - 1877231.04** | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel/HYSD bars for all heights) complete as per specification & direction of Engineer-in-charge. **Ground Floor** **Qty - 220.09, Unit - Qntl. Rate 8768.42 Amount -1929841.56** |
| | | | 89 | Supply of AC with Indoor and Outdoor unit. Qty-1, Unit-Nos, Rate-52710.00, Amount-52710.00 | Supply of AC with Indoor and Outdoor unit |

All other terms & conditions remained unchanged.
OIPR-34033/11/0083/2526 — Sd./- Chief Construction Engineer, Keonjhar (R&B) Circle, Keonjhar



OFFICE OF THE NOTIFIED AREA COUNCIL, KUCHINDA
COMPETITIVE BIDDING THROUGH e-Procurement
NOTICE INVITING TENDER
No.1861/NAC, Date : 21.07.2025
Bid Reference No. KCDA/NAC-2/2025-26

**No.C-733** : On behalf of the Kuchinda NAC, on-line e-tender **Rate Bids** under **two Bids system i.e. Technical Bid & Financial Bid** from intending experienced, financial sound registered & authorized Manpower Service Provider Agency/Firms/ Trust/NGOs having similarnature of work experience of at least **Ten (10) years (count of experience i.e valid PAN Card and Registration Certificate)** for outsourcing the service of manpower to Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting from Kuchinda NAC area on the terms & conditions mentioned in the tender document. Further details can also be seen from the Website i.e. https://tendersodisha.gov.in. In case of any addendum / corrigendum/ cancellation/ clarification/ extension regarding this tender, the same will be published in the above-mentioned official websites only.

1. Total No. of works for which Tenders invited: **01 No.**
2. Place of Execution: Kuchinda NAC
3. Estimated Cost of Individual Work:
4. Eligible Class of Contractors: Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Ten years and fulfilling the other criteria as given in the D.T.C.N.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **11.00 A.M** on **Dt. 24.07.2025** to 5.30 P.M on **07.08.2025** for online bidding.
7. Bids received online will be opened at 11.00 A .M on **08.08.2025.**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for 01 No. of works shall be available in the e-procurement portal www.tendersodisha.gov.in for on-line bidding.

Sd./- Executive Officer
Notified Area Council, Kuchinda
OIPR-13121/11/0015/2526



GOVERNMENT OF ODISHA — No.A-422
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION
At/P.O. - Kamakhyanagar, Dist. : Dhenkal, Odisha, PIN-759018
Ph. no. : 06769-270771, Email ID - eerlbcdivision@gmail.com
e-PROCUREMENT NOTICE No.RLBCD-P1-01/2025-26

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | **02 (Two) Nos of work** |
| 3 | Estimated Cost | **Varies From Rs. 38.70 Lakhs to Rs. 38.63 Lakhs** |
| 4 | Period of Completion | **60 Days** |
| 5 | Class of Contractor | **"C" & "B"** or equivalent grade/class |
| 6 | Cost of Bid Document / Mode of Payment | **Rs. 6,000/-** (Non-Refundable) / Online through Electronic Payment Mode (Internet Banking/ NEFT/ RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 38,700/- to Rs.38,630/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding | **25.07.2025 from 10.00 Hours to 04.08.2025 up to 17.00 Hours.** |
| | (iii) Date, time & venue of Bid Opening (Online) | **On Dt.05.08.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On Dt.13.08.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Sd./- Superintending Engineer
R.L.B. Canal Division
Kamakhyanagar
OIPR-32298/11/0029/2526



OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
ଓଡ଼ିଶା ସରକାର
POWER HOUSE SQUARE, UNIT-V, BHUBANESWAR
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in

**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**
Advt. No.Tech-EC-1188/ 4427 / Date 22nd July 2025.

**No.AA-22** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 07.08.2025, 05:00 PM.
For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.
**"Go Electric Go Green"**

Sd./-
EIC(E)-cum-PCEI & SDA (0)
OIPR-04066/11/0027/2526



GOVT. OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY : KARANJIA
DIST. - MAYURBHANJ
E-Procurement Notice
BID IDENTIFICATION NO. - 03/2025-26
e-mail : itdakja@nic.in / itdakaranjia@gmail.com
No.1250 — Dtd.21.07.2025

**No.CAD-1212** : Bid Documents consisting of Work, Estimated Costs, cost of Tender Papers, EMD, Time of completion, Class of Contractors and the set of terms and conditions of contract and other necessary documents can be seen/downloaded from Govt. website i.e. www.tendersorissa.gov.in

1. No. of works : 10 (Ten) Nos.
2. Estimated cost : Varies from 20.00 Lakh to 150.00 Lakh
3. Period of completion : Varies from 3 calendar months to 9 calendar months
4. Date & Time of availability of the Bid documents : From 10 A.M. of 25th July 2025 to 12th August 2025 upto 5 P.M.
5. Last date & time of receipt of bids in the portal : Dt.12th Day of August 2025 upto 5 P.M.
6. Last date & time of receipt of Bids through Tender Box : Dt.14th Day of August 2025 upto 11 A.M.
7. Bids received through Tender Box shall be opened on : Dt.14th Day of August, 2025-11.30 A.M. onwards
8. Name and address of the Officer inviting Bids : **Project Administrator, ITDA, Karanjia**

Further details can be seen / downloaded from the procurement portal i.e. www.tendersorissa.gov.in

Sd./- Project Administrator
I.T.D.A, Karanjia
OIPR-19007/11/0010/2526



No.A-430
ଜଳ ସମ୍ପଦ ବିଭାଗ
ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-04/2025-26
୧.କାର୍ଯ୍ୟର ନାମ: ମୋଟ ୦୪ (ଚାରି) ଗୋଟି ଜଳନିକାସ କାର୍ଯ୍ୟ ।
୨.ଅଟକଳ ମୂଲ୍ୟ: ୧୫୬.୦୮ ଲକ୍ଷ ଟଙ୍କାରୁ ୪୨୪.୬୧ ଲକ୍ଷ ଟଙ୍କା ଯାଏଁ ।
୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୧ (ଏଗାର) ମାସରୁ ୧୮ (ଅଠର) ମାସ ।
୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୨୫.୦୭.୨୦୨୫ ର ୧୧.୦୦ ଘଣ୍ଟାରୁ ତା.୦୮.୦୮.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୦୮.୦୮.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା:ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./-ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ
OIPR-32174/11/0032/2526


See Career Appointment on every Wednesday & Saturday


PANCHAYAT SAMITI OFFICE : PUINTALA
E-mail ID : ori-puintala@nic.in
No.:02/PSPUINTALA/2025-26/1810 — Date : 22.07.2025
NOTICE

**No.i-237** : The Block Development Officer, Puintala on behalf of Governor of Odisha invites percentage rate bids in Single cover system to be received in online mode only for the following works as detailed in the table below.

| Sl. No. | Name of the work | Estimated Cost (in Rs.) | Cost of document (Rs.) | Class of Contractor | Period of Completion | Name & address of O.I.T. |
|---|---|---|---|---|---|---|
| 1 | Construction of Additional Class Room at Padiabahal Govt. NUPS, Chhatamakhna GP | 992996.51 | 4000 | D & C | 180 days | B.D.O., Puintala |
| 2 | Construction of Additional Class Room at Gadramunda Govt. Pry. School, GP-Patharla | 992996.51 | 4000 | D & C | 180 days | B.D.O., Puintala |
| 3 | Construction of 02 nos. of Additional Class Room at Talpali Govt. UP School, GP-Patharla | 1985531.11 | 6000 | D & C | 180 days | B.D.O., Puintala |
| 4 | Construction of GPLF Building with Market Complex at Bairasar GP | 2496976.46 | 6000 | C & B | 180 days | B.D.O., Puintala |
| 5 | Construction of GPLF Building with Market Complex at Bileisarda GP | 2496976.46 | 6000 | C & B | 180 days | B.D.O., Puintala |
| 6 | Construction of GPLF Building with Market Complex at Mahimunda GP | 2496976.46 | 6000 | C & B | 180 days | B.D.O., Puintala |
| 7 | Construction of GPLF Building with Market Complex at Randa GP | 2496976.46 | 6000 | C & B | 180 days | B.D.O., Puintala |
| 8 | Construction of GPLF Building with Market Complex at Pipirda GP | 2496976.46 | 6000 | C & B | 180 days | B.D.O., Puintala |
| 9 | Construction of GPLF Building with Market Complex at Kurul GP | 2496976.46 | 6000 | C & B | 180 days | B.D.O., Puintala |
| 10 | Construction of 50 MT Godown with Market Complex and Office Building at Chhatapipal | 2604425.21 | 6000 | C & B | 180 days | B.D.O., Puintala |

Period of availability of Tender on-line :
**17.00 Hrs. of Dt.25.07.2025 to 18.30 Hrs. of Dt.11.08.2025**
**Date of Opening Bids : Dt.13.08.2025, 11.00 A.M.**
**Further details can be seen from the website :** http://tenderodisha.gov.in

Sd./- Block Development Officer
Puintala
OIPR-19160/11/0007/2526



ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM
No.CAD-1220
"e-Procurement Notice No-24/OCCL/2025-26 (On-line)
On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No. | Approx value of work | Bid Security (through on-line transfer / as per DTCN (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 01 | Improvement to Chandanpur branch canal left embankment road from Bidyadharpur to Parbatipur | Nimapara Irrigation Division | OCCL-HQP /07/2025-26 | Rs.2.28 Crore | Rs.2,28,000/- | 6 (Six) calendar Month | From 24.07.2025, 3.30 P.M. to 13.08.2025 5.30 P.M. |
| 02 | Construction of Trough wall in Chandanpur branch canal from RD 28.364 to 29.0 km & Rench sasan 2L minor from 0.3 km to 2.0 km. | | OCCL-HQP /08/2025-26 | Rs.1.54 Crore | Rs.1,54,000/- | 6 (Six) calendar Month | |
| 03 | Construction of Trough wall in Badatara Sub-minor and Hantasara minor | | OCCL-HQP /09/2025-26 | Rs.1.69 Crore | Rs.1,69,000/- | 6 (Six) calendar Month | |
| 04 | Improvement to Kundhei distributary left embankment road from Srikoili to Baidapada | | OCCL-HQP /10/2025-26 | Rs.2.23 Crore | Rs.2,23,000/- | 6 (Six) calendar Month | |
| 05 | Construction of Trough wall in Amaranga and Adhana Minor | | OCCL-HQP /11/2025-26 | Rs.1.62 Crore | Rs.1,62,000/- | 6 (Six) calendar Month | |

Procurement Officer : Managing Director, OCCL
Date of Opening of the Tender : **14.08.2025, 12.00 Noon onwards**
Further details can be seen from the e-Procurement portal : https://www.tendersodisha.gov.in
OIPR-34120/11/0044/2526 — Sd./- MANAGING DIRECTOR

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପାରେ ମିଶିଲେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୧୦ ସରପଞ୍ଚ



ଭାଜପା ନେତାଙ୍କ ସହ ଦଳରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ବିଜେଡି ଉପରୁ ଆସ୍ଥା ହରାଇ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ଦଳକୁ ସ୍ୱାଗତ କରିଛନ୍ତି। ଲଖନପୁର ବ୍ଲକ୍‌ର ୧୦ ଜଣ ସରପଞ୍ଚ ଭାଜପାରେ ସାମିଲହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶକୁ ଆଗେଇନେବା ପାଇଁ ସହାୟକ ହେବା ସହ ଦଳୀୟ ସଙ୍ଗଠନ ଅଧିକ ସୁଦୃଢ଼ ହୋଇଛି। ଆଗାମୀ ଦିନରେ ଅନେକ ସଂଖ୍ୟାରେ ବିଜେଡି କର୍ମୀ ଆସି ଭାଜପାରେ ସାମିଲହେବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ୍‌ର କଣ୍ଢେଇକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଅଶୋକ କୁମାର ସେଠ୍, ରେମତା ସରପଞ୍ଚ ପ୍ରଫୁଲ୍ଲ କୁମାର ସିଂ, ଚାରପାଲି ସରପଞ୍ଚ ଅରୁଣ ସୁନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ସୁନା, କାଦମଡିହି ସରପଞ୍ଚ ତାରୁଲତା ବାରିକ, ବାଘମୁଣ୍ଡା ସରପଞ୍ଚ ସୁନିମା ପ୍ରଧାନ, ଜାମଗାଁ ସରପଞ୍ଚ ଗୋପୀନାଥ ସାଇ, ରେମେଣ୍ଡା ସରପଞ୍ଚ ସୁଶାନ୍ତ ନାଏକ, ସାରନ୍ଦା ମାଲ ସରପଞ୍ଚ ଝରଣା ସେଠ୍, ବଞ୍ଜାରୀ ସରପଞ୍ଚ ସୀମା ସାହୁ, ପିପିଲିମାଲ ସରପଞ୍ଚ ରଙ୍ଗଧର ଡିଲା ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଶାରଦା ପ୍ରସାଦ ଶତପଥୀ, ଝାରସୁଗୁଡ଼ା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ଏକାଦଶାହରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

# ଏକାଠି ହେଲେ ମନ୍ତ୍ରୀ, ଅଧିକାରୀ, ଛାତ୍ରୀଛାତ୍ର

ଭୋଗରାଇ, ୨୪।୭(ପ୍ରଦୀପ ଦାସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଗୁରୁବାର ଭୋଗରାଇ ବ୍ଲକ ପଳାସିଆସ୍ଥିତ ଗାଁମାଟିରେ ଏକାଠି ହୋଇଥିଲେ ମନ୍ତ୍ରୀ, ବିଧାୟକ, ଅଧିକାରୀ ଓ ଛାତ୍ରୀଛାତ୍ର। ହେରମ୍ବ ଚନ୍ଦ୍ର ଏକାଡେମୀ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସୌମ୍ୟାଶ୍ରୀଙ୍କ ତୈଳ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ମନ୍ତ୍ରପାଠ, ଭୋଗରାଇ ମହାବିଦ୍ୟାଳୟରେ ଏବିଭିପି ଦ୍ୱାରା ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଓ ବନପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ ୧ହଜାର ଚାରା ବଣ୍ଟନ କରାଯାଇଥିଲା। ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘରେ ମାତାପିତା ଓ ଆତ୍ମୀୟସ୍ୱଜନଙ୍କୁ ନେତା ଓ ମନ୍ତ୍ରୀମାନେ ଗଭୀର ସମବେଦନା ଜଣାଇଥିଲେ। ଏହି ଅବସରରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ସାହୁ, ବସ୍ତା ବିଧାୟକା ସୁବାସିନୀ ଜେନା, ବିଜେଡି ରାଜ୍ୟ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସଦର ବ୍ଲକ ଅଧ୍ୟକ୍ଷ ସୁନୀତା ବେହେରା, ସଦର ବିଧାୟକ ମାନସ ଦତ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶଦାସ ନାୟକ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଆଡିଶନାଲ ଏସ୍‌ପି ଦେବଜ୍ୟୋତି ଦାସ, ଡିଏଫ୍‌ଓ ଅଭୟ କୁମାର ଦଳାଇ, ଜିଲା ସହକାରୀ ବନସଂରକ୍ଷକ ଦିଗନ୍ତ ଶୋଭାନ ଚାନ୍ଦ, ଜଳେଶ୍ୱର ବନପ୍ରାଣୀ ବନାଞ୍ଚଳର ସହକାରୀ ବନସଂରକ୍ଷିକା ଜୟଶ୍ରୀ ମୁର୍ମୁ, ବନପାଳ ସଞ୍ଜୟ କୁମାର ମହାନ୍ତି, ରଞ୍ଜିତା ବିଶ୍ୱାଳ, ବନରକ୍ଷୀ ମୀନାରାଣୀ ବେହେରା, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, କଂଗ୍ରେସ ନେତା ସୁଦର୍ଶନ ଦାସ, ସତ୍ୟଶିବ ଦାସ, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ମମତା ସାହୁ, ସୁଦର୍ଶନ ଜେନା, ଭାଜପା ନେତା ଆଶିଷ ପାତ୍ର, ଅଂଶୁମାନ ମହାନ୍ତି, ସଞ୍ଜୀବ ସାହୁ, ସୁନୀଲ କୁମାର କର, ରାଧାକାନ୍ତ ପ୍ରଧାନ, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସାମାଜିକ କର୍ମୀ ବିଦ୍ୟୁତେନ୍ଦୁ ପାତ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସକାଳ ୮ରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରି ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାରଠାରୁ ଆରମ୍ଭହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/)ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଦିବାସୀ ମହାସଂଘ ସଦସ୍ୟ

## ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ସରକାରଙ୍କ ପ୍ରାଥମିକତା: ମୋହନ

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନେ ଗୁରୁବାର ଲୋକସେବା ଭବନରେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳଗୁଡିକର ସାମଗ୍ରିକ ବିକାଶ ପାଇଁ ଖୁବ୍‌ଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂରକରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି।

ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ ଜିଲାରୁ ସଦସ୍ୟମାନେ ଯୋଗଦେଇଛନ୍ତି।



ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଆଦିବାସୀ ମହାସଂଘର କର୍ମକର୍ତ୍ତା।


# Classified Everyday

0674-2580101, 9692975378



REAL ESTATE

## SALE

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579.** D-76288

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296



**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392



Newly open SPA positively health benefits (expert therapist). Contact- 7327030529. D-76929

Positively health benefits SPA expert female therapist homely atmosphere. 9114559830. D-76295

## AFFIDAVIT

By virtue of an affidavit sworn before the Executive Magistrate, Boudh, No.- 1057, date- 22.07.25, I, Janani Bagarti, D/o. Rohita Bagarti, R/o. Village/ P.O.- Kharabhuni, P.S.- Harabhanga, Dist.- Boudh, PIN- 762020, declare that I have changed my name from Janani Kumbhar to Janani Bagarti. Henceforth, I shall be known as Janani Bagarti for all purposes.
Janani Bararti
Mob-9777486118
D-1416

I, Seikh Wasim Arrif, S/o. Seikh Allauddin of Village/ P.O./P.S.- Thakurmunda, Dist.- Mayurbhanj, Odisha, PIN- 757038, declare by this affidavit No.- 2438, dated- 22.07.2025, executed before the Executive Magistrate, Panchpir, Karanjia that now onwards I shall be known as Sk wasim Arif, S/o- SK Allauddin for all future purposes.
D-1410

By virtue an affidavit sworn before Executive Magistrate, Dhenkanal, dated- 21.07.2025, I Srikanta Kumar Sahoo, At/P.O.- Sankarpur, P.S.- Sadar, Dist.- Dhenkanal, Odisha, PIN- 759013, declare that I have changed my name from Srikant Kumar Sahoo to Srikanta Kumar Sahoo. Henceforth I shall be known as Srikanta Kumar Sahoo for all purposes.
Srikanta Kumar Sahoo
D-1411

By virtue of an affidavit sworn before the Executive Magistrate, Nuapada, No.- 02, date- 23.07.2025, I, Sonalika Patel, W/o. Sandip Kumar Naik, R/o. Rajpur, P.O./P.S./ Dist.- Nuapada, Odisha, PIN- 766105, declare that I have changed my son's name from Naik Shreeyans to Shreeyans Naik. Henceforth he shall be known as Shreeyans Naik for all purposes.
Sonalika Patel
D-1414

By virtue of an affidavit sworn before the Executive Magistrate, Boudh, No.1045, date 19.07.25, I, Anuchhaya Mahakud, D/o. Bhagabana Mahakud, R/o. Village/P.O.- Kankala, P.S. Baunsuni, Dist. Boudh, Odisha, Pin- 762015 declare that I have changed my name from Anusaya Mahakud to Anuchhaya Mahakud. Henceforth I shall be known as Anuchhaya Mahakud for all purposes.
Anuchhaya Mahakud
D-1420

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dated- 24.07.2025, I Urmila Behera, Address: At.- Sardhapali, P.O.- Remed, P.S.- Ainthapali, Dist.- Sambalpur, PIN- 768006, Odisha, declare that I have changed the name of my daughter from Himadrineya Behera to Himandritanaya Behera. Henceforth, she shall be known as Himandritanaya Behera for all purposes.
Urmila Behera
D-1419

By virtue of an affidavit sworn before Executive Magistrate, Chandabali, Dated- 23.07.2025, I Monalisha Maity, Address At.- Jyotsnamayee, P.O.- Dosinga, P.S.- Dhamara, Dist.- Bhadrak, PIN- 756171 declare that I have changed my name from Monalisha Mandal to Monalisha Maity. Henceforth, I shall be known as Monalisha Maity for all purposes.
Monalisha Maity
D-1417

By virtue of an affidavit sworn before MR. T. Hansdah, OAS, Executive Magistrate, Nayagarh, dated- 24.07.2025, I Minati Pradhan, W/o- Ramachandra Pradhan, Resident of Village - Balisahi, P.O.-Kalyanpur, P.S.-Sarankul, Dist.- Nayagarh, PIN-752070 declare that I have changed my name from Minati Nayak to Minati Pradhan. Henceforth, I shall be known as Minati Pradhan for all purposes.
Minati Pradhan
D-1418

## ମନେ ପଡ଼ନ୍ତି

### ଦଶାହ ଶ୍ରଦ୍ଧାଞ୍ଜଳି



ଂସୁଶୀଲ କୁମାର ମହାନ୍ତି
ଭୁବନେଶ୍ୱର
ତିରୋଧାନ:୧୬ ଜୁଲାଇ ୨୦୨୫
କୃଷ୍ଣପକ୍ଷ ଷଷ୍ଠୀ କର୍କଟ ସଂକ୍ରାନ୍ତି
ଦଶାହ ତିଥିରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ପରିବାର ବନ୍ଧୁବର୍ଗ
ଓ
ଆତ୍ମୀୟ ସ୍ୱଜନ
ଧ-୧୪୧୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂପଦ୍ମଲୋଚନ ସେଠୀ
ଚମ୍ପାବଣୀ ପାଟଣା, ଅନଳିଆ. ଭୋଗରାଇ
ଆବିର୍ଭାବ: ୦୧.୦୬.୧୯୩୧
ତିରୋଧାନ: ୧୫.୦୭.୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
:ଶୋକସନ୍ତପ୍ତ:
ହତଭାଗ୍ୟ ବଡ଼ ପୁତ୍ର- ପ୍ରଫୁଲ୍ଲ, ପ୍ରଦୀପ, ପରେଶ, ପ୍ରଶାନ୍ତ, ବୋହୂ- ରୀନାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ, ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ, ରବୀନ୍ଦ୍ର, ବଳାଇ, ରବୀନ୍ଦ୍ର, ସତୀଶ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୪୧୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏଫ୍‌ଏମ୍ ଇଷ୍ଟ କ୍ୟାମ୍ପସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍

ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

ବାଲେଶ୍ୱର,୨୪।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ କରିଛି। ମୁଖ୍ୟ କ୍ୟାମ୍ପସ୍‌ରେ ୨ଜଣ ଅଧିକାରୀ ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟ ଦୁଇଜଣ ଅଧିକାରୀ ଇଷ୍ଟ କ୍ୟାମ୍ପସ୍‌ରେ ପହଞ୍ଚିଥିଲେ। ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ବିଭାଗର ଛାତ୍ରୀଛାତ୍ରଙ୍କୁ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ସମ୍ପର୍କରେ ପଚରାଉଚରା କରି ସବିଶେଷ ତଥ୍ୟ ହାସଲ କରିଥିଲେ। ଏଥିସହ କ୍ୟାମ୍ପସ ଓ ମହାବିଦ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ବୁଧବାର ଏହି ଟିମ୍ ୨ଜଣ ଛାତ୍ରୀଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା।

# ନିଃସନ୍ତାନ ଦମ୍ପତିଙ୍କ ପାଇଁ ଭରସା

ବିଶ୍ୱ ଏମ୍ବ୍ରିଓଲୋଜିଷ୍ଟ ଦିବସ



ସାଧାରଣତଃ ସବୁ ଦମ୍ପତି ବାହାଘର ପରେ ପରେ ଏକ ସନ୍ତାନ ଚାହିଁଥାନ୍ତି। ପ୍ରାୟ ୮୦ରୁ ୮୫ ପ୍ରତିଶତ ମହିଳା ବିବାହର ଏକ ବର୍ଷ ମଧ୍ୟରେ ଗର୍ଭଧାରଣ କରିଥାନ୍ତି। କିନ୍ତୁ ୧୦-୧୫ ପ୍ରତିଶତ ମହିଳା ଅନେକ ଚିକିତ୍ସା ପରେ ମଧ୍ୟ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ସେମାନଙ୍କ ପାଇଁ ପ୍ରଜନନର ଅନ୍ୟ ପ୍ରକ୍ରିୟା(ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନିକ୍) ଜରୁରୀ ହୋଇଥାଏ।

ଯେଉଁ ମହିଳାମାନେ ବେଶି ବୟସ କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ ଗର୍ଭଧାରଣ କରିପାରି ନ ଥାନ୍ତି, ସେମାନଙ୍କଠାରେ 'ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ୍' ବା ଆଇଭିଏଫ୍ ଦ୍ୱାରା ଗର୍ଭଧାରଣ ହୋଇଥାଏ। ଏହା ଭେଷଜ ବିଜ୍ଞାନର ଏକ ଅନୁପମ ଦାନ।

ସମସ୍ତଙ୍କର ପ୍ରାକୃତିକ ଉପାୟରେ ଡିମ୍ବବାହୀ ନଳୀରେ ଫର୍ଟିଲାଇଜେଶନ୍ ହୋଇ ଜରାୟୁରେ ପ୍ରସ୍ଫୁଟିତ ଡିମ୍ବାଣୁ ରହିଥାଏ। ଏହାକୁ ଇନ୍‌ଭିଭୋ ଫର୍ଟିଲାଇଜେଶନ୍ କୁହାଯାଏ। କିନ୍ତୁ ଆଇଭିଏଫ୍ ଦ୍ୱାରା ଜରାୟୁ ବାହାରେ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳିତ ଦ୍ୱାରା ଫର୍ଟିଲାଇଜେଶନ୍ କରାଯାଇ ଜରାୟୁ ଭିତରେ ରୋପଣ କରାଯାଏ। ଏହାର ଅନ୍ୟ ନାମ ହେଉଛି ଟେଷ୍ଟ ଟ୍ୟୁବ୍ ବେବି। ପ୍ରଜନନ ଚିକିତ୍ସା କ୍ଷେତ୍ରରେ ଏହିପରି ଏକ ନୂତନ କୌଶଳରେ ଗର୍ଭଧାରଣ କରିବା ଏକ ବଡ ସଫଳତା। ଏହା ଏମ୍ବ୍ରିଓଲୋଜିଷ୍ଟ ଓ ଗାଇନୋକୋଲୋଜିଷ୍ଟ ତଥା ଅନ୍ୟ ବିଶେଷଜ୍ଞଙ୍କ ମିଳିତ ପ୍ରଚେଷ୍ଟାରେ ସମ୍ଭବ ହୋଇପାରିଛି। ତେଣୁ ନିଃସନ୍ତାନ ଦମ୍ପତିଙ୍କୁ ଏକ ନୂତନ ଦିଶା ଦେଖାଇବା ତଥା ସେମାନଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଜୁଲାଇ ୨୫ରେ ବିଶ୍ୱ ଏମ୍ବ୍ରିଓଲୋଜିଷ୍ଟ ଦିବସ ପାଳନ କରାଯାଉଅଛି। ଏହା ମଧ୍ୟ ବିଶ୍ୱର ପ୍ରଥମ ଆଇଭିଏଫ୍ ସନ୍ତାନ 'ଲୁଇସ୍ ବ୍ରାଉନ୍'ଙ୍କ କଥା ସ୍ମରଣ କରାଇଦିଏ। ଏହି ଆଇଭିଏଫ୍ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଏମ୍ବ୍ରିଓଲୋଜିଷ୍ଟମାନେ ଡିମ୍ବାଣୁ ଏବଂ ଶୁକ୍ରାଣୁକୁ ବିଶ୍ଳେଷଣ ମାଧ୍ୟମରେ ଚୟନ(ପିକ୍‌ଅପ୍) କରନ୍ତି। ଏହା ପରେ ପରୀକ୍ଷା କରି ମିଳିତ ସଂଯୋଗ ମାଧ୍ୟମରେ ଫର୍ଟିଲାଇଜେଶନ୍ ପରେ ଭ୍ରୂଣ ରୋପଣ କରାନ୍ତି।

ତେଣୁ ଆଇଭିଏଫ୍ ପ୍ରଣାଳୀରେ ସଂଶ୍ଳିଷ୍ଟ ଥିବା ଏମ୍ବ୍ରିଓଲୋଜିଷ୍ଟ, ଅନ୍ୟ ଡାକ୍ତର ତଥା କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ସହ ନିଃସନ୍ତାନ ଦମ୍ପତିମାନେ ଆଶା ନ ହରାଇ ଆଇଭିଏଫ୍ ପ୍ରଣାଳୀ ଦ୍ୱାରା ଗର୍ଭଧାରଣ କରି ସନ୍ତାନ ସୁଖ ପ୍ରାପ୍ତି ହେବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।

-ଡା. ସରୋଜିନୀ ଷଡ଼ଙ୍ଗୀ,
ମୋ: ୯୪୩୭୦୫୫୦୦୭

## ଛେତ୍ରୀଙ୍କ ଚିନ୍ତା

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାରୁ ଭାରତୀୟ ଫୁଟ୍‌ବଲ ବର୍ତ୍ତମାନ ଖୁବ୍ ଚିନ୍ତାଜନକ ପରିସ୍ଥିତିରେ ଥିବା ଭାରତୀୟ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ତଥା ଷ୍ଟ୍ରାଇକର ସୁନୀଲ ଛେତ୍ରୀ କହିଛନ୍ତି। ଆଇଏସ୍ଏଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ଖେଳୁଥିବା ଛେତ୍ରୀ ନିଜର ଏବଂ ଭାରତରେ ଫୁଟ୍‌ବଲର ଭବିଷ୍ୟତକୁ ନେଇ ଆଶଙ୍କାରେ ଥିବା ପ୍ରକାଶ କରିଛନ୍ତି।

'ବିଭିନ୍ନ କ୍ଲବର ଖେଳାଳିଙ୍କ ସହ କଥା ହେବା ପରେ ମୁଁ ବୁଝିପାରିଛି ଯେ, ମୋ ସମସ୍ୟାଠାରୁ ସେମାନଙ୍କ ସମସ୍ୟା ଅଧିକ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଭାରତୀୟ ଫୁଟ୍‌ବଲରେ ଦେଖାଯାଇଥିବା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ମୋତେ କେବଳ ମୋ କ୍ଲବର ନୁହେଁ, ବରଂ ଅନ୍ୟ କ୍ଲବର ଅନେକ ଖେଳାଳି, ଷ୍ଟାଫ୍ ସଦସ୍ୟ, ଫିଜିଓ, ମସାଜ୍‌ଙ୍କର ମେସେଜ୍ ଆସିଛି। ଭାରତୀୟ ଫୁଟ୍‌ବଲ ଇକୋସିଷ୍ଟମର ଅଂଶବିଶେଷ ଥିବା ପ୍ରତ୍ୟେକ ବ୍ୟକ୍ତି ଚିନ୍ତିତ, ଭୟଭୀତ ଓ ଦୁଃଖିତ ଅଛନ୍ତି। କିନ୍ତୁ ମୋତେ ଜଣାଅଛି ଯେ, ଆଇଏସ୍ଏଲ୍ ପରିଚାଳନାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଫୁଟ୍‌ବଲ ସିଜନ ଆୟୋଜନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ମୋର ଆଶା, ଖୁବ୍‌ଶୀଘ୍ର ଆମକୁ ଭଲ ଖବର ମିଳିବ' ବୋଲି ଛେତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଇଭେଣ୍ଟ ଆୟୋଜକ ଓ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ମଧ୍ୟରେ ହୋଇଥିବା ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍ଆର୍ଏ)ର ନବୀକରଣକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ଆଇଏସ୍ଏଲ୍-୨୦୨୫/୨୬ ସିଜନକୁ ସ୍ଥଗିତ ରଖାଯାଇଛି। ସାଧାରଣତଃ ଏହି ଲିଗ୍ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜନ କରାଯାଏ। ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଓ ଏଆଇଏଫ୍ଏଫ୍ ମଧ୍ୟରେ ହୋଇଥିବା ଏମ୍ଆର୍ଏ ଡିସେମ୍ବର ୮ରେ ଶେଷହେବାକୁ ଯାଉଛି। ଏଆଇଏଫ୍ଏଫ୍ ଲାଗି ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ନେଇ ଏଫ୍ଏସ୍‌ଡିଏଲ୍ କୌଣସି ବୁଝାମଣା ନ କରିବା ପାଇଁ ସୁପ୍ରିମକୋର୍ଟ କହିଥିଲେ। ଏଆଇଏଫ୍ଏଫ୍‌ର କମର୍ସିଆଲ ପାର୍ଟନର ଏଫ୍ଏସ୍‌ଡିଏଲ୍ ଆଇଏସ୍ଏଲ୍ ପରିଚାଳନା କରିଆସୁଛି।

# ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ପାଇଁ କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି ଆଗେଇ ଚାଲିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବାବେଳେ ଜାତୀୟ/ଅନ୍ତର୍ଜାତୀୟ ଆଥ୍‌ଲେଟ୍‌ଙ୍କ ସମାଗମରେ କଳିଙ୍ଗ ହେବ ଚଳଚଞ୍ଚଳ...**

ପ୍ରସ୍ତୁତି: ତପନ ସ୍ୱାଇଁ



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଭାରତରେ ଏହି ଆଥ୍‌ଲେଟିକ୍ସ ଇଭେଣ୍ଟ ଆୟୋଜନ ହେବ। ଏଥିପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। କଳିଙ୍ଗରେ ପୁଣି ହେବ ଅନ୍ତର୍ଜାତୀୟ ଆଥଲେଟ୍‌ଙ୍କ ସମାଗମ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର ରେସ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ ଥ୍ରୋ ଏବଂ ୪x୪୦୦ ମିଟର ରିଲେ ଇଭେଣ୍ଟ ଅନୁଷ୍ଠିତ ହେବ। ସେହିପରି ମହିଳା ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ରେସ୍, ୧୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଏବଂ ୪x୪୦୦ ମିଟର ରିଲେ ରେସ୍ ଆୟୋଜନ ହେବ। ଏହା ବ୍ୟତୀତ ମିକ୍ସଡ ଇଭେଣ୍ଟରେ ୪x୪୦୦ ମିଟର ରିଲେ ରେସ୍ ଅନୁଷ୍ଠିତ ହେବ।

ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତିଯୋଗୀଙ୍କ ଲାଗି ଏଣ୍ଟ୍ରି (କ୍ୱାଲିଫାଇଂ) ଷ୍ଟାଣ୍ଡାର୍ଡ ଧାର୍ଯ୍ୟ କରାଯାଇଛି। ପୁରୁଷ ବିଭାଗରେ ୧୦୦ ମିଟର ପାଇଁ ୧୦.୬୦, ୨୦୦ ମିଟର ଲାଗି ୨୧.୩୦, ୪୦୦ ମିଟର ପାଇଁ ୪୬.୨୦, ୮୦୦ ମିଟର ଲାଗି ୧:୪୮.୫୦ ଓ ୫୦୦୦ ମିଟର ଲାଗି ୧୪:୧୦.୦୦ ସେକେଣ୍ଡ ସମୟ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ରଖାଯାଇଛି। ସେହିପରି ଲଙ୍ଗଜମ୍ପ ଲାଗି ୭.୮୦, ଟ୍ରିପଲ ଜମ୍ପ ପାଇଁ ୧୬.୩୦ ଓ ଜାଭେଲିନ୍ ଥ୍ରୋ ଲାଗି ୭୫.୦୦ ମିଟର ଧାର୍ଯ୍ୟ କରାଯାଇଛି। ମହିଳା ବିଭାଗରେ ୧୦୦ ମିଟର ପାଇଁ ୧୧.୮୦, ୨୦୦ ମିଟର ଲାଗି ୨୩.୫୦, ୪୦୦ ମିଟର ପାଇଁ ୫୩.୦୦, ୮୦୦ ମିଟର ଲାଗି ୨:୦୫.୦୦ ଓ ୧୫୦୦ ମିଟର ପାଇଁ ୪:୧୮.୦୦ ସେକେଣ୍ଡ ରଖାଯାଇଛି। ସେହିଭଳି ଲଙ୍ଗଜମ୍ପରେ ୬.୦୦ ଓ ଜାଭେଲିନ୍ ଥ୍ରୋ ଲାଗି ୫୨.୫୦ ମିଟର ରଖାଯାଇଥିବାବେଳେ ୧୦୦ ମିଟର ହର୍ଡଲ୍ସ ପାଇଁ ୧୩.୫୫ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏଥିରେ ୧୦ରୁ ଅଧିକ ଦେଶର ୧୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏଟ୍‌ନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୧୯ଟି ଇଭେଣ୍ଟର ଆୟୋଜନ କରାଯିବ।

ପ୍ରକାଶ ଯୋଗ୍ୟ, ଏହା ପୂର୍ବରୁ ଅନ୍ତର୍ଜାତୀୟ ଆଥଲେଟିକ୍ସ ଇଭେଣ୍ଟ ଭାବେ କଳିଙ୍ଗରେ ୨୦୧୭ ଜୁଲାଇ ୫ରୁ ୯ ପର୍ଯ୍ୟନ୍ତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହା ବ୍ୟତୀତ ଏଠାରେ ଜାତୀୟ ସ୍ତରରେ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍, ଏକାଧିକ ଇଣ୍ଡିଆନ ଗ୍ରାଁ ପ୍ରି ଏବଂ ନ୍ୟାଶନାଲ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି।

### ଏଣ୍ଟ୍ରି (କ୍ୱାଲିଫାଇଂ) ଷ୍ଟାଣ୍ଡାର୍ଡ

| | |
|---|---|
| **ପୁରୁଷ ବିଭାଗ** | |
| ୧୦୦ ମିଟର ରେସ୍: | ୧୦.୬୦ ସେକେଣ୍ଡ |
| ୨୦୦ ମିଟର ରେସ୍: | ୨୧.୩୦ ସେକେଣ୍ଡ |
| ୪୦୦ ମିଟର ରେସ୍: | ୪୬.୨୦ ସେକେଣ୍ଡ |
| ୮୦୦ ମିଟର ରେସ୍: | ୧:୪୮.୫୦ ସେକେଣ୍ଡ |
| ୫୦୦୦ ମିଟର ରେସ୍: | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗଜମ୍ପ: | ୭.୮୦ ମିଟର |
| ଟ୍ରିପଲ ଜମ୍ପ: | ୧୬.୩୦ ମିଟର |
| ଜାଭେଲିନ୍ ଥ୍ରୋ: | ୭୫.୦୦ ମିଟର |
| **ମହିଳା ବିଭାଗ** | |
| ୧୦୦ ମିଟର ରେସ୍: | ୧୧.୮୦ ସେକେଣ୍ଡ |
| ୨୦୦ ମିଟର ରେସ୍: | ୨୩.୫୦ ସେକେଣ୍ଡ |
| ୪୦୦ ମିଟର ରେସ୍: | ୫୩.୦୦ ସେକେଣ୍ଡ |
| ୮୦୦ ମିଟର ରେସ୍: | ୨:୦୫.୦୦ ସେକେଣ୍ଡ |
| ୧୫୦୦ ମିଟର ରେସ୍: | ୪:୧୮.୦୦ ସେକେଣ୍ଡ |
| ୧୦୦ ମିଟର ହର୍ଡଲ୍ସ: | ୧୩.୫୫ ସେକେଣ୍ଡ |
| ଲଙ୍ଗଜମ୍ପ: | ୬.୦୦ ମିଟର |
| ଜାଭେଲିନ୍ ଥ୍ରୋ: | ୫୨.୫୦ ମିଟର |

## ଅଭିନନ୍ଦନ

ଭାରତ ମହିଳା ଫୁଟ୍‌ବଲର
ପୂର୍ବାଧିନାୟିକା ସେ କର୍ଣ୍ଣଧାର
ଓଡ଼ିଶାର କ୍ରୀଡ଼ା ଅସ୍ମିତା,
ଅଗ୍ରଣୀ ସିଏ ଭାରି ଫରୱାର୍ଡ
ମହିଳା ଜାତିର ଶ୍ରେଷ୍ଠ ଆୱାର୍ଡ
ହୋଇଛି ଜଗତଜିତା।

ସ୍ୱପ୍ନ ତାହାର ସାକାର ହୋଇଛି
କଠିନ ଶ୍ରମର ମୂଲ୍ୟ ମିଳିଛି
ଆମ କୋଟ୍ ଶ୍ରଦ୍ଧାଞ୍ଜଳିଙ୍କୁ,
ଏଏଫ୍‌ସି 'ଏ' ମହିଳା ଲାଇସେନ୍ସ
ପାଇକି ରଚିଲେ ନୂଆ ଇତିହାସ
ଅଭିନନ୍ଦନ ତୁମକୁ
ଅଭିନନ୍ଦନ ତୁମକୁ।

–ବାଉରିବନ୍ଧୁ ବେହେରା

## ଲକ୍ଷ୍ୟ

ଇଣ୍ଡୋନେସିଆର ଏଗାର ବର୍ଷୀୟ
ରାୟିନ୍ ଆର୍କାନ୍ ଡିଖା
ରାତାରାତି ଇଣ୍ଟରନେଟ ସେନ୍ସେଶନ
ପାଲଟିଲେ, ଗ୍ରହ ଚକା
ପାକୁ ଜାଲୁରିରେ ଦେଖା
ରେସିଂ ବୋଟରେ ଲୟବଦ୍ଧ ନୃତ୍ୟ
ଗ୍ଲୋବାଲ ଷ୍ଟାର କଲା ପକ୍କା।

ଜାଡେଜାଙ୍କ ବେଷ୍ଟ ପର୍ଫମାନ୍ସ ସତ୍ତ୍ୱେ
ଟିମ୍ ଇଣ୍ଡିଆ ଗଲା ହାରି
ଶୋଏବ ବଶିର ବଲ ବ୍ୟାଟରେ
ବାଜି ଗଲା ଘୁରି ଘୁରି
ସିରାଜ ହେଉଛି ଝୁରି
ଗ୍ରହ ମନ୍ଦ ପାଇଁ ଇଂଲଣ୍ଡ ଜିତିଲା
ଥାର୍ଡ ଟେଷ୍ଟ, ସୋ ସରି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟର ଗେମ୍ସରେ
ଶ୍ରୀ ଅଶୋକ ଦଣ୍ଡ ସେନା
ଆଠ ଶ' ମିଟର ରେସରେ ଟୋକା
ଜିତିଛି ପଦକ ସୁନା
ବ୍ୟକ୍ତି ହାରେ ଲକ୍ଷ୍ୟ ବିନା
ହାର୍ଡ ଲେବର ସହ ଗ୍ରହ ସାଥ୍ ଦେଲେ
ସେ ଉଡ଼େ, ଉଡ଼ାଏ ବାନା।

–ସୁବାସ ଚନ୍ଦ୍ର ପ୍ରଧାନ

# ଭିଜନ୍-୨୦୩୦



ନିର୍ମଳ କୁମାର ମିଶ୍ର

ଓଡ଼ିଶା କ୍ରିକେଟ ଦଳର ବାରମ୍ବାର ଖରାପ ପ୍ରଦର୍ଶନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ବେଶ୍ ଚିନ୍ତିତ। ଭିଜନ୍-୨୦୨୪ରୁ ସେପରି ସଫଳତା ନ ମିଳିବା ଚିନ୍ତାର କାରଣ ହୋଇଛି। ପୁନର୍ବାର ତୃଣମୂଳ ସ୍ତରରୁ ନୂଆ ଯୋଜନା ମାଧ୍ୟମରେ ସଫଳତା ପାଇବା ପାଇଁ ଆଶା ରଖିଛି ଓସିଏ। ଏଥିପାଇଁ ବ୍ୟାପକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଗତ କିଛି ବର୍ଷ ଧରି ଜାତୀୟ ସ୍ତରରେ ୩ଟି ବଡ ଫର୍ମାଟରେ ଦଳ ଆଶାନୁରୂପ ସଫଳତା ପାଇପାରି ନାହିଁ। ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫିରେ ସଫଳତା ନ ମିଳିବାର କାରଣ ଖୋଜୁଛି ଓସିଏ। ଅନେକ ପରିବର୍ତ୍ତନ ମଧ୍ୟରେ ଗତି କରିଛି ଆମ ରାଜ୍ୟ କ୍ରିକେଟ ଆସୋସିଏଶନ। ଅନେକ ଖ୍ୟାତନାମା କୋଚମାନଙ୍କୁ ନିଯୁକ୍ତି ଦେଇଛି। ମାତ୍ର ଯଥା ପୂର୍ବଂ ତଥା ପରଂ। ରାଜ୍ୟ ବାହାରର କୋଚ୍‌ଙ୍କ ମଧ୍ୟରେ ମାଇକେଲ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆ, ବଲବିନ୍ଦର ସାନ୍ଧୁ ଓ ବର୍ତ୍ତମାନର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଅନ୍ୟତମ। ସେହିଭଳି ଆମ ଓଡ଼ିଶା କ୍ରିକେଟର ସୁନାମଧନ୍ୟ ଖେଳାଳିଙ୍କ ମଧ୍ୟରେ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳଙ୍କ ପରି ନାମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅବକାଶ ଖଟୁଆ, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି, ନଟରାଜ ବେହେରା, ଶୋଭେନ ଦେବ, ରଶ୍ମି ରଞ୍ଜନ ଦାସ ମଧ୍ୟ ରହିଛନ୍ତି। ବିଦେଶୀ କୋଚ୍ ମାଇକେଲ ବେଭାନଙ୍କ ସମୟରେ ଓଡ଼ିଶା କ୍ରିକେଟର ଆମୂଳଚୂଳ ପରିବର୍ତ୍ତନ ହୋଇଥିଲା। ଏହି ସମୟରେ ଖେଳାଳି ଚୟନ, ଭିତ୍ତିଭୂମିର ପରିବର୍ତ୍ତନ, ନୂଆ ଫର୍ମାଟ, ଟର୍ଫ ଉଇକେଟ ସହ ଖେଳାଳିଙ୍କ ଫିଟ୍‌ନେସ ଓ ମ୍ୟାଚ ଖେଳିବାର ଦକ୍ଷତା, ଚାପରେ ଖେଳିବାକୁ କିପରି ହୋଇଥାଏ ସେ ବିଷୟରେ ବ୍ୟାପକ ପରୀକ୍ଷା ନିରୀକ୍ଷା ହୋଇଥିଲା। ବେଭାନଙ୍କ ପରି ୱାସିମ ଜାଫରଙ୍କ ସମୟରେ ମଧ୍ୟ କିଛି ମାତ୍ରାରେ ସଫଳତା ମିଳିଥିଲା। ୨୦୧୯-୨୦ ରଣଜୀ ସିଜନରେ ଷ୍ଟାର ବ୍ୟାଟର ରଶ୍ମି ରଞ୍ଜନ ପରିଡା ମୁଖ୍ୟ କୋଚ୍ ଥିବା ସମୟରେ ଓଡ଼ିଶା ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ତା'ପର ଠାରୁ ଆଉ ବଡ ସଫଳତା ମିଳିନାହିଁ।

ଯଦି ନାମୀଦାମୀ କୋଚ୍‌ମାନଙ୍କ ନେତୃତ୍ୱରେ ଓଡ଼ିଶା କ୍ରିକେଟ ଭଲ ପ୍ରଦର୍ଶନ କରିପାରୁନାହିଁ ତେବେ ଆମର ପୂର୍ବତନ ଖେଳାଳିମାନଙ୍କୁ କାହିଁକି ମୁଖ୍ୟ କୋଚ ଦାୟିତ୍ୱ ଦିଆଯାଉନାହିଁ। ରଣଜୀ ଟ୍ରଫିରେ ଅସ୍ଥିର ପ୍ରଦର୍ଶନ ବାରମ୍ବାର ଆମକୁ ବିଚଳିତ କରୁଛି। ଯାହାର ପ୍ରଭାବ ଜୁନିୟର କ୍ରିକେଟ ଉପରେ ପଡୁଥିବାର ଦେଖିବାକୁ ମିଳୁଛି। ଆମ ପାଖରେ ଅନେକ ପ୍ରତିଭା ରହିଛନ୍ତି। ଦୀର୍ଘ ଦିନ ଧରି ସେମାନଙ୍କୁ ଦଳରେ ସାମିଲ ହେବାର ସୁଯୋଗ ମିଳୁଛି। ମାତ୍ର ସେମାନଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବା ଚିନ୍ତାର କାରଣ ହୋଇଛି। ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୂପର, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ସୂର୍ଯ୍ୟକାନ୍ତ ପ୍ରଧାନ, ସନ୍ଦୀପ ପଟ୍ଟନାୟକ, ରାଜେଶ ମହାନ୍ତି, ଦେବେବ୍ରତ ପ୍ରଧାନ, ହର୍ଷିତ ରାଠୋର, ସୁମିତ ଶର୍ମା, ସୁନୀଲ ରାଉଳ, ସ୍ୱସ୍ତିକ ସାମଲ, ଅନିଲ ପରିଡା, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁଙ୍କ ପରି ଅନେକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ଏକ ଗ୍ରୁପ୍ ଆମ ନିକଟରେ ରହିଛନ୍ତି। ଏହା ବ୍ୟତୀତ ଅନେକ ଯୁବ ଖେଳାଳି ଗତ କଳାହାଣ୍ଡି କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସୁଯୋଗ ଅପେକ୍ଷାରେ ରହିଛନ୍ତି। ଓଡ଼ିଶା ନିକଟରେ ଏବେ ବି ଜଣେ ଭଲ ଅଫ୍ ସ୍ପିନର ଆବଶ୍ୟକତା ରହିଛି। ତରଣୀ ସ'ଙ୍କ ସ୍ପିନ ଉପରେ ଓଡ଼ିଶା ଅନେକ ସମୟରେ ନିର୍ଭର କରୁଛି। ବାହାରେ ଖେଳିବାକୁ ଥିବା ସ୍ପିନିଂ ଟ୍ରାକ୍‌ଗୁଡ଼ିକରେ ଆମ ସ୍ପିନରମାନେ ଗତ ସିଜନରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ତେଣୁ ତା' ଉପରେ କାର୍ଯ୍ୟ କରିବା ସହିତ ଭଲ ସ୍ପିନର ସୃଷ୍ଟି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ଲକ୍ଷ୍ୟ ରଖାଯାଇଛି। ଅଭିଜ୍ଞ ଚୟନ କମିଟି ଚେୟାରମ୍ୟାନ ଅମିୟ ରାୟ, ସୁବିତ ବିଶ୍ୱାଳ, ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଏକ ସନ୍ତୁଳିତ ଦଳ ମନୋନୟନ ଉପରେ ଗୁରୁତ୍ୱ ଦେବେ ବୋଲି ଆଶା ଅଛି। ପୂର୍ବତନ ଅଭିଜ୍ଞ ପେସ୍ ବୋଲର ସୌରଜିତ ମହାପାତ୍ରଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଭିଜନ୍-୨୦୩୦ ଅନ୍ତର୍ଗତ ସିନିୟର ଖେଳାଳିମାନଙ୍କୁ ନେଇ ଏକ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ଭଲ ଅଭିଜ୍ଞତା ହାସଲ କରିଛି। ସିନିୟର ଖେଳାଳିଙ୍କ ସହିତ ସାମିଲଥିବା ୨୩ ଓ ୧୯ ବର୍ଷରୁ କମ୍ ବର୍ଗର ଖେଳାଳିମାନେ ବାହାର ପରିବେଶରେ ଶ୍ରୀଲଙ୍କାର ଇମର୍ଜିଂ ଏକାଦଶ ସହ ଅନେକଗୁଡ଼ିଏ ଅଭ୍ୟାସ ମ୍ୟାଚ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି।



**ଭିଜନ୍-୨୦୨୪ରୁ ଆଶାନୁରୂପ ସଫଳତା ପାଇ ନ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ ଏବେ ଭିଜନ୍-୨୦୩୦ ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି। ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଏକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଶ୍ରୀଲଙ୍କା ଯାଇ ବାହାର ପରିବେଶରେ ମ୍ୟାଚ ଖେଳିବାର ଅଭିଜ୍ଞତା ଲାଭ କରିଛି। ଅନେକ ନୂଆ ପଦକ୍ଷେପ ନିଆଯାଉଥିବାରୁ ସଫଳତା ପାଇବା ଆଶାରେ ରହିଛି ଓସିଏ...**

ଭିଜନ୍-୨୦୩୦ ମାଧ୍ୟମରେ ଅନେକଗୁଡ଼ିଏ ବଳିଷ୍ଠ ପଦକ୍ଷେପ ନେଇଛି ଓସିଏ। ସମ୍ପାଦକ ସଞ୍ଜୟ ବେହେରା ଏବଂ ବର୍ତ୍ତମାନର ସଭାପତି ପଙ୍କଜ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଅନ୍ୟ ସହଯୋଗୀ ସଦସ୍ୟଙ୍କ ସହଯୋଗରେ ତୃଣମୂଳସ୍ତରରୁ ଓଡ଼ିଶା କ୍ରିକେଟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପୂର୍ବରୁ ୨୦୧୧-୧୨ ଓ ୨୦୧୨-୧୩ରେ ଖେଳାଯାଇଥିବା ଫ୍ରାଞ୍ଚାଇଜଭିତ୍ତିକ ଟି୨୦ ଓଡ଼ିଶା ପ୍ରିମିୟର ଲିଗ ସେତେବେଳେ ବେଶ୍ ଲୋକପ୍ରିୟ ହୋଇଥିଲା। ଏହା ଅନେକ ଯୁବ ଖେଳାଳି ସୃଷ୍ଟି କରିବାରେ ସହାୟକ ହୋଇଥିଲା। ମାତ୍ର କେତେଗୁଡ଼ିଏ ବିବାଦୀୟ ଘଟଣା ଯୋଗୁ ଏହାକୁ ବନ୍ଦ କରି ଦିଆଯିବା ଦ୍ୱାରା ପ୍ରତିଭାସମ୍ପନ୍ନ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ମାତ୍ର ପୁନର୍ବାର ଓସିଏ ଏହାକୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଭାବରେ ଆରମ୍ଭ କରିବାକୁ ଯାଉଛି। ଏହା ଆସନ୍ତା ସେପ୍ଟେମ୍ବର ମାସରେ ଖେଳାଯିବ। ଏଥିପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଏହାର ସଫଳତା ପାଇଁ ବଡ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ୬ଟି ଦଳ ଓଡ଼ିଶାର ସବୁ ପ୍ରାନ୍ତରୁ ଯୋଗଦେବେ। ନିଲାମ ପ୍ରକ୍ରିୟା ମାଧ୍ୟମରେ ଖେଳାଳି ଚୟନ ଫ୍ରାଞ୍ଚାଇଜମାନେ କରିବେ।

ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ୧୪ବର୍ଷରୁ କମ୍ ପୁରୁଷ ଓ ମହିଳା ଖେଳାଳିଙ୍କ ପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମରେ ଏକ ଆବାସିକ କ୍ରିକେଟ ଏକାଡେମୀ ଖୋଲାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତୃଣମୂଳ ସ୍ତରରୁ କ୍ରିକେଟକୁ ଆଗକୁ ନେବାରେ ଏପରି ଏକାଡେମୀ ସହାୟକ ହେବ। ଅନ୍ୟପକ୍ଷରେ ଆଶୀର୍ବାଦ ବେହେରା ଓସିଏ ସମ୍ପାଦକ ଥିବା ବେଳେ ନିର୍ମିତ ହୋଇଥିବା ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର କାର୍ଯ୍ୟ କରୁଛି। ଏହାକୁ ଟ୍ରେନିଂ ଫିଟ୍‌ନେସ ପ୍ରାକ୍ଟିସ ପାଇଁ ବ୍ୟବହାର କରାଯିବ। ମାନସିକ ସ୍ତରରେ ଚାପମୁକ୍ତ ଭାବରେ ଖେଳ ପାଇଁ ଏହି ଟ୍ରେନିଂ କାର୍ଯ୍ୟ କରିବ। ଆମନ୍ତ୍ରଣୀୟ କ୍ରିକେଟ ମାଧ୍ୟମରେ ଅନ୍ୟ ରାଜ୍ୟ ଦଳଗୁଡ଼ିକ ସହିତ ଅଧିକରୁ ଅଧିକ ଅଭ୍ୟାସ ମ୍ୟାଚ ଖେଳିବା ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯିବା ସ୍ୱାଗତଯୋଗ୍ୟ। ଏଥିରେ ଆମ ରାଜ୍ୟର ବିଭିନ୍ନ ବର୍ଗର ଖେଳାଳିମାନେ ଅନ୍ୟ ରାଜ୍ୟ ଏପରି କି ଦେଶ ବାହାରକୁ ଯାଇ ମ୍ୟାଚ ଖେଳିବା ସହିତ ଅଭିଜ୍ଞତା ହାସଲ କରିବେ। ସେଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟଗୁଡ଼ିକରେ ମଧ୍ୟ ଭାଗ ନେଇପାରିବେ। ଏଥିପାଇଁ ବଜେଟର ବ୍ୟବସ୍ଥା କରିଛି ଓସିଏ।

ଏଥିସହିତ ଅମ୍ପାୟର ଓ ସ୍କୋରରମାନଙ୍କୁ ଟ୍ରେନିଂ ମାଧ୍ୟମରେ ଅଧିକ ପ୍ରଶିକ୍ଷଣ ଦେବା ସହିତ ଟେକ୍ନୋଲୋଜି ବ୍ୟବହାରକୁ ବ୍ୟାପକ କରିବାର ବ୍ୟବସ୍ଥା ହୋଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡ଼ିକରେ ତୃତୀୟ ଓ ଚତୁର୍ଥ ଅମ୍ପାୟରର ବ୍ୟବହାର ସହିତ ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ମ୍ୟାଚଗୁଡ଼ିକରେ କ୍ୟାମେରା ବ୍ୟବସ୍ଥା କରିବାର ନିଷ୍ପତ୍ତି ନେବାକୁ ସବୁ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଭିଜନ୍ ମାଧ୍ୟମରେ ସମସ୍ତ ଜିଲାଗୁଡ଼ିକରେ କ୍ରିକେଟ ଏକାଡେମୀ ଗଠନ କରିବା ସହିତ ଟର୍ଫ ଉଇକେଟ ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। ଏଥିପାଇଁ ଆବଶ୍ୟକ ଅର୍ଥ ଅଟକଳ କରିବା ସହିତ ନିୟମିତ ବ୍ୟବଧାନରେ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା ପାଇଁ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଓସିଏ ପ୍ରସ୍ତୁତ ରହିବ। ଆଗାମୀ ଦିନରେ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓସିଏ। ଦେଖିବାର କଥା ଭିଜନ୍-୨୦୩୦ ମାଧ୍ୟମରେ ଓଡ଼ିଶା କ୍ରିକେଟ କିପରି ସଫଳତା ହାସଲ କରୁଛି।

ODISHA PRO T20 LEAGUE



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୫/୨୦୨୫ Bhubaneswar, Friday, July 25/ 2025

# ଷ୍ଟୋକ୍ସଙ୍କୁ ୫ ଉଇକେଟ ; ଭାରତ ୩୫୮

**ମାଞ୍ଚେଷ୍ଟର,୨୪।୭**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ଭାରତୀୟ ଦଳ ୩୫୮ ରନରେ ଅଲଆଉଟ୍ ହୋଇଯାଇଛି। ଇଂଲଣ୍ଡ ପାଇଁ ଅଧିନାୟକ ବେନ ଷ୍ଟୋକ୍ସଙ୍କ ୫ ଉଇକେଟ୍ ସଫଳତା ହାତେଇଛନ୍ତି। ଜବାବରେ ଘରୋଇ ଇଂଲଣ୍ଡ ଦଳ ତା'ର ପ୍ରଥମ ଇନିଂସରେ ୨୩ ଓଭର ସୁଦ୍ଧା ବିନା କ୍ଷତିରେ ୧୧୯ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ଜ୍ୟାକ କ୍ରଲି ୬୦ ଓ ବେନ ଡକେଟ ୫୭ ରନରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡକୁ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ ୨୩୯ ରନ ଦରକାର ଥିବା ବେଳେ ଦଳ ହାତରେ ୧୦ ଉଇକେଟ ରହିଛି।

ମ୍ୟାଚ୍‌ର ଦ୍ୱିତୀୟ ଦିନ ତଥା ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୪/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଅପରାଜିତ ଥିବା ରବୀନ୍ଦ୍ର ଜାଡେଜା ୨୦ ରନ କରି ଦିନର ଦ୍ୱିତୀୟ ଓଭରରେ ଆଉଟ୍ ହୋଇଥିଲେ। ଶାର୍ଦ୍ଦୂଳ ଠାକୁରଙ୍କ ସହ ୱାଶିଂଟନ ସୁନ୍ଦର ଷଷ୍ଠ ଉଇକେଟ ପାଇଁ ୪୮ ରନ ଯୋଡ଼ିଥିଲେ। ଠାକୁର ୪୧ ରନ କରି ପାଭିଲିଅନ ଫେରିବା ପରେ କ୍ରିଜ୍‌କୁ ଓହ୍ଲାଇଥିଲେ ପନ୍ତ। ପାଦ ଫାକଚର ଯୋଗୁ ପ୍ରଥମ ଦିନ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିବା ପନ୍ତ ଆଜି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୫୪ ରନ କରିବା ସହ ଦଳୀୟ ସ୍କୋରକୁ ୩୫୦ ପାଖରେ ପହଞ୍ଚାଇଥିଲେ। ସେ ନବମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅନ୍ତିମ ବ୍ୟାଟର ଭାବେ ଯଶପ୍ରୀତ ବୁମରା (୪) ଆଉଟ୍ ହୋଇଥିଲେ। ଦଳ ପକ୍ଷରୁ ୱାଶିଂଟନ ସୁନ୍ଦର ୨୭ ରନ କରିଥିବା ବେଳେ ମହମ୍ମଦ ସିରାଜ ୫ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପାଇଁ ଅଧିନାୟକ ଷ୍ଟୋକ୍ସ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପଞ୍ଚମ ୫ ଉଇକେଟ ସଫଳତା ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିବା ବେଳେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮ /ଅଲଆଉଟ୍ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ରିଷଭ ପନ୍ତ-୫୪, ଲୋକେଶ ରାହୁଲ-୪୬, ବେନ ଷ୍ଟୋକ୍ସ-୫/୭୨, ଜୋଫ୍ରା ଆର୍ଚ୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ଇନିଂସ: ୨୩ ଓଭରରେ ୧୧୯/୦ (ବେନ ଡକେଟ-୫୭*, ଜ୍ୟାକ କ୍ରଲି-୬୦*)।

## ପନ୍ତଙ୍କ ରେକର୍ଡ

ପାଦରେ ଫ୍ୟାକ୍‌ଚର ସତ୍ତ୍ୱେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ରେକର୍ଡ କରିଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଏହା ତାଙ୍କର ପଞ୍ଚମ ଟେଷ୍ଟ ଅର୍ଦ୍ଧଶତକ ଥିଲା, ଯାହାକି ଏକ ଟେଷ୍ଟରେ ଭାରତୀୟ ଉଇକେଟ କିପରଙ୍କ ମଧ୍ୟରେ ସର୍ବାଧିକ। ଏଥିପୂର୍ବରୁ ଫାରୁଖ ଇଞ୍ଜିନିୟର ୧୯୭୨/୭୩ରେ ଇଂଲଣ୍ଡ ବିପକ୍ଷରେ ୪ ଓ ମହେନ୍ଦ୍ର ସିଂ ଧୋନୀ ୨୦୦୮-୦୯ରେ ଅଷ୍ଟ୍ରେଲିଆ ଓ ୨୦୧୪ରେ ଇଂଲଣ୍ଡ ବିପକ୍ଷରେ ୪ ଲେଖାଏ ଅର୍ଦ୍ଧଶତକ କରିଥିଲେ।



ଶଟ୍ ଖେଳୁଛନ୍ତି ରିଷଭ ପନ୍ତ।



ଉଇକେଟ ନେବା ପରେ ଉଲ୍ଲସିତ ବେନ୍ ଷ୍ଟୋକ୍ସ।



ଆନ୍ଦ୍ରିଆ ପ୍ରେଟିଙ୍କ ସହ ଭେନସ ୱିଲିୟମ୍ସ।

# ପ୍ରେଟିଙ୍କ ସହ ଭେନସଙ୍କ ନିର୍ବନ୍ଧ

**ୱାଶିଂଟନ, ୨୪।୭ (ଏପି)**

ବିଶିଷ୍ଟ ମହିଳା ଟେନିସ ଖେଳାଳି ଭେନସ ୱିଲିୟମ୍ସ ବିବାହ କରିବାକୁ ଯାଉଛନ୍ତି। ଇତିମଧ୍ୟରେ ଡେନମାର୍କ ଜନ୍ମିତ ଇଟାଲିଆନ ମଡେଲ ତଥା ଅଭିନେତା ଆନ୍ଦ୍ରିଆ ପ୍ରେଟିଙ୍କ ସହିତ ତାଙ୍କର ନିର୍ବନ୍ଧ ସମ୍ପନ୍ନ ହୋଇଛି। ଏ ନେଇ ଘୋଷଣା କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛନ୍ତି। ବର୍ଷେ ପରେ ପ୍ରଫେଶନାଲ ଟେନିସକୁ ପ୍ରତ୍ୟାବର୍ତ୍ତନ କରି ପ୍ରଥମ ସିଙ୍ଗଲ୍ସ ମ୍ୟାଚ ଜିତିବା ପରେ ସେ ଏହା ଘୋଷଣା କରିଛନ୍ତି। ଡିସି ଓପନରେ ସେ ଏହି ମ୍ୟାଚ ଖେଳୁଥିବା ସମୟରେ ତାଙ୍କ ଭାବି ସ୍ୱାମୀ ଷ୍ଟାଣ୍ଡରେ ଉପସ୍ଥିତ ରହି ମ୍ୟାଚ୍‌କୁ ଉପଭୋଗ କରୁଥିଲେ। ୪୫ବର୍ଷୀୟା ଭେନସ ୧୬ ବର୍ଷ ପରେ ୱାଶିଂଟନରେ ଏକ ଟୁର୍ନାମେଣ୍ଟ ଖେଳିଥିଲେ। ସୋମବାର ସେ ଏକ ଡବଲ୍ସ ମ୍ୟାଚ ଏବଂ ମଙ୍ଗଳବାର ଏକ ସିଙ୍ଗଲ୍ସ ମ୍ୟାଚ ଜିତିଥିଲେ। ତେବେ ବୁଧବାର ସେ ଡବଲ୍ସ ମ୍ୟାଚର ପରବର୍ତ୍ତୀ ରାଉଣ୍ଡରେ ପରାଜିତ ହୋଇଛନ୍ତି। କ୍ୟାରିୟରରେ ୭ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଭେନସ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ମାଗ୍‌ଡାଲେନା ଫ୍ରିଚ୍‌ଙ୍କ ସହିତ ମୁକାବିଲା କରୁଛନ୍ତି।

# ସ୍ୱର୍ଣ୍ଣ ପାଇଁ ଲଢ଼ିବ ପୁରୁଷ ଆର୍ଚେରୀ ଟିମ୍



ଭାରତୀୟ ମହିଳା ଓ ପୁରୁଷ ଆର୍ଚେରୀ ଦଳ।

**ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)**

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଜର୍ମାନୀର ରାଇନ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ପ୍ରତିଯୋଗୀମାନେ ଏକାଧିକ ଇଭେଣ୍ଟରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଭାରତୀୟ ପୁରୁଷ କମ୍ପାଉଣ୍ଡ ଆର୍ଚେରୀ ଦଳ ଫାଇନାଲରେ ପ୍ରବେଶ କରିଥିବାରୁ ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭାବନା ରହିଛି। ଭାରତୀୟ ମହିଳା ଦଳ ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ। ବିଚ୍ ଭଲିବଲ୍‌ରେ ମଧ୍ୟ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଆଗକୁ ବଢ଼ିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ମହିଳା ଦଳ କଲମ୍ବିଆକୁ ଏବଂ ତୃତୀୟ ରାଉଣ୍ଡରେ ପୁରୁଷ ଦଳ ମାଲଡୋଭାକୁ ଭେଟିବ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସମରଦୀପ ସିଂ ପୁରୁଷ ଶଟ୍‌ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୯.୧୦ ମିଟର ଥ୍ରୋ କରି ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ୫୦୦୦ ମିଟରରେ ସୀମା ଫାଇନାଲରେ ପହଞ୍ଚି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ଟେନିସରୁ ଭାରତକୁ ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ମିଳିବା ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ବୈଷ୍ଣବୀ ଅଦକର ସ୍ଲୋଭାକିଆର ଏସ୍‌ଜେର ମେରୀଙ୍କୁ ଭେଟିବେ।

# ଆଣ୍ଟି-ଡୋପିଂ ପ୍ୟାନେଲ ଗଠିତ

**ନୂଆଦିଲ୍ଲୀ,୨୪।୭ (ପି.ଟି.):** ସିଇଓ ରଘୁରାମ ଆୟରଙ୍କ ନିଯୁକ୍ତିକୁ ନେଇ ଦୀର୍ଘଦିନ ହେଲା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର କାର୍ଯ୍ୟକାରୀ ପରିଷଦରେ ଲାଗିଥିବା ବିବାଦର ଅନ୍ତ ଘଟିଛି। ଡୋପିଂରେ ଖରାପ ରେକର୍ଡର ସମାଧାନ କରିବା ଲାଗି ଏକ ଆଣ୍ଟି-ଡୋପିଂ ପ୍ୟାନେଲ ଗଠନ କରାଯାଇଛି।

ଗତ ବର୍ଷ ଜାନୁଆରୀରେ ଆଇଓଏ ସଭାପତି ପିଟି ଉଷା ସିଇଓ ଭାବେ ଆୟାରଙ୍କୁ ନିଯୁକ୍ତ କରିଥିଲେ। ହେଲେ ଏହାକୁ ସମର୍ଥନ ଦେବାକୁ କାର୍ଯ୍ୟକାରୀ ପରିଷଦ ସଦସ୍ୟମାନେ ମନା କରିଦେଇଥିଲେ। ଏହାର କାରଣ ଥିଲା ମାସିକ ୨୦ ଲକ୍ଷ ଟଙ୍କାର ଦରମା ସହିତ ଅନ୍ୟାନ୍ୟ ସୁବିଧା। ତେବେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ହୋଇଛି। ଫଳରେ ଆନୁଷ୍ଠାନିକ ଭାବେ ଆୟରଙ୍କ ନିଯୁକ୍ତି ବାଟ ଫିଟିଛି।

ପୂର୍ବତନ ଟେନିସ ଖେଳାଳି ରୋହିତ ରାଜପାଲଙ୍କ ନେତୃତ୍ୱରେ ଏକ ୭ ଜଣିଆ ଆଣ୍ଟି-ଡୋପିଂ ପ୍ୟାନେଲ ଗଠନ କରାଯାଇଛି। ଏଥିରେ ଅପର୍ଣ୍ଣା ପୋପଟ ଓ ସ୍ପୋର୍ଟ୍ସ ମେଡିସିନ ବିଶେଷଜ୍ଞ ପିଏସ୍‌ଏମ୍ ଚନ୍ଦ୍ରନଙ୍କ ସହ ଅନ୍ୟମାନେ ସଦସ୍ୟ ରହିଛନ୍ତି। ଗତ ମାସରେ କ୍ରୀଡ଼ା ସଚିବ ହରି ରଞ୍ଜନ ରାଓ, ଉଷା ଓ ଗୁଜରାଟ କ୍ରୀଡ଼ାମନ୍ତ୍ରୀ ହର୍ଷ ସାଙ୍ଘଭିଙ୍କୁ ନେଇ ଗଠିତ ଆଇଓଏ ପ୍ରତିନିଧି ମଣ୍ଡଳୀ ୨୦୩୬ ଅଲିମ୍ପିକ୍ସ ବିଡ୍ ଲାଗି ଲୌସାନେ ଗସ୍ତ କରିଥିଲେ।

# ସମ୍ବଲପୁର, କନ୍ଧମାଳ ବିଜୟୀ



ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)**

## ସାହାଣୀ କପ୍ ଫୁଟବଲ

ସାହାଣୀ କପ୍ ସିନିୟର ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ବୌଦ୍ଧ ଜୋନ୍‌ରେ ଅନ୍ତିମ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଓ କନ୍ଧମାଳ ଦଳ ବିଜୟୀ ହୋଇଛି। ସମ୍ବଲପୁର ୩-୦ ଗୋଲରେ ବୌଦ୍ଧକୁ ପରାସ୍ତ କରିଛି। ଦଳ ପକ୍ଷରୁ ଛବିଳ କିଷାନ, ବିଜୁ ଓରାମ ଓ ସନ୍ତୋଷ ମୁଣ୍ଡା ଗୋଲ ଦେଇଥିଲେ। ସେହିପରି କନ୍ଧମାଳ ୨-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। କନ୍ଧମାଳ ପକ୍ଷରୁ ସେକ୍ ଫରିଦ ଓ ଦେବାଶିଷ ରାମ ମାରାଣ୍ଡି ଏବଂ ବଲାଙ୍ଗୀର ପକ୍ଷରୁ ସମ୍ବିତ ନାଏକ ଗୋଲ ସ୍କୋର କରିଥିଲେ। ଏଥିସହ ବୌଦ୍ଧ ଜୋନ୍‌ରୁ ସମ୍ବଲପୁର ଓ ବରଗଡ଼ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଦୁଇ ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ରାଜ୍ୟର ଅନ୍ୟ ୩ ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା ଓ ବ୍ରହ୍ମପୁରରୁ କଟକ, କୋରାପୁଟ ଓ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି।

# ଅମନଙ୍କ ଗୋଲରେ ଓଡ଼ିଶା ବିଜୟୀ



**ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ):** ଅମୃତସରରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟବଲ ବି.ସି. ରୟ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅମନ ଲାକ୍ରା ୫୭ତମ ମିନିଟରେ ଦେଇଥିବା ଏକମାତ୍ର ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୩ ମ୍ୟାଚରୁ ଓଡ଼ିଶାର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ଜିଏନ୍‌ଡିୟୁରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା କର୍ନାଟକଠାରୁ ୧-୩ ଓ ସାହିବଜାଦା ଫତେ ସିଂ ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମଣିପୁରଠାରୁ ୧-୨ ଗୋଲରେ ହାରି ଯାଇଥିଲା।

# ସିନ୍ଧୁଙ୍କୁ ହରାଇଲେ ଉନ୍ନତି

**ଚାଙ୍ଗଝୋ, ୨୪।୭ (ପି.ଟି.)**

## ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ

ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ଦୁଇଥର ଅଲିମ୍ପିକ ପଦକ ବିଜେତା ତଥା ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟଲୱାର୍ଟ ପି.ଭି. ସିନ୍ଧୁଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୭୩ ମିନିଟ୍‌ରେ ଶେଷ ହୋଇଥିବା ଏହି ମ୍ୟାଚରେ ୧୭ ବର୍ଷୀୟା ଭାରତୀୟ ଖେଳାଳି ହୁଡା ୨୧-୧୬, ୧୯-୨୧, ୨୧-୧୩ରେ ସିନ୍ଧୁଙ୍କୁ ହରାଇ ଏକ ସୁପର ୧୦୦୦ ଇଭେଣ୍ଟରେ ପ୍ରଥମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରୋହତକର ଏହି ସ୍ୱଳ୍ପ ବୟସ୍କା ୨୦୨୨ ଓଡ଼ିଶା ମାଷ୍ଟର୍ସରେ ଏବଂ ୨୦୨୩ ଆବୁଧାବି ମାଷ୍ଟର୍ସରେ ତାଙ୍କ ସୁପର ୧୦୦ ଟାଇଟଲ ଜିତିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ତୃତୀୟ ସିଡ୍ ତଥା ଦୁଇଥର ବିଶ୍ୱ ଚାମ୍ପିୟନ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ କ୍ୱାର୍ଟଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନେ ୮ମ ସିଡ୍ ତଥା ଇଣ୍ଡୋନେସିଆନ ଯୋଡ଼ି ଲିଓ ରୋଲତ କାର୍ନାଣ୍ଡୋ ଓ ବାଗାସ ମୌଲାନାଙ୍କୁ ୨୧-୧୯, ୨୧-୧୯ରେ ପରାଜିତ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍. ପ୍ରଣୟଙ୍କ ଅଭିଯାନ ଶେଷ ହୋଇଛି। ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୬ଷ୍ଠ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କଠାରୁ ୨୧-୧୮, ୧୫-୨୧, ୮-୨୧ରେ ପରାଜିତ ହୋଇଛନ୍ତି।



ଉନ୍ନତି ହୁଡା (ଫାଇଲ ଫଟୋ)।

# ଜେଆର୍‌ଡି ଟାଟା ହକି ଟୁର୍ନାମେଣ୍ଟ ଆରମ୍ଭ

**ଭୁବନେଶ୍ୱର, ୨୪।୭ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜେଆର୍‌ଡି ଟାଟା ହକି ଟୁର୍ନାମେଣ୍ଟ ୨୦୨୫ ଗୁରୁବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର ପକ୍ଷରୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଓ ହକି ଇଣ୍ଡିଆ ସହଯୋଗରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଟାଟା ଷ୍ଟିଲର ପୂର୍ବତନ ଅଧ୍ୟକ୍ଷ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୨୧ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ଦେଶର ବିଭିନ୍ନ ହାଇପର୍‌ଫର୍ମାନ୍ସ ସେଣ୍ଟର ଓ ଏକାଡେମୀରୁ ୧୨ଟି ପୁରୁଷ ଓ ୪ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହକି ଆସୋସିଏଶନର ସାଧାରଣ ସମ୍ପାଦକ ସନାତନ ସାହୁ ଯୋଗଦାନ କରିଥିଲେ। ଏହାଛଡ଼ା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ପ୍ରଶିକ୍ଷକ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଭାଗ ନେଇଥିବା ମହିଳା ଦଳଗୁଡ଼ିକ ମଧ୍ୟରେ ଓଏନ୍‌ଟିଏଚ୍-ଏଚ୍‌ପିସି, ଷ୍ଟେଟ୍ ସେକ୍ରେଟାରିଏଟ୍, ସ୍ପୋର୍ଟ୍ସ ହଷ୍ଟେଲ, ପାନପୋଷ ଓ ସିଆର୍‌ପିଏଫ୍ ଜଳନ୍ଧର ଅନ୍ୟତମ। ପୁରୁଷ ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ସିଆର୍‌ପିଏଫ୍ ଜଳନ୍ଧର, ସ୍ପୋର୍ଟ୍ସ ହଷ୍ଟେଲ ପାନ୍‌ପୋଷ, ଓଡ଼ିଶା ଜୁନିୟର ଓ ଆଇଓବି ଚେନ୍ନାଇ ଟିମ୍ ରହିଥିବା ବେଳେ ପୁଲ୍ 'ବି'ରେ ଭାରତୀୟ ନୌସେନା, ଓଏନ୍‌ଟିଏଚ୍-ଏଚ୍‌ପିସି, ଇଣ୍ଡିଆନ ବ୍ୟାଙ୍କ ଏବଂ ଭୁବନେଶ୍ୱର ଏକ୍ସଆଇ ରହିଛି। ଏହି ଟୁର୍ନାମେଣ୍ଟ ଲିଗ୍-କମ୍-ନକ୍-ଆଉଟ ଭିତ୍ତିରେ ଖେଳାଯାଉଛି। ଲିଗ୍ ମ୍ୟାଚ ୨୬ ପର୍ଯ୍ୟନ୍ତ ଖେଳାଯିବାକୁଥିବା ବେଳେ ସେମିଫାଇନାଲ ୨୮ ଓ ଫାଇନାଲ ୨୯ ତାରିଖରେ ଅନୁଷ୍ଠିତ ହେବ।



ଜେଆର୍‌ଡି ଟାଟା ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଏକ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ